


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-346 ◆SUNDAY ◆14 JUNE 2026 ◆PAGE-12+4 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୪୬ ◆ରବିବାର ◆୧୪ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଆସାମରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

# ୨ ଅଗ୍ନିବୀରଙ୍କ ସମେତ ୫ ସହିଦ

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଆସାମର ଯୋରହାଟ ଏୟାର ବେସଠାରେ ଶନିବାର ଭାରତୀୟ ବାୟୁସେନାର ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ବାୟୁସେନାର ଏକ 'ଏଏନ୍-୩୨' ପରିବହନ ବିମାନ ଅବତରଣ କରୁଥିବା ସମୟରେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁଃଖଦ ଘଟଣାରେ ବାୟୁସେନାର ୫ ଜଣ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ବିମାନର ସହ-ଚାଳକ ବା କୋ-ପାଇଲଟ୍ ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଯୋରହାଟ ବାୟୁସେନା ଘାଟି ଭିତରେ ବିମାନଟି ଲ୍ୟାଣ୍ଡ କରିବା ମାତ୍ରେ ହିଁ



### ଶୋକ ପ୍ରକାଶ କଲେ ନବୀନ

ଏଥିରେ ହଠାତ୍ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଘଟଣାସ୍ଥଳକୁ ଦମକଳ ବାହିନୀ ପଠାଯାଇ ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବାୟୁସେନାର ବରିଷ୍ଠ ଅଧିକାରୀମାନେ ତୁରନ୍ତ ସେଠାରେ ପହଞ୍ଚି ଜରୁରୀକାଳୀନ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଭାରତୀୟ ବାୟୁସେନା ପକ୍ଷରୁ ଏହି ଦୁର୍ଘଟଣାରେ ୫ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ନେଇ ଆଧିକାରିକ ଭାବେ ସ୍ପଷ୍ଟ କରାଯାଇଛି। ସେମାନଙ୍କର ପରିଚୟ ମଧ୍ୟ ପ୍ରକାଶ କରାଯାଇଛି। ଏହି ଦୁର୍ଘଟଣାରେ ବିମାନର କୋ-ପାଇଲଟ୍ ଜୀବିତ ଅଛନ୍ତି ଏବଂ ବର୍ତ୍ତମାନ ▶ପୃଷ୍ଠା-୭



# ଅଶୋଧିତ ତୈଳ ଦରରେ ବୃହତ ହ୍ରାସ

## ପାକିସ୍ତାନରେ କ୍ରମାଗତ ୫ ଥର କମିଲାଣି ପେଟ୍ରୋଲ-ଡିଜେଲ ଦର

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇ ତିନି ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ତେଲ ଦରରେ ଏହି ହ୍ରାସ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି, ଯେ କି ବହୁ ପରିମାଣରେ ଅଶୋଧିତ ତୈଳ ଆମଦାନୀ କରିଥାଏ। ଆଜି କମୋଡିଟି ବଜାରରେ ଅଶୋଧିତ ତୈଳ ମୂଲ୍ୟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୩.୪୨୦ ଡଲାର ହ୍ରାସ ପାଇ ୮୪.୨୯୦ ଡଲାରକୁ ଖସିଆସିଛି। ଏହି ହ୍ରାସ ବିଶ୍ୱବ୍ୟାପୀ ତୈଳ ଚାହିଦାରେ ହ୍ରାସ ହେତୁ ହୋଇଛି। ଅଶୋଧିତ ତୈଳ ଦରରେ ହ୍ରାସର ଲାଭ କିନ୍ତୁ ଖାଉଟିଙ୍କୁ ମିଳିପାରିନାହିଁ। ବିଶ୍ୱ ବଜାରରେ ମହଙ୍ଗା ତେଲ ଦର ଯୋଗୁ ଭାରତରେ



### ଭାରତରେ ୪ ଥର ବଢ଼ିଲାଣି

ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିଚାଲିଥିଲା। ହେଲେ ଏବେ ଦର କମୁଥିବାବେଳେ ତେଲ କମ୍ପାନୀ ନିରବ। ଯଦିଓ ଭାରତରେ ତୈଳ ବିପଣନକାରୀ କମ୍ପାନୀ(ଓଏମ୍‌ସି) ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ବୃଦ୍ଧି କରିଚାଲିଛନ୍ତି। ହେଲେ ପାକିସ୍ତାନରେ ଏହାର ବିପରୀତ ଘଟଣା ଘଟୁଛି। ଇତିମଧ୍ୟରେ ପାକିସ୍ତାନରେ କ୍ରମାଗତ ଭାବେ ୫ ଥର ପେଟ୍ରୋଲ-ଡିଜେଲ ମୂଲ୍ୟରେ ହ୍ରାସ ଘଟିଛି। ଅପରପକ୍ଷେ ଭାରତରେ କ୍ରମାଗତ ଭାବେ ୪ ଥର ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ହୋଇଛି। ପାକିସ୍ତାନରେ ପେଟ୍ରୋଲ ଲିଟର ପିଛା ୪ ଟଙ୍କା ଏବଂ ଡିଜେଲ ୨ ଟଙ୍କା ହ୍ରାସ ▶ପୃଷ୍ଠା-୭

# ଛୁଇଁ ଦେଇ ଲୁଚିଗଲା ମୌସୁମୀ

## ଉପକୂଳରେ କମ୍ ବର୍ଷା; ବିଳମ୍ବ ହେବ ଚାଷକାର୍ଯ୍ୟ

■ ଭୁବନେଶ୍ୱର, ୧୩।୬ (ସମିସ): ଓଡ଼ିଶାର ଉପକୂଳ ଅଞ୍ଚଳ ଦେଇ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିଥିବା କଥା ଗତକାଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଘୋଷଣା କରିଥିଲା। କିନ୍ତୁ ସୁଖିଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ କମ୍ ବର୍ଷା ଯୋଗୁଁ ମୌସୁମୀକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଛି। ମୌସୁମୀ ରାଜ୍ୟର ୪ ଟି ଜିଲ୍ଲାକୁ ଆଂଶିକ ଛୁଇଁଥିବା କଥା ଆଇଏମ୍‌ଡି କହିଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହା ଅଗ୍ରସର ହୋଇପାରିନି। ଓଡ଼ିଶାକୁ ମୌସୁମୀ ଛୁଇଁ ଦେଇ ଲୁଚକାଳି ଖେଳୁଥିବାରୁ ରାଜ୍ୟବାସୀ



ମୌସୁମୀକୁ ଚାହିଁ ରହିଛନ୍ତି। ଅନ୍ୟପଟେ ରଜ ପହଞ୍ଚିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୌସୁମୀ ସଠିକ୍ ଢଙ୍ଗରେ ନ ପହଞ୍ଚିବା ଓ ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ନ ହେବା ରାଜ୍ୟର ଚାଷ କାର୍ଯ୍ୟ ପ୍ରତି ବିପଦ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାର ଉପକୂଳ ଅଞ୍ଚଳରେ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିସାରିଛି। ତେବେ, ସାରା ରାଜ୍ୟରେ ବ୍ୟାପକ ଏବଂ ଚାଷ ପାଇଁ ଉପଯୋଗୀ ବର୍ଷା ହେବାରେ ବିଳମ୍ବ ▶ପୃଷ୍ଠା-୭

## କୃଷି ଅଭିବୃଦ୍ଧି ଶୂନ୍ ଆଶଙ୍କା

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଏଲ୍-ନିନୋକୁ ନେଇ ଚିନ୍ତା ବଢୁଥିବାବେଳେ ଦେଶର କୃଷି କ୍ଷେତ୍ର ପାଇଁ ଏବେ ବଡ଼ ବିପଦ ଆସିବାକୁ ଯାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏଲ୍-ନିନୋ ଭୟରେ ଚାଷୀମାନେ ପୂର୍ବରୁ ଜଳପ୍ରବଣ ଏବଂ ଅଧିକ ଅମଳକାରୀ ଫସଲରୁ କମ୍ ପାଣି ଆବଶ୍ୟକ କରୁଥିବା ଏବଂ କମ୍ ରାଜସ୍ୱ ଦେଉଥିବା ଫସଲ (ଯେପରିକି ବାଜରା, ଯ ଏବଂ ମୁଗ)କୁ ସ୍ଥାନାନ୍ତରିତ ହେବାକୁ ଯୋଜନା କରିଛନ୍ତି। କାରଣ ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ୨୦୨୬-୨୭ରେ କୃଷି କ୍ଷେତ୍ରର ମୋଟ ଘରୋଇ ଉତ୍ପାଦ (ଜିଡିପି) ସ୍ଥିର ରହିବ କିମ୍ବା ସାମାନ୍ୟ ହ୍ରାସ ପାଇବ। ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍ସର ବିଶିଷ୍ଟ ପ୍ରଫେସର ଏବଂ କୃଷି ଖର୍ଚ୍ଚ ଏବଂ ମୂଲ୍ୟ କମିଶନର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହାକୁ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କେତେବେଳେ ଏବଂ କେତେ ବର୍ଷା ହେବ ତାହା ଉପରେ ନିର୍ଭର କରି, କୃଷି ଜିଡିପି ଅଭିବୃଦ୍ଧି ଶୂନ୍ୟ ପାଖାପାଖି କିମ୍ବା ନକାରାତ୍ମକ ହୋଇପାରେ।






# ଚାମେଲିଙ୍କୁ ନେଇ ରାଜନୀତି ସରଗରମ

- ଜେଲରେ ଅସୁସ୍ଥ ହେବାରୁ ପୁଣି ଡାକ୍ତରଖାନାକୁ ଆଣିଲା ପୁଲିସ
- ସମର୍ଥନରେ ବାହାରିଲେ ପିସିସି ସଭାପତି ଭକ୍ତ ଦାସ
- ଥାନା ଘେରିଲା କଂଗ୍ରେସ ଓ ବିଜେପି

■ କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୩।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନୈତିକ ପରିବେଶ ସରଗରମ ହୋଇଉଠିଛି। ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ଘଟଣା ପରେ ରୁଜୁ ହୋଇଥିବା ମାମଲା ଓ ପରବର୍ତ୍ତୀ ସମୟରେ ଚାମେଲି ଓଝାଙ୍କ ଗିରଫକୁ ନେଇ କଂଗ୍ରେସ, ବିଜେଡି, ବିଜେପି ଓ ସିପିଆଇ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପଟେ ▶ପୃଷ୍ଠା-୭

## ଝାରସୁଗୁଡ଼ା ହାର୍ଟ ହସ୍ପିଟାଲ
# ପୁନଃ ଉଦ୍‌ଘାଟନ ପ୍ରୟାସ

■ ଭୁବନେଶ୍ୱର, ୧୩।୬ (ସମିସ): ଝାରସୁଗୁଡ଼ା ସ୍ୱାସ୍ଥ୍ୟ ସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ସ୍ଥାନୀୟ ହାର୍ଟ ହସ୍ପିଟାଲ (ହୃଦ୍‌ରୋଗ ଚିକିତ୍ସାଳୟ)ର ପୁନଃ ଉଦ୍‌ଘାଟନ ପ୍ରୟାସକୁ ନେଇ ଏବେ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ବିଧାୟକଙ୍କ ଦ୍ୱାରା ହସ୍ପିଟାଲର ଦ୍ୱିତୀୟ ସରକାରୀ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ତୀବ୍ର ବିରୋଧ କରିଛନ୍ତି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ। ଗତ ୨୦୨୪ ମସିହା ଫେବ୍ରୁଆରୀ ୨୬ ତାରିଖରେ ଏହି ହସ୍ପିଟାଲର ଉଦଘାଟନ ବେଳର ଫଟୋଚିତ୍ର ତଥା ଏହା ପୂର୍ବରୁ ହସ୍ପିଟାଲ ସ୍ଥାପନ ନେଇ ତଥ୍ୟ ପ୍ରମାଣ ଦେଖାଇ ଦୀପାଳି ବିଧାୟକଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟର ପରିଶ୍ରମ ଓ ସଂଘର୍ଷକୁ ନିଜର କହି ▶ପୃଷ୍ଠା-୭



- ଟଙ୍କଧରଙ୍କୁ ଘେରିଲେ ଦୀପାଳି
- ଅନ୍ୟର ପରିଶ୍ରମ ଓ ସଂଘର୍ଷକୁ ନିଜର କହି ବାହାବାହା ନେବାକୁ ଅପଚେଷ୍ଟା କରୁଛନ୍ତି ବିଧାୟକ
- ୨୦୨୪ ଫେବ୍ରୁଆରୀ ୨୬ରେ ନବୀନ କରିଥିଲେ ହସ୍ପିଟାଲ ଉଦ୍‌ଘାଟନ


15001/67/2627




## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0067



# ଜେନେରାଲ ଧୀରଜ ସେଠ୍ ନୂଆ ସେନାମୁଖ୍ୟ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଭାରତୀୟ ସ୍ଥଳସେନାର ନୂତନ ମୁଖ୍ୟ ଭାବେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ନିଯୁକ୍ତ ହୋଇଛନ୍ତି। ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆସନ୍ତା ଜୁନ୍ ୩୦ ତାରିଖରେ ଅବସର ନେବା ପରେ ସେ ଏହି ସର୍ବୋଚ୍ଚ ପଦବୀର ଦାୟିତ୍ୱ ଗ୍ରହଣ କରିବେ। ବର୍ତ୍ତମାନ ସେନା ଉପ-ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଧୀରଜ ସେଠ୍ ହେଉଛନ୍ତି ଖଡ଼କୱାସଲାସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀର ଜଣେ ପ୍ରାକ୍ତନ ଛାତ୍ର। ସେ ୧୯୮୬ ମସିହା ଡିସେମ୍ବର ମାସରେ ସେନାର ସାଞ୍ଜୁଆ ବାହିନୀରେ ଯୋଗ ଦେଇଥିଲେ। ପ୍ରାୟ ଚାରି ଦଶନ୍ଧିର ସେନା ସେବା ମଧ୍ୟରେ ସେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ନିରୋଧୀ ବାହିନୀ ଏବଂ ସେନାର ପ୍ରମୁଖ ଆକ୍ରମଣକାରୀ ବାହିନୀ 'ସୁଦର୍ଶନ ଚକ୍ର କୋର୍'ର ନେତୃତ୍ୱ ନେଇଛନ୍ତି। ଏହାସହ ଦିଲ୍ଲୀ ଅଞ୍ଚଳର ମୁଖ୍ୟ ସାମରିକ ଅଧିକାରୀ ଭାବେ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସେନା କମାଣ୍ଡର ମୁଖ୍ୟ ଭାବେ ସେ କାର୍ଯ୍ୟ କରିବାର ବିରଳ ଗୌରବ ହାସଲ କରିଛନ୍ତି। ସେନାର ଆଧୁନିକୀକରଣ ଏବଂ ନୂତନ ଯୁଦ୍ଧ କୌଶଳ ପ୍ରସ୍ତୁତିରେ ତାଙ୍କର ପ୍ରଭାବଶାଳୀ ଅବଦାନ ରହିଛି।



# ବିମାନ ଶୌଚାଳୟର ସ୍ୱିକର ଭିତରୁ ୪ କୋଟି ଟଙ୍କାର ସୁନା ଜବତ

ଅହମଦାବାଦ୍,୧୩।୬(ଏଜେନ୍ସି): ଗୁଜରାଟର ଅହମ୍ମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରେ କଷ୍ଟମ୍ସ ଅଧିକାରୀମାନେ ଏକ ବଡ଼ ଧରଣର ସୁନା ଚୋରା ଚାଲାଣର ପର୍ଦ୍ଦାଫାଶ କରିଛନ୍ତି। ଦୁବାଇରୁ ଆସିଥିବା ଇଣ୍ଡିଗୋ ବିମାନ (୬ଇ-୧୪୭୮)ର ଶୌଚାଳୟ ଭିତରୁ ପ୍ରାୟ ୪.୨୬ କୋଟି ଟଙ୍କାର ସୁନା ଜବତ କରାଯାଇଛି। ବିମାନର



ଇଞ୍ଜିନିୟରମାନଙ୍କ ସହାୟତାରେ କଷ୍ଟମ୍ସ ଅଧିକାରୀମାନେ ଯାଞ୍ଚ କରିବା ସମୟରେ, ଶୌଚାଳୟ କାନ୍ଥରେ ଲାଗିଥିବା ଏବଂ ସୂଚନା ଦେବା ପାଇଁ ବ୍ୟବହୃତ ହେଉଥିବା ଏକ ସ୍ୱିକର ବାକ୍ସ ଭିତରୁ କଳା ପ୍ଲାଷ୍ଟିକ୍ ଟେପ୍‌ରେ ଗୁଡ଼ାଯାଇଥିବା ଦୁଇଟି ପାଉଚ୍ ମିଳିଥିଲା। ସେହି ସ୍ୱିକରକୁ ଖୋଲିବା ପରେ ସେଥିରୁ ବିଦେଶୀ ପରିଚୟ ଥିବା ୨୪ଟି ସୁନା ବିସ୍କୁଟ୍ ଉଦ୍ଧାର କରାଯାଇଥିଲା। ଏହି ସମସ୍ତ ସୁନା ୨୪ କ୍ୟାରେଟ୍ ର ଥିଲା, ଯାହାର ଓଜନ ପ୍ରାୟ ୨.୮ କିଲୋଗ୍ରାମ ଏବଂ ଭାରତୀୟ ବଜାରରେ ଏହାର ମୂଲ୍ୟ ୪,୨୬,୮୯,୩୨୫ ଟଙ୍କା ବୋଲି ଜଣାପଡ଼ିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, କୌଣସି ଘରୋଇ ଯାତ୍ରୀ କିମ୍ବା ବିମାନବନ୍ଦରର କର୍ମଚାରୀଙ୍କ ସହାୟତାରେ ପରେ ଏହି ସୁନାକୁ ବାହାରକୁ ଆଣିବା ପାଇଁ ସେଠାରେ ଲୁଚାଇ ରଖାଯାଇଥିଲା। ତେବେ କଡ଼ା ଚେକିଂ ଭୟରେ ଚୋରା ଚାଲାଣକାରୀ ଏହାକୁ ସେଠାରେ ଛାଡ଼ି ପଳାଇଥିଲା ଏବଂ କେହି ଏହାକୁ ନିଜର ବୋଲି ଦାବି କରିନାହାନ୍ତି। କଷ୍ଟମ୍ସ ଆକ୍ଟ, ୧୯୬୨ ଅଧୀନରେ ଏହି ସୁନାକୁ ଜବତ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଅଖିଳେଶଙ୍କ ଝିଅଙ୍କୁ ଟ୍ରୋଲିଂ

ଆଜମଗଡ଼,୧୩।୬(ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଝିଅ ଅଦିତିଙ୍କ ବିରୋଧରେ ସୋସିଆଲ ମିଡିଆରେ କରାଯାଇଥିବା ଆପତ୍ତିଜନକ ଏବଂ ଅପମାନଜନକ ମନ୍ତବ୍ୟକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ନିନ୍ଦା କରିଛନ୍ତି। ଯୋଗୀ କହିଛନ୍ତି ଯେ କାହାରି ଝିଅ ବା ଭଉଣୀଙ୍କୁ ଅପମାନିତ କରିବା ଏକ ଅତି



ନିନ୍ଦନୀୟ କାର୍ଯ୍ୟ ଏବଂ ଏଥିପାଇଁ ପୁଲିସକୁ ତୁରନ୍ତ ଏଫ୍‌ଆଇଆର୍ ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୯ ତାରିଖରେ ଭରତ କୁମାର ପଟେଲ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଅଦିତିଙ୍କର ଏକ ବିକୃତ ଫଟୋ ସହ ମିଥ୍ୟା ଓ ଆପତ୍ତିଜନକ ପୋଷ୍ଟ କରିଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭରତଙ୍କ ସମେତ ତାଙ୍କ ପୋଷ୍ଟରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ନାଗେଶ୍ୱର ସିଂହ ଏବଂ ବିନୋଦ କୁମାର ଯାଦବଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ନକଲି ବ୍ରିଗେଡିୟର ଗିରଫ

ଶାହଜାହାନପୁର,୧୩।୬(ଏଜେନ୍ସି):ଉତ୍ତରପ୍ରଦେଶର ଶାହଜାହାନପୁରରେ ସେନାର ଜଣେ ନକଲି ବ୍ରିଗେଡିୟରଙ୍କୁ ଗିରଫ କରାଯାଇଛି। ସାମରିକ ଡାକ୍ତର ହେବାର ସ୍ୱପ୍ନ ପୂରଣ ନହେବାରୁ ଜଣେ ୨୧ ବର୍ଷୀୟ ଯୁବକ ନିଜକୁ ନକଲି ସେନା ଅଧିକାରୀ ସଜାଇ ଦୀର୍ଘ ଦିନ ଧରି ଲୋକଙ୍କୁ ପ୍ରତାରିତ କରୁଥିଲେ। ଗିରଫ ଯୁବକ ଜଣକ ହେଲେ ଆର୍ୟ୍ୟନ ବର୍ମା। ସେ ଚିକିତ୍ସା ବିଜ୍ଞାନ ପ୍ରବେଶିକା ପରୀକ୍ଷାରେ ବାରମ୍ବାର ବିଫଳ ହେବା ପରେ ନିଜ ପରିବାର ଓ ସମାଜ ଆଗରେ ମିଛ କହି ସେନାର ଜଣେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପୋଷାକ ପିନ୍ଧି ବୁଲୁଥିଲେ। ସେ ନିଜର ଏକ ବିଳାସପୂର୍ଣ୍ଣ ଗାଡ଼ିରେ ସେନା ମୁଖ୍ୟାଳୟର ପତାକା ଏବଂ ସେନା ସଂକେତ ଲଗାଇଥିଲେ। ସନ୍ଦେହ ହେବାରୁ ସେନା ଅଧିକାରୀମାନେ ଏକ କୌଶଳ କରି ତାଙ୍କୁ ଛାତ୍ରମାନଙ୍କର ଏକ ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରିଥିଲେ। ସେ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ କାବୁ କରାଯାଇଥିଲା।

## ଲଣ୍ଡନରେ ଭାରତୀୟଙ୍କୁ ୩୪ ବର୍ଷ ଜେଲ୍

ଲଣ୍ଡନ,୧୩।୬(ଏଜେନ୍ସି): ଲଣ୍ଡନରେ ଜଣେ ୨୪ ବର୍ଷୀୟା ଯୁବତୀଙ୍କୁ ଅପହରଣ, ନିର୍ଯ୍ୟାତନା ଏବଂ ଦୁଷ୍କର୍ମ କରିବା ଅଭିଯୋଗରେଜଣେଭାରତୀୟବଂଶୋଦ୍ଭବଯୁବକଙ୍କୁବ୍ରିଟେନର ଏକ ଅଦାଲତ ୩୪ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଯୁବକ ଜଣକ ହେଲେ ୩୪ ବର୍ଷୀୟ ଗଗନଦୀପ ସିଂହ। ୨୦୨୪ ମସିହା ଜୁନ୍ ମାସରେ ଥାଇଲ୍ୟାଣ୍ଡରୁ ବ୍ରିଟେନକୁ ଏକ ସନ୍ଦେହଜନକ ସୁଟକେସ୍ ଆଣିବାକୁ ଯୁବତୀ ଜଣକ ମନା କରିଦେଇଥିଲେ। ଏହି କାରଣରୁ ବର୍ମିଂହାମ ବିମାନବନ୍ଦରରେ ପହଞ୍ଚିବା ପରେ କିଛି ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଜୋର ଜବରଦସ୍ତ କାର୍‌ରେ ଅପହରଣ କରି ଲଣ୍ଡନ ନେଇଯାଇଥିଲେ। ସେଠାରେ ଗଗନଦୀପ ଓ ତାର ସହଯୋଗୀମାନେ ଯୁବତୀଙ୍କୁ ଏକ ଘରେ ବନ୍ଦୀ କରି ରଖିବା ସହ ପ୍ରାୟ ଏକ ଦିନରୁ ଅଧିକ ସମୟ ଧରି ପ୍ରବଳ ମାଡ଼ ମାରି, ଚେଙ୍କ ଦେଇ ଏବଂ ଦୁଇଥର ଦୁଷ୍କର୍ମ କରି ଅମାନୁଷିକ ନିର୍ଯ୍ୟାତନା ଦେଇଥିଲେ। ।

## ଆସାମରେ ଆଧାର କାର୍ଡ କଟକଣା

ଗୌହାଟୀ,୧୩।୬(ଏଜେନ୍ସି): ଅନୁପ୍ରବେଶକୁ ରୋକିବା ଏବଂ ବିଦେଶୀ ନାଗରିକମାନଙ୍କୁ ଭାରତୀୟ ପରିଚୟ ପତ୍ରରୁ ବଞ୍ଚିତ କରିବା ପାଇଁ ଆସାମରେ ଏଣିକି ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ପାଇଁ ଆଧାର କାର୍ଡ ପ୍ରଦାନ ପ୍ରକ୍ରିୟା ଉପରେ କଠୋର କଟକଣା ଲଗାଯାଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ, କେତେକ ସ୍ୱତନ୍ତ୍ର ମାମଲାକୁ ଛାଡ଼ିଦେଲେ ବୟସ୍କ ବ୍ୟକ୍ତିମାନଙ୍କୁ ସହଜରେ ଆଧାର କାର୍ଡ ମିଳିବ ନାହିଁ। ଏହି ନୂତନ ଆବେଦନଗୁଡ଼ିକୁ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍)ଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ଏବଂ ଯାଞ୍ଚ ପରେ ହିଁ ଯୋଗ୍ୟତା ନିରୂପଣ କରାଯିବ। ଅଧିକାଂଶ ଜିଲ୍ଲାରେ ଆଧାର ପଞ୍ଜୀକରଣ ଶତପ୍ରତିଶତ ପାର୍ କରିସାରିଛି। କୌଣସି ଅନୁପ୍ରବେଶକାରୀ ଯେପରି ଏହାର ସୁଯୋଗ ନ ନେଇପାରିବେ, ସେଥିପାଇଁ ଏହି ପଦକ୍ଷେପ ଜରୁରୀ।

## ଭାରତ ସପକ୍ଷରେ ବାହାରିଲା ଫିନ୍‌ଲ୍ୟାଣ୍ଡ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ରୁଷିଆଠାରୁ ଭାରତର ଅଶୋଧିତ ତେଲ କ୍ରୟକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଫିନଲ୍ୟାଣ୍ଡ ଭାରତ ସପକ୍ଷରେ ମତ ଦେଇଛି। ଫିନଲ୍ୟାଣ୍ଡର ବୈଦେଶିକ ମନ୍ତ୍ରୀ ଏଲିନା ଭାଲ୍‌ଟୋନେନ୍ କହିଛନ୍ତି ଯେ ଭାରତ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ସୀମା ମଧ୍ୟରେ ହିଁ ତେଲ କିଣିଛି, ଯାହା ସମ୍ପୂର୍ଣ୍ଣ ନିୟମାନୁଯାୟୀ।

# ୨୪ ଘଣ୍ଟା ଭିତରେ ଶାନ୍ତି ଚୁକ୍ତି ?



● ଆମେରିକା ଶତକଡ଼ା ୮୦ ରୁ ୮୫ ଭାଗ ଆଶାବାଦୀ
● କିନ୍ତୁ ଇରାନ ରଖିଲା କଠିନ ସର୍ତ୍ତ

ୱାଶିଂଟନ,୧୩।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘଦିନର ବିବାଦର ଅନ୍ତ ଘଟିବା ନେଇ ଏକ ବଡ଼ ସଙ୍କେତ ମିଳିଛି। ଉଭୟ ଦେଶ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ଆମେରିକାର ଜଣେ ବରିଷ୍ଠ ଅଧିକାରୀ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ଚୁକ୍ତି ସଫଳ ହେବା ନେଇ ପୂର୍ବରୁ ଯେଉଁ ଆଶା ଶତକଡ଼ା ୭୫ ଭାଗ ଥିଲା, ତାହା ଏବେ ବୃଦ୍ଧି ପାଇ ଶତକଡ଼ା ୮୦ ରୁ ୮୫ ଭାଗରେ ପହଞ୍ଚିଛି। ଆସନ୍ତା କିଛି ଦିନ ମଧ୍ୟରେ ଏହି ଚୁକ୍ତିର ପ୍ରାରମ୍ଭିକ ରୂପରେଖ ସ୍ୱାକ୍ଷରିତ ହୋଇପାରେ, କିନ୍ତୁ ଏହାକୁ ଚୂଡ଼ାନ୍ତ ରୂପ ଦେବା ଏତେ ସହଜ ନୁହେଁ କାରଣ ଇରାନର ଆଭ୍ୟନ୍ତରୀଣ ନିଷ୍ପତ୍ତି ପ୍ରକ୍ରିୟା ବେଶ୍ ଜଟିଳ। ଆମେରିକା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଶାନ୍ତି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ବେଶ୍ ସ୍ପଷ୍ଟ। ପ୍ରଥମତଃ, ଏହା ଦ୍ୱାରା ଅନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ପଥରେ ଥିବା ଅବରୋଧ ହଟିବ ଏବଂ ଜଳପଥ ପୁଣି ଥରେ ମୁକ୍ତ ହେବ। ଦ୍ୱିତୀୟତଃ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବ। ତୃତୀୟତଃ, ଇରାନ ପାଖରେ ଥିବା ସମସ୍ତ ସମୃଦ୍ଧ ପରମାଣୁ ସାମଗ୍ରୀକୁ ସେହି ସ୍ଥାନରେ ହିଁ ନଷ୍ଟ କରାଯିବ ଏବଂ ପରେ ତାହାକୁ ଦେଶ ବାହାରକୁ ପଠାଇ ଦିଆଯିବ। ଏହି ଚୁକ୍ତି ସ୍ୱାକ୍ଷର ହେବା ମାତ୍ରେ ହିଁ ଇରାନକୁ କୋଟି କୋଟି ଡଲାରର ଆର୍ଥିକ ଫାଇଦା ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଆମେରିକା ଏହି ଗୁଜବକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। ପ୍ରଶାସନ ସ୍ପଷ୍ଟ କରିଛି ଯେ କେବଳ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଦେଲେ ଇରାନକୁ କୌଣସି ଅର୍ଥ ମିଳିବ ନାହିଁ। ଇରାନ ଯଦି ନିଜର ପ୍ରତିଶ୍ରୁତି ରକ୍ଷା କରିବ, ପରମାଣୁ ସାମଗ୍ରୀ ହସ୍ତାନ୍ତର କରିବ ଏବଂ ଆଞ୍ଚଳିକ ଶାନ୍ତି ରକ୍ଷା ଦିଗରେ କାର୍ଯ୍ୟ କରିବ, ତେବେ ଯାଇ ତାର ଆଭ୍ୟନ୍ତରୀଣ ଅର୍ଥନୀତି ଉପରୁ କଟକଣା ହଟାଯିବ ଏବଂ ପର୍ଯ୍ୟାୟକ୍ରମେ ଆର୍ଥିକ ସହାୟତା ମିଳିବ। ଏହି ଚୁକ୍ତିକୁ ଏକ ବଡ଼ ରଣନୀତିକ ବିଜୟ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ କିଛି ଦ୍ୱନ୍ଦ୍ୱ ରହିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଏହି ପ୍ରସ୍ତାବିତ ଚୁକ୍ତି କେବଳ ୬୦ ଦିନ ପାଇଁ ଏକ ସାମୟିକ ଯୁଦ୍ଧବିରତି ସ୍ଥାପନ କରିବ। ଏହା ପରେ ପରମାଣୁ କାର୍ଯ୍ୟକ୍ରମ ଏବଂ ଇରାନର ଜବତ ହୋଇ ରହିଥିବା ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରାଯିବ। ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଦୁଇ ଦେଶ ଶାନ୍ତିର ବେଶ୍ ନିକଟତର ହୋଇଛନ୍ତି, କିନ୍ତୁ ଆମେରିକାର ବର୍ତ୍ତମାନର ଶାସନ ପ୍ରଶାସନ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ନାହିଁ। ଅପରପକ୍ଷରେ, ଇରାନର ମୁଖ୍ୟ ଆଲୋଚନାକାରୀ ସୋସିଆଲ ମିଡିଆରେ ଚେତାବନୀ ଦେଇ ଲେଖିଛନ୍ତି ଯେ, ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା ଅକ୍ଷରଗୁଡ଼ିକରେ ପାଳନ ହେବା ଦରକାର, ଏଥିରେ କୌଣସି ବାହାନା ଚଳିବ ନାହିଁ।

# ଘୋର ଜଳ ସଙ୍କଟରେ ପାକିସ୍ତାନ

ଇସଲାମାବାଦ,୧୩।୬(ଏଜେନ୍ସି): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ଦ୍ୱାରା 'ସିନ୍ଧୁ ଜଳ ଚୁକ୍ତି' (ଇଣ୍ଡସ ୱାଟର ଟ୍ରିଟି) ସ୍ଥଗିତ ରଖାଯିବା ନିଷ୍ପତ୍ତି ପାକିସ୍ତାନ ପାଇଁ ଏକ ବଡ଼ ସଙ୍କଟ ପାଲଟିଛି। ଏହାର ପ୍ରଭାବରେ ପାକିସ୍ତାନର ସିନ୍ଧ ଏବଂ ବେଲୁଚିସ୍ତାନ ପ୍ରଦେଶରେ ଭୟଙ୍କର ଜଳାଭାବ ଦେଖାଦେଇଛି, ଯାହା ଦେଶର ପ୍ରାୟ ଏକ-ତୃତୀୟାଂଶ ଜନସଂଖ୍ୟାକୁ ସିଧାସଳଖ ପ୍ରଭାବିତ କରିଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିକଟରେ ସ୍ପଷ୍ଟ କରିଥିଲେ ଯେ, ଆତଙ୍କବାଦ ଏବଂ ଦ୍ୱିପାକ୍ଷିକ ଚୁକ୍ତି ଏକାଠି ଚାଲିପାରିବ ନାହିଁ। ଭାରତର ଏହି କଠୋର ଆଭିମୁଖ୍ୟ ଯୋଗୁଁ ପାକିସ୍ତାନର କୃଷି ଓ ଅର୍ଥନୀତି ବିପର୍ଯ୍ୟସ୍ତ ହେବାକୁ ବସିଛି। ପାକିସ୍ତାନୀ ଗଣମାଧ୍ୟମ 'ଡନ୍'ର ସୂଚନା ଅନୁଯାୟୀ, ସିନ୍ଧୁ ନଦୀ ଉପରେ




**ସିନ୍ଧ ଓ ବେଲୁଚିସ୍ତାନରେ ସ୍ଥିତି ଗମ୍ଭୀର**

ନିର୍ମିତ ପ୍ରମୁଖ ସୁକ୍କୁର ବ୍ୟାରେଜ୍ ଅଞ୍ଚଳରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହି ବ୍ୟାରେଜ୍ ଅଧୀନରେ ଥିବା ଦାଦୁ କେନାଲ୍‌ରେ ୮୨ ପ୍ରତିଶତ, ଉତ୍ତର-ପଶ୍ଚିମ କେନାଲ୍‌ରେ ୬୪ ପ୍ରତିଶତ ଏବଂ ରାଇସ୍ କେନାଲ୍‌ରେ ୩୮ ପ୍ରତିଶତ ପର୍ଯ୍ୟନ୍ତ ଜଳାଭାବ ଦେଖାଦେଇଛି। ଜଳ ସଙ୍କଟ ଯୋଗୁଁ ଚାଷୀମାନେ ଧାନ ଚାଷ ଆରମ୍ଭ କରିପାରୁ ନାହାନ୍ତି, ଯାହାକି ପାକିସ୍ତାନର ରପ୍ତାନି ବାଣିଜ୍ୟକୁ ବଡ଼ ଝଟ୍‌କା ଦେଇଛି। ଏହି ସଙ୍କଟ ମଧ୍ୟରେ ପାକିସ୍ତାନରେ ଆନ୍ତଃ-ପ୍ରାଦେଶିକ ରାଜନୈତିକ ବିବାଦ ମଧ୍ୟ ତେଜିବାରେ ଲାଗିଛି। ସିନ୍ଧ ପ୍ରଦେଶର ନେତାମାନେ ଅଭିଯୋଗ କରିଛନ୍ତି ଯେ, ପଞ୍ଜାବ ପ୍ରଦେଶ ନିଜ ନିର୍ଦ୍ଧାରିତ କୋଟାଠାରୁ ଅଧିକ ଜଳ ବେଆଇନ ଭାବେ ବ୍ୟବହାର କରୁଛି। ସେମାନେ ଏହାକୁ ପ୍ରଦେଶର 'ଅର୍ଥନୈତିକ ଗଣହତ୍ୟା' ବୋଲି ଅଭିହିତ କରିଛନ୍ତି। ବାହ୍ୟ କୂଟନୈତିକ ଚାପ ଏବଂ ଆଭ୍ୟନ୍ତରୀଣ ଭେଦଭାବ ଯୋଗୁଁ ଆଗାମୀ ଦିନରେ ପାକିସ୍ତାନର ଜଳ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିବାକୁ ଯାଉଛି।

**ଟିଏମ୍‌ସିରେ ବିଦ୍ରୋହ**

# ସଂଖ୍ୟା ଯୋଗାଡ଼ରେ ବ୍ୟସ୍ତ ବିଦ୍ରୋହୀ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ପଶ୍ଚିମବଙ୍ଗରେ ମମତାଙ୍କ ଟିଏମ୍‌ସିରେ ବିଦ୍ରୋହୀଙ୍କ ସଂଖ୍ୟା ନେଇ ଅସ୍ପଷ୍ଟତା ଲାଗି ରହିଥିବା ବେଳେ ପାର୍ଟିର ବରିଷ୍ଠ ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ଆଜି



**ବିଜେପି ନେତାଙ୍କୁ ଭେଟିଲେ ସୁଦୀପ**

ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ସାକ୍ଷାତ କରିଛନ୍ତି। ଏହି ବିଦ୍ରୋହୀ ଗୋଷ୍ଠୀରେ ତୃଣମୂଳ କଂଗ୍ରେସର ପ୍ରାୟ ୧୯ ଜଣ ଲୋକସଭା ସାଂସଦ ସାମିଲ ଥିବା ଦାବି କରାଯାଇଛି। ସେମାନେ ଆସନ୍ତା ସୋମବାର ଦିନ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସଂସଦରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ମାନ୍ୟତା ଦେବା ସହ କେନ୍ଦ୍ରର ଶାସକ ମେଣ୍ଟ ସହ ବସିବା ପାଇଁ ଅନୁମତି ମାଗିବେ ବୋଲି ଜଣାପଡ଼ିଛି। କାକୋଲି ଘୋଷଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହରେ ୨୦ ଜଣ ସାମିଲ ଥିବା ନେଇ ଦାବି କରାଯାଉଥିବା ବେଳେ ତିନି ଜଣ ସାଂସଦ ପ୍ରକାଶ୍ୟରେ ଖଣ୍ଡନ କରିଥିବା ବେଳେ ଅନେକ ସାଂସଦ ନିରବ ରହିଥିବାରୁ ତାଲିକା ଅସ୍ପଷ୍ଟ ରହିଛି। ତେଣୁ ଅଧିକ ସାଂସଦ ଯୋଗାଡ଼ ପ୍ରୟାସ ଜାରି ରହିଛି।

## ବିଳମ୍ବିତ ରାତିରେ ଅଭିଷେକଙ୍କ ଘରେ ପୁଲିସ ଚଢ଼ଉ, ପହଞ୍ଚିଲେ ମମତା

କୋଲକାତା,୧୩।୬(ଏଜେନ୍ସି): ଶୁକ୍ରବାର ଏବଂ ଶନିବାର ମଧ୍ୟବର୍ତ୍ତୀ ରାତି ପ୍ରାୟ ୨:୩୦ ସମୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କୋଲକାତା ବାସଭବନରେ ପଶ୍ଚିମ ମେଦିନାପୁର ପୁଲିସର ଏକ ଟିମ୍ ହଠାତ୍ ଚଢ଼ାଉ କରିଥିଲା। ଏକ ବେଆଇନ ଚାନ୍ଦା ଆଦାୟ ମାମଲାରେ ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସଚିବ ସୁମିତ ରାୟଙ୍କୁ ଗିରଫ କରିବା ପାଇଁ ପୁଲିସ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି। ଅଭିଷେକଙ୍କ ସୁରକ୍ଷାକର୍ମୀ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ ପରେ ପୁଲିସ ଜବରଦସ୍ତି ଘର ଭିତରକୁ ପଶି ସର୍ଚ୍ଚ କରିଥିଲା। ଏହି ଖବର ପାଇବା ମାତ୍ରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ବିଳମ୍ବିତ ରାତିରେ ହିଁ ତାଙ୍କ ପୁତୁରାଙ୍କ ଘରେ ପହଞ୍ଚି ପୁଲିସ ଟିମ୍ ସହ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଉତ୍ତେଜନା ପ୍ରକାଶ ପାଇବା ପରେ ପୁଲିସ ଓ ପରେ ମମତା ବାନାର୍ଜୀ ସେଠାରୁ ଫେରିଥିଲେ। ଶନିବାର ସକାଳେ ମଧ୍ୟ ସେଠାରେ ବ୍ୟାପକ ପୁଲିସ ଏବଂ କେନ୍ଦ୍ରୀୟ ବାହିନୀ ମୁତୟନ ଅଛନ୍ତି। ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ 'ରାଜନୈତିକ ପ୍ରତିଶୋଧ' ବୋଲି କହିଛି। ଅନ୍ୟପଟେ, ଅଭିଷେକ ବାନାର୍ଜୀ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ମନ୍ତବ୍ୟ ନଦେଇ ତଦନ୍ତକାରୀ ସଂସ୍ଥାକୁ ପଚାରିବାକୁ କହିଛନ୍ତି। ଏକ କ୍ରିମିନାଲ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ମାମଲାରେ ଗୁରୁବାର ଦିନ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଅଭିଷେକଙ୍କୁ ପ୍ରାୟ ୬ ଘଣ୍ଟା ଜେରା କରାଯାଇଥିଲା। ଏବେ ପୁଣି ଏକ ହେଟ୍ ସ୍ପିଚ୍ ମାମଲାରେ ଜୁନ୍ ୧୬ ରେ ହାଜର ହେବାକୁ ସିଆଇଡି ତାଙ୍କୁ ନୋଟିସ୍ ପଠାଇଛି।

## ଅଭିଷେକଙ୍କୁ କ୍ଷମା କରିଦେଇଛି: କଲ୍ୟାଣ ବାନାର୍ଜୀ



ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ସାଂସଦ କଲ୍ୟାଣ ବାନାର୍ଜୀ ଦଳର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ନିଜର କଠୋର ଆଭିମୁଖ୍ୟକୁ କୋହଳ କରିଛନ୍ତି। କିଛି ଦିନ ପୂର୍ବରୁ ଅଭିଷେକଙ୍କୁ ଅହଙ୍କାରୀ କହିବା ସହ ମମତା ବାନାର୍ଜୀଙ୍କୁ ଦଳରେ ତାଙ୍କ ଏବଂ ନିଜ ପୁତୁରାଙ୍କ ମଧ୍ୟରୁ ଜଣକୁ ବାଛିବା ପାଇଁ ଚେତାବନୀ ଦେଇଥିବା କଲ୍ୟାଣ ଏବେ ନରମ ପଡ଼ିଛନ୍ତି। ଶନିବାର ସେ ଅଭିଷେକଙ୍କୁ ନିଜ "ପୁଅ ଭଳି' ବୋଲି ବର୍ଣ୍ଣନା କରିଛନ୍ତି ଏବଂ ପୁଅର ଭୁଲ୍‌କୁ କ୍ଷମା କରିବା ଜଣେ ପିତାଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି। ଅନ୍ୟପଟେ, ପଶ୍ଚିମବଙ୍ଗର ରାଜନୈତିକ ସ୍ଥିତିକୁ ନେଇ କଲ୍ୟାଣ ବାନାର୍ଜୀ ଚିନ୍ତା ପ୍ରକଟ କରିଛନ୍ତି ଏବଂ ରାଜ୍ୟରେ ଗଣତନ୍ତ୍ର ବିପଦରେ ଥିବା ଆରୋପ ଲଗାଇଛନ୍ତି। ବିଜେପିରେ ସାମିଲ ହେବାକୁ ଯାଉଥିବା ଅସନ୍ତୁଷ୍ଟ ସାଂସଦମାନଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ବିଜେପି ସେମାନଙ୍କୁ ଗ୍ରହଣ କରିବ ନାହିଁ ଏବଂ ଟିଏମସି, କଂଗ୍ରେସ ସହ ମିଶ୍ରଣ ହେବାର କୌଣସି ସମ୍ଭାବନା ନାହିଁ। ଏହି ରାଜନୈତିକ ହଲଚଲ ମଧ୍ୟରେ ଶନିବାର ଭୋର ସମୟରେ କୋଲକାତାର କାଳୀଘାଟସ୍ଥିତ ଅଭିଷେକ ବାନାର୍ଜୀଙ୍କ ବାସଭବନରେ ପୁଲିସ ଓ ସିଆଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉକୁ ଟିଏମସି ସାଂସଦ ସାଗରିକା ଘୋଷ ରାଜନୈତିକ ପ୍ରତିଶୋଧ ବୋଲି କହିଛନ୍ତି।

# ଧମକାଇଲା ଆମେରିକା

**ନୌସେନା ଅବରୋଧ ଲଂଘିଲେ ଆକ୍ରମଣ ହେବ**

ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଓମାନ ଉପକୂଳରେ ଆମେରିକୀୟ ନୌସେନାର ଆକ୍ରମଣରେ ୩ଜଣ ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ କୂଟନୈତିକ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଶନିବାର ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆମେରିକାର ବୈଦେଶିକ ସଚିବ ମାର୍କୋ



ରୁବିଓଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଏହି ଘଟଣା ଉପରେ ଭାରତର ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଅନ୍ୟପଟେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ଆମେରିକାର ଆକ୍ରମଣକୁ ଯଥାର୍ଥ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଆମେରିକା ନୌସେନର ପକ୍ଷରୁ ହର୍ମୁଜ ପ୍ରଣାଳୀରେ ଲଗାଯାଇଥିବା ସାମୁଦ୍ରିକ ଅବରୋଧର ଉଲ୍ଲଂଘନକୁ ୱାସିଂଟନ ବରଦାସ୍ତ କରିବ ନାହିଁ। ଇରାନରୁ ବେଆଇନ ଭାବେ ତୈଳ ପରିବହନ ବନ୍ଦ କରିବା ପାଇଁ ସମସ୍ତ ବ୍ୟବସାୟିକ ଜାହାଜକୁ ଆମେରିକୀୟ ନୌସେନାର ନିର୍ଦ୍ଦେଶ ପାଳନ କରିବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି। ହର୍ମୁଜରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବାକୁ ଆମେରିକାର ଏହି ପ୍ରୟାସ ପାଇଁ ଅବରୋଧ ଆବଶ୍ୟକ ବୋଲି ଆମେରିକା ବୈଦେଶିକ ବିଭାଗର ମୁଖପାତ୍ର ଟମି ପିଗଟ୍ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜୁନ୍ ୧୦ରେ ଓମାନ ଉପକୂଳରେ ପାଲାଉ-ପତାକାଧାରୀ ତୈଳ ଟ୍ୟାଙ୍କର୍ ଏମଟି ସେଟେବେଲୋ ଉପରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଜାହାଜରେ ଥିବା ୨୪ ଜଣ ଭାରତୀୟଙ୍କ ମଧ୍ୟରୁ ୩ଜଣ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ ଫିଟର ଶିବାନନ୍ଦ ଚୌରାସିଆ ଏବଂ ଚିଫ୍ ଇଞ୍ଜିନିୟର ପାଟନାଲା ସୁରେଶ। ଏନେଇ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସାମାଜିକ ଗଣମାଧ୍ୟମ ଏକ୍ସରେ ବାଣିଜ୍ୟିକ ଜାହାଜ ଉପରେ ଘାତକ ଆକ୍ରମଣ କଦାପି ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରିଛନ୍ତି। ହର୍ମୁଜରେ ଭାରତର ତିନିଟି ଜାହାଜ ଉପରେ ଆକ୍ରମଣ ହୋଇସାରିଲାଣି। ତେବେ ତୃତୀୟ ଜାହାଜ ଉପରେ ଆକ୍ରମଣର ତିନି ଜଣ ଭାରତୀୟ ନାବିକଙ୍କର ମୃତ୍ୟୁ ଘଟିଛି। ଉପସାଗରରେ ଏବେ ବି ଭାରତର ୧୩ଟି ଜାହାଜ ଅଟକି ରହିଛି ଏବଂ ଏଥିରେ ୪୬୨ ଜଣ ନାବିକ ଫସି ରହିଛନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ମୌସୁମୀ ସମୟରେ ଅଧିକ ଶକ୍ତିଶାଳୀ ହେବ ଏଲ୍ ନିନୋ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଜୁନ୍ ୪ ତାରିଖରେ କେରଳ ଛୁଇଁବା ପରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେଉଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ଚିନ୍ତାଜନକ ପୂର୍ବାନୁମାନ କରିଛି। ମୌସୁମୀ ଋତୁ ମଧ୍ୟରେ 'ଏଲ୍ ନିନୋ' ସ୍ଥିତି ଆହୁରି ଶକ୍ତିଶାଳୀ ହେବାର ସଙ୍କେତ ମିଳିଛି, ଯାହା ଚଳିତ ଖରିଫ୍ ଚାଷ ଉପରେ ପ୍ରଭାବ ପକାଇପାରେ।



ପାଣିପାଗ ବିଭାଗ ଅନୁଯାୟୀ, ପ୍ରଶାନ୍ତ ମହାସାଗରର ବିଷୁବରେଖୀୟ ଅଞ୍ଚଳରେ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି ପାଉଛି, ଯାହାକୁ 'ଏଲ୍ ନିନୋ' କୁହାଯାଏ। ଭାରତରେ ଦୁର୍ବଳ ମୌସୁମୀ ଏବଂ କମ୍ ବର୍ଷା ସହ ଏହାର ସିଧାସଳଖ ସମ୍ପର୍କ ରହିଛି। ଆଇଏମଡି ର ଏହି ନୂତନ ଆକଳନ ପରେ କୃଷି ମନ୍ତ୍ରାଳୟ ପକ୍ଷରୁ ଚିହ୍ନଟ ହୋଇଥିବା ଦେଶର ସବୁଠାରୁ ସମ୍ବେଦନଶୀଳ ୧୯୭ଟି ଜିଲ୍ଲାରେ ତୁରନ୍ତ ଜରୁରୀକାଳୀନ ବ୍ୟବସ୍ଥା ଗ୍ରହଣ କରିବାକୁ ନୀତି ନିର୍ଦ୍ଧାରକମାନଙ୍କୁ ପରାମର୍ଶ ଦିଆଯାଇଛି। କୃଷି କ୍ଷତିକୁ କମ୍ କରିବା ପାଇଁ ଏହି ଜିଲ୍ଲାଗୁଡ଼ିକରେ କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଯେପରିକି ମାଣ୍ଡିଆ, ଚଣା ଓ ଡାଲି ଜାତୀୟ ଶସ୍ୟ ଏବଂ ମରୁଡ଼ି ସହନଶୀଳ ବିହନ କିସମର ବ୍ୟବହାରକୁ ପ୍ରୋତ୍ସାହନ ଦିଆଯିବ। ଏହା ସହିତ ଚାଷୀମାନଙ୍କୁ ପାଣିପାଗ ଆଧାରିତ କୃଷି ପରାମର୍ଶ ଏବଂ ଦକ୍ଷ ଜଳ ପରିଚାଳନା ନୀତି ଆପଣାଇବାକୁ କୁହାଯାଇଛି। ପାଣିପାଗ ବିଭାଗର 'ମୌସୁମୀ ମିଶନ୍ କପଲ୍ଡ ଫୋରକାଷ୍ଟ ସିଷ୍ଟମ'ରୁ ଏହି ପୂର୍ବାନୁମାନ କରାଯାଇଛି ଏବଂ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ମଲ୍ଟି-ଲେୟର୍ ଡିଏମ୍‌ଡି ଓ ନାଭାଲ ଆଣ୍ଟି-ସିପ୍ ମିସାଇଲର ସଫଳ ପରୀକ୍ଷଣ



ବାଲେଶ୍ୱର,୧୩।୬ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏକାଧିକ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଯୁକ୍ତିର ସଫଳ ପ୍ରଦର୍ଶନ କରି ଦେଶର ସାମରିକ ଶକ୍ତିକୁ ଆହୁରି ମଜଭୁତ କରିଛି। ଦୂରଗାମୀ ବାଲିଷ୍ଟିକ ମିସାଇଲକୁ ପ୍ରତିହତ କରିବା ପାଇଁ ପରସ୍ପର ସହ ଜଡ଼ିତ ତିନୋଟି ପର୍ଯ୍ୟାୟ ଫ୍ଲାଇଟ୍-ଟେଷ୍ଟ ସଫଳତାର ସହ ସଂପନ୍ନ ହୋଇଛି। ପରୀକ୍ଷଣ ସମୟରେ ଇଣ୍ଟରସେପ୍ଟରଗୁଡ଼ିକ ନିଜ ନିଜ ଟାର୍ଗେଟ୍‌କୁ ଆକାଶରେ ଧ୍ୱଂସ କରିଛନ୍ତି। ମଧ୍ୟମ ଦୂରତାରେ ଶତ୍ରୁ ଯୁଦ୍ଧ ଜାହାଜ ଧ୍ୱଂସ କରିବା କ୍ଷମତାର ପ୍ରଥମ ଉଡ଼ାଣ ପରୀକ୍ଷଣ ସଫଳ ହୋଇଛି। ଡିଆରଡିଓ ପକ୍ଷରୁ କୁହାଯାଇଛି ଯେ ଭବିଷ୍ୟତରେ ଆସିବାକୁ ଥିବା ନୂଆନୂଆ ମିସାଇଲ ବିପଦକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ସିଷ୍ଟମ୍ ପ୍ରସ୍ତୁତ କରାଯାଇଛି। ଏହି ସଫଳ ପରୀକ୍ଷଣ ପରେ ଭାରତ ବିଶ୍ୱର ସେହି ସୀମିତ ଦେଶମାନଙ୍କ ତାଲିକାରେ ସାମିଲ ହୋଇଛି, ଯେଉଁମାନଙ୍କ ପାଖରେ ଆଇସିବିଏମ୍ ଭଳି ମହାଦେଶୀୟ ବାଲିଷ୍ଟିକ ମିସାଇଲକୁ ମଧ୍ୟ ଆକାଶରେ ଧ୍ୱଂସ କରିବାର କ୍ଷମତା ଅଛି। ଏହି ଐତିହାସିକ ସଫଳତା ପାଇଁ ଡିଆରଡିଓର ସମସ୍ତ ବୈଜ୍ଞାନିକ ଓ ସହଯୋଗୀଙ୍କୁ ଦେଶବ୍ୟାପୀ ଶୁଭେଚ୍ଛା ଜଣାଯାଇଛି।

### ଜରିମାନା ଦେଲେନି ବୋଲି...

## ୪ ଦିନ ଧରି ୪ ପରିବାର ଗୃହବନ୍ଦୀ



କବିସୂର୍ଯ୍ୟନଗର, ୧୩।୬(ସମିସ): ଜରିମାନା ନ ଦେବାରୁ ୪ ପରିବାରକୁ ୪ ଦିନ ଧରି ଗୃହବନ୍ଦୀ କରିଦେଲେ। ନିଆଁ, ପାଣି ସବୁ ମନା; ଗାଁର କେହି ସେମାନଙ୍କ ସହ ମିଳାମିଶା କଲେ କିମ୍ବା କଥା ହେଲେ, ତାକୁ ବି ବାସନ୍ଦ କରାଯିବ ବୋଲି ଚରମବାଣୀ ଶୁଣାଇଦେଲେ। କବିସୂର୍ଯ୍ୟନଗର ବ୍ଲକ୍ ଅନ୍ତର୍ଗତ କନିଆରି ପଞ୍ଚାୟତ ସକ୍ଷମନ୍ତରାପଲ୍ଲୀ ଗାଁରୁ ସାମାଜିକ ବାସନ୍ଦର ଏଭଳି ଏକ ଚିତ୍ର ପଦାକୁ ଆସିଛି। କିଛି ଶିକ୍ଷିତ ଯୁବକ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ପ୍ରଘଟ କରିବା ପରେ ପୁଲିସ୍ ଓ ପ୍ରଶାସନର ନିଦ ଭାଙ୍ଗିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତ ପରିବାରମାନଙ୍କୁ ଗୃହବନ୍ଦୀରୁ ମୁକୁଳାଇଛି।

ସୂଚନାନୁଯାୟୀ, ସକ୍ଷମନ୍ତରାପଲ୍ଲୀ ଗାଁର ଶେଷକୁ ଚାରି ଭାଇ ସୂର୍ଯ୍ୟମଣି ପ୍ରଧାନ, ପ୍ରମୋଦ ପ୍ରଧାନ, ଭଗବାନ ପ୍ରଧାନ ଓ ପର୍ଶୁରାମ ପ୍ରଧାନ ଘର କରି ରହୁଛନ୍ତି। ସେମାନଙ୍କ ଘର କିଛି ସରକାରୀ ଜାଗା ଉପରେ ଥିବାରୁ ଏନେଇ ଗାଁ ସଭା ଡକାଯାଇଥିଲା। ଗାଁ ସଭାରେ ଏହାର ବିଚାର କରାଯାଇ ୪ ପରିବାରକୁ ଜରିମାନାରେ ଦଣ୍ଡିତ କରାଯାଇଥିଲା। ଜରିମାନା ବାବଦ ୧ ଲକ୍ଷ ୬୦ ହଜାର ଟଙ୍କା ଗାଁ କମିଟିରେ ଜମା କରିବାକୁ କୁହାଯାଇଥିଲା। କିନ୍ତୁ, ଏତେଗୁଡ଼ିଏ ଟଙ୍କା ଦେବାରେ ଚାରି ଭାଇ ଅସମର୍ଥ ହେବାରୁ ଗତ ୧୦ ତାରିଖରେ ପୁଣି ଗ୍ରାମସଭା ଡକାଯାଇ ୪ ଭାଇଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ସେହି ଦିନ ବିଳମ୍ବିତ ରାତିରେ, ଗାଁ ଲୋକ ଚାରି ଭାଇଙ୍କ ଯିବାଆସିବା ରାସ୍ତାକୁ ଅସ୍ଥାୟୀ ଭାବେ ବନ୍ଦ କରିଦେଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ବାଲିଛାଇ ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘରକୁ ଯିବା ରାସ୍ତାରେ ଥିବା ଅସ୍ଥାୟୀ ବ୍ୟାରିକେଡ୍ ହଟାଇଥିଲା। ଏ ସଂପର୍କରେ ଗାଁ ସଭାପତି, କମିଟି ଓ ଗାଁ ଲୋକ ଓଲଟା ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଆମେ ବାସନ୍ଦ କରିନାହୁଁ। ସରକାରୀ ଜମି ହାତେଇଥିବା ବଦଳରେ ସଭାରେ ଅର୍ଥଦଣ୍ଡ ଦେବାକୁ କୁହାଯାଇଥିଲା।

### ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲା

## ପୁରୁଷ ବନ୍ଧୁଙ୍କୁ ପଚରାଉଚରା, ଡିଜିଟାଲ୍ ପ୍ରମାଣ ଜବତ

ତ୍ରିଶୂଳିଆ, ୧୩।୬ (ସମିସ): ଫକୀରମୋହନ ମେଡିକାଲ କଲେଜ ଡାକ୍ତର ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ତଦନ୍ତ ଗତିଶୀଳ ହୋଇଛି। ଏହି ମାମଲାରେ ତାଙ୍କ ପୁରୁଷବନ୍ଧୁ ଭୀମସେନ ପ୍ରସାଦ ଟୁଡୁଙ୍କୁ ହେପାଜତକୁ ନେଇ ପୁଲିସ ପଚରାଉଚରା କରିଛି।

ସୂଚନା ଅନୁଯାୟୀ, ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ଭୀମସେନ ଫେରାର୍ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ବିଶୋଇ ଥାନାରେ ଆତ୍ମସମର୍ପଣ କରିବା ପରେ କମିଶନରେଟ୍ ସ୍ପେଶାଲ୍ ସ୍କ୍ୱାଡ୍ ତାଙ୍କୁ ବାରଙ୍ଗ ଥାନାକୁ ନେଇ ପଚରାଉଚରା କରିଛି। ତଦନ୍ତ ସମୟରେ ପୁଲିସ ତାଙ୍କ ନିକଟରୁ ଏକ ମୋବାଇଲ ସହ ଲାପଟପ୍ ଜବତ କରିଛି। ଏହି ଡିଜିଟାଲ୍ ଡିଭାଇସ୍‌ଗୁଡ଼ିକୁ ଫୋରେନ୍ସିକ୍ ବିଶ୍ଳେଷଣ ପାଇଁ ପଠାଯାଇଛି। ଘଟଣା ପୂର୍ବ ଓ ପରବର୍ତ୍ତୀ ଯୋଗାଯୋଗ, ଡିଲିଟ୍ ଡାଟା ଓ କଲ୍ ରେକର୍ଡ ସମ୍ପର୍କିତ ତଥ୍ୟ ଖୋଜାଯାଉଛି। ଏହି ମାମଲାରେ ଚନ୍ଦ୍ରିକାଙ୍କ ପରିବାର ପକ୍ଷରୁ ଭୀମସେନ ଏବଂ ତାଙ୍କ ନୂତନ ବାନ୍ଧବୀ ସ୍ୱାତୀଦୀପା ରାଉତଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରି କଠାଯୋଡ଼ି ନଦୀରେ ଫିଙ୍ଗି ଦେଇଛନ୍ତି। ପୁଲିସ୍ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୮ ଏବଂ ୩(୫) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ କରୁଛି। ତଦନ୍ତର ଅଂଶ ଭାବେ ସମସ୍ତ ଫୋରେନ୍ସିକ୍ ରିପୋର୍ଟ, ଡିଜିଟାଲ୍ ପ୍ରମାଣ ଏବଂ ସାକ୍ଷ୍ୟ ସଂଗ୍ରହ କରାଯାଉଛି। ପୁଲିସ୍ ସୂଚନାନୁଯାୟୀ, ଡାକ୍ତରୀ ପରୀକ୍ଷା ପରେ ଭୀମସେନଙ୍କୁ କୋର୍ଟ ଚାଲାଣ କରାଯିବ ଏବଂ ରିମାଣ୍ଡରେ ନେଇ ଅଧିକ ପଚରାଉଚରା ପାଇଁ ଆବେଦନ କରାଯିବ।

## ଓଡ଼ିଶା କ୍ୟାଡର୍ ୨ ଆଇପିଏସ୍‌ଙ୍କୁ କେନ୍ଦ୍ରୀୟ ଡିଜିପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର ୧୩।୬ (ସମିସ): ଓଡ଼ିଶା କ୍ୟାଡର୍‌ର ଦୁଇ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡିଜିପି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। କେନ୍ଦ୍ରରେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ଦେଶର ମୋଟ ୩୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡିଜି ସ୍ତରକୁ ପଦୋନ୍ନତି ଦେଇଥିବା ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଆଇପିଏସ୍ ଅଧିକାରୀମାନେ କେନ୍ଦ୍ରୀୟ ଅନୁଷ୍ଠାନ ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ସିଆଇଏସ୍‌ଏଫ୍ ଭଳି କେନ୍ଦ୍ରୀୟ ଅନୁଷ୍ଠାନରେ ଡିଜିପି ଭାବେ ନିଯୁକ୍ତି ପାଇ ପାରିବେ।

ପଦୋନ୍ନତି ପାଇଥିବା ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଫିସର ହେଲେ ଡଃ ସୁଧାଂଶୁ ଷଡ଼ଙ୍ଗୀ ଏବଂ ପଦ୍ମାକର ଏସ୍. ରଣପିଶେ। ୧୯୯୦ ବ୍ୟାଚ୍‌ର ଡଃ ଷଡ଼ଙ୍ଗୀ ରାଜ୍ୟରେ ବର୍ତ୍ତମାନ ଅଗ୍ନିଶମ ବିଭାଗରେ ଡିଜିପି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ୧୯୯୫ ବ୍ୟାଚ୍ ଅଫିସର ରଣପିଶେ ସିଆଇଏସ୍‌ଏଫ୍‌ରେ କାର୍ଯ୍ୟରତ ଅଛନ୍ତି।

### ନିମ୍ନମାନର କାମ ବିରୋଧରେ ସ୍ୱର ଉଠାଇବାରୁ...

## ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ

ରାଜକନିକା, ୧୩।୬(ସମିସ): ନିମ୍ନମାନର କାମ ବିରୋଧରେ ସ୍ୱର ଉଠାଇବାରୁ ସରପଞ୍ଚଙ୍କୁ ହତ୍ୟା ଧମକ। ରାଜକନିକା ବ୍ଲକ ହାଟସାହି ପଞ୍ଚାୟତର ମହିଳା ସରପଞ୍ଚ ସୀତାରାଣୀ ଦାସ ଏଭଳି ସଂଗିନ୍ ଅଭିଯୋଗ କରିବା ସହ ରାଜକନିକା ଥାନାରେ ଏତଲା ଦେଇଛନ୍ତି। ଦୁଇ ଦିନ ହେବ ସେ ଅଭିଯୋଗ କରିଥିଲେ ହେଁ ଏଯାଏ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ ବୋଲି ସେ କହିଛନ୍ତି।



ସୂଚନାନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟରେ ୧୦ ଲକ୍ଷ ଟଙ୍କାର ଏକ ଫାସିଲିଟି ସେଣ୍ଟର୍ ନିର୍ମାଣ ଚାଲିଥିଲା। ଏହାର କାମ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ କିଛି ଦିନ ତଳେ ପଞ୍ଚାୟତର ମହିଳାମାନେ ଫାଟକରେ ତାଲା ପକାଇଥିଲେ। ଏହାର ଠିକ୍ ୧୩ଦିନ ପରେ ରାଜକନିକା ତହସିଲଦାର, ବିଡିଓ ଓ ପୁଲିସ୍ ଉପସ୍ଥିତିରେ ଉନ୍ନୟନ କାର୍ଯ୍ୟ ସଠିକ୍ ଭାବେ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ତାଲା ଖୋଲାଯାଇଥିଲା। କିନ୍ତୁ, ପ୍ରତିଶ୍ରୁତିର ମାସକ ପରେ ପୁଣି ଏହାର ପୁନରାବୃତ୍ତି ହେଉଥିବା ସରପଞ୍ଚ ସୀତାରାଣୀ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ଦୁର୍ବୃତ୍ତ ସରପଞ୍ଚଙ୍କୁ ଧମକଚମକ ଦେଇଥିଲେ। ଏପରିକି, ମୁହଁ ଖୋଲିଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚ ସୀତାରାଣୀ ଏହି ସୂଚନା ଦେବା ସହ ସୁରକ୍ଷା ଲୋଡ଼ିଛନ୍ତି। ସେ କହିଛନ୍ତି ଯେ ଏ ସଂପର୍କରେ ଦୁଇ ଦିନ ତଳେ ରାଜକନିକା ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ପୁଲିସର ଏହି ନିଷ୍କ୍ରିୟତା ପାଇଁ ଅଭିଯୁକ୍ତମାନଙ୍କ ସାହସ ବଢ଼ୁଛି। ଏ ସମ୍ପର୍କରେ ରାଜକନିକା ବିଡିଓଙ୍କୁ ପଚାରିବାରୁ ସେ କହିଥିଲେ ଯେ ଜେଇଙ୍କ ନାମରେ କାମ ଅଛି, କାମ ଚାଲିଛି। ଏବେ ଛୁଟି ଥିବାରୁ ସ୍ୱାଭାବିକ ଭାବେ ତାଲା ପଡ଼ିଛି। ଛୁଟି ଖୋଲିବା ପରେ କାମ ହେବ ବୋଲି ସେ କହିଛନ୍ତି।

## ହାଇୱାକୁ ପଛରୁ ଧକ୍କା ଦେଇ ବିଏମ୍‌ଡବ୍ଲ୍ୟୁ ଚୂର୍‌ମାର୍

ଭବାନୀପାଟଣା, ୧୩।୬ (ସମିସ): ଭବାନୀପାଟଣା ବାଇପାସ୍ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଦୁଇଜଣଙ୍କ ଜୀବନ ନେଇଛି। ଏକ ହାଇୱାକୁ

### ଦୁର୍ଘଟଣାରେ ଦୁଇ ମୃତ



ପଛପଟୁ ବିଏମ୍‌ଡବ୍ଲୁ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ବଲାଙ୍ଗିର ଜିଲ୍ଲା ଟିଟଲାଗଡ଼ ଚାରଭଟାର ହରେକୃଷ୍ଣ ବାଗ(ପିଣ୍ଟୁ) ଓ ଧର୍ମଗଡ଼ ବ୍ଲକ ଖଏରପଦର ଗ୍ରାମର ଗୌତମ ନାଏକ। ଉଭୟ ଭବାନୀପାଟଣା ସହର ରେଳ ଷ୍ଟେସନ୍ ନିକଟରେ ଥିବା ଏକ ଗ୍ୟାରେଜରେ କାମ କରୁଥିଲେ। ବିଳମ୍ବିତ ରାତିରେ ଗ୍ୟାରେଜ୍ ମାଲିକଙ୍କୁ ନ ଜଣାଇ ସେମାନେ ବିଏମ୍‌ଡବ୍ଲ୍ୟୁ କାର୍ ଧରି ବାହାରିଥିଲେ। ସ୍ଥାନୀୟ ବାଏପାସ୍ ରାସ୍ତାରେ ସେମାନେ ଦ୍ରୁତ ଗତିରେ ଯାଉଥିବା ବେଳେ ବାଟରେ ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ, ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦାମୀ ବିଏମ୍‌ଡବ୍ଲ୍ୟୁ କାର୍‌ଟି ପୂରା ଚୂରମାର୍ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ରାତିତମାମ ପରିଶ୍ରମ କରି କାର୍ ଭିତରୁ ଶବ ଦୁଇଟିକୁ ଉଦ୍ଧାର କରିଥିଲେ। ବେପରୁଆ ଗାଡ଼ିଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଆଜି ପୁଲିସ ମୃତଦେହଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଭବାନୀପାଟଣା ସଦର ପୁଲିସ ତଦନ୍ତ ଜାରି ରଖିଛି।

### ଖେଳୁ ଖେଳୁ ଚାଲିଗଲା ଜୀବନ

## ନାଗ ସାପ କାମୁଡ଼ାରେ ୨ ବର୍ଷର ଶିଶୁ ମୃତ

କଣ୍ଟାବାଞ୍ଜି,୧୩।୬(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବରିଆଳି ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଖେଳିବା ବେଳେ ନାଗ ସାପ କାମୁଡ଼ାରେ ଜଣେ ୨ବର୍ଷର କୁନି ପୁଅର ଜୀବନ ଯାଇଛି। ମୃତ ଶିଶୁଟି ହେଲା, ଗାଁର ନରେନ୍ଦ୍ର ମାଝୀଙ୍କ ପୁଅ ଲୋକେଶ୍ୱର ମାଝୀ। ଲୋକେଶ୍ୱର ଘରେ ପରିବାରଲୋକଙ୍କ ସହ ଖେଳୁଥିବା ବେଳେ ହଠାତ୍ ଏକ ନାଗ ସାପ ଘର ଭିତରକୁ ପ୍ରବେଶ କରିଥିଲା। ପରିବାରଲୋକେ ସାପଟିକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ସମୟରେ କୁନି ପୁଅଟି ସାପକୁ ଧରିବାକୁ ଯାଇଥିଲା। ଏହି ସମୟରେ ନାଗ ସାପଟି ତାକୁ କାମୁଡ଼ି ଦେଇଥିବା ପରିବାରଲୋକେ କହିଛନ୍ତି। ସାପ କାମୁଡ଼ିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାରଲୋକେ ତୁରନ୍ତ ତାକୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ବିୟୋଗ ପରେ ପରିବାରରେ କାନ୍ଦବୋବାଳି ପଡ଼ିଥିଲା। ଏହି ଘଟଣା ନେଇ ସମଗ୍ର ବରିଆଳି ଗାଁରେ ଶୋକର ଛାୟା ଖେଳିଯାଇଛି। ଏଭଳି ଦୁଃଖଦ ଘଟଣାକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି।

### ରାଜସ୍ୱ ବିଭାଗର ସଫଳତା ପୁସ୍ତିକା ଲୋକାର୍ପିତ

## ରାଜସ୍ୱ ସେବା ଏବେ ସବୁରି ହାତେ: ସୁରେଶ ପୂଜାରୀ



ଭୁବନେଶ୍ୱର,୧୩।୬(ସମିସ): ରାଜ୍ୟରେ ଆଗକୁ "ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଜରିଆରେ ଆଗାମୀ ଦିନରେ ଗାଁ ଅଥବା ପଞ୍ଚାୟତସ୍ତରରେ ତହସିଲ କ୍ୟାମ୍ପକୋର୍ଟ କରାଯିବ। ପୂର୍ବର ବିଭିନ୍ନ କାମ ପାଇଁ ଲୋକମାନଙ୍କ ତହସିଲ୍ କାର୍ଯ୍ୟାଳୟର ଅଧିକାରୀମାନେ ଲୋକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ପ୍ରଜାଖାନା ସଂଶୋଧନ, ଡିମାର୍କେସନ ଆଦି ବିଭିନ୍ନ ସେବା ଯୋଗାଇ ଦେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଶନିବାର ଲୋକସେବା ଭବନଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଦୁଇ ବର୍ଷର ସଫଳତା ପୁସ୍ତିକା ଏବଂ ଭିଡ଼ିଓର ଉନ୍ମୋଚନ ତଥା ଲୋକାର୍ପଣ କରି ବିଭାଗର ସଫଳତା ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପୁସ୍ତିକାରେ ବିଭାଗର ସଂସ୍କାରମୂଳକ ପଦକ୍ଷେପ, ଲୋକାଭିମୁଖୀ ଯୋଜନା ଏବଂ ସେସବୁର ସଫଳ କାର୍ଯ୍ୟକାରିତା ତଥା ଆଗାମୀ ଦିନରେ ବିଭାଗର ନୂତନ କାର୍ଯ୍ୟପନ୍ଥା ସଂକଳିତ ହୋଇଛି। ଇତି ମଧ୍ୟରେ କଲମ୍ ୨ ବା ପ୍ରଜା ଖାତା ୨ ଖାନା ସଂଶୋଧନ, ଓଆରଟିପିଏସ୍ ଅଧୀନରେ ୨.୫ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସେବା ପ୍ରଦାନ, ଜମିର କିସମ ହ୍ରାସ, ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ପ୍ରତିଷ୍ଠା, ୧୦୮ ନୂତନ ସବ୍ ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ, ଜମିଜମା ମାମଲାର ସରଳ ଏବଂ ଶୀଘ୍ର ବନ୍ଦୋବସ୍ତ, ଜନଗଣନା, ତ୍ୱରିତ ବିପର୍ଯ୍ୟୟଜନିତ କ୍ଷତିପୂରଣ ପ୍ରଦାନ, ବାତ୍ୟା ଦାନା ଏବଂ ମନ୍ଥାରେ ଜିରୋ କାଜୁଆଲିଟି ସହ ସଫଳ ପରିଚାଳନା ପରି ଉଲ୍ଲେଖନୀୟ ସଫଳତା ରାଜସ୍ୱ ବିଭାଗକୁ ସାଧାରଣଜନତାଙ୍କ ନିକଟରେ ପହଞ୍ଚାଇଛି।

ଅନ୍ୟପଟେ ଚଳିତବର୍ଷ ଏଲନିନୋ ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ୍ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ଟିଟିଲାଗଡ଼ ଷ୍ଟେସନ୍‌ରେ ରକ୍ତପାତ

## ବଚସାରୁ ସାଙ୍ଗକୁ ପଥରରେ ଛେଚି ହତ୍ୟା

ଟିଟିଲାଗଡ଼, ୧୩।୬ (ସମିସ): ସାମାନ୍ୟ ବଚସାରୁ ସାଙ୍ଗକୁ ପଥରରେ ଛେଚି ହତ୍ୟା। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳ ଜଙ୍କସନ୍ ପରିସର ୫ନମ୍ବର ପ୍ଲାଟଫର୍ମ ପାର୍ଶ୍ୱରେ ଆଜି ଏପରି ଏକ ନିର୍ମମ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ, ଝାରସୁଗୁଡ଼ା ଅଞ୍ଚଳର ସୂରଜ କୁମାର। ଟିଟିଲାଗଡ଼ ଜିଆରପି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ରାମ କୁମାର(୩୫)କୁ ଗିରଫ କରିଛି। ରାମର ଘର ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଜାଙ୍ଗିର ଚମ୍ପା ଜିଲ୍ଲା ହାସୋଦ ଥାନା ଅଧୀନ ରଣପୋଟା ଗ୍ରାମରେ।

ରାମ ଓ ସୂରଜ ଟିଟିଲାଗଡ଼ ଷ୍ଟେସନ୍ ପରିସରରେ ରହୁଥିଲେ। କବାଡ଼ିଆ କାରବାର କରି ଗୁଜୁରାଣ ମେଣ୍ଟାଉଥିଲେ। ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ମଧ୍ୟ ଥିଲା। ଶୁକ୍ରବାର କିଛି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ରାମ କୁମାର ଏକ ପଥରରେ ସୂରଜର ମୁଣ୍ଡକୁ ଛେଚି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ସେ ଆର୍‌ପିଏଫ୍ ନିକଟରେ ଆତ୍ମସମର୍ପଣ କରିଥିଲା। ଘଟଣାକୁ ନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଜରପଡ଼ା ଏଏସ୍‌ଆଇ

### ମାମଲାର ଫାଇନାଲ ରିପୋର୍ଟ ଦେବାକୁ ୮ ହଜାର ଟଙ୍କା ନେଉଥିଲେ



ଅନୁଗୋଳ/ଛେଣ୍ଡିପଦା/ଭୁବନ, ୧୩।୬ (ସମିସ): ଏକ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବାକୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଏଏସ୍‌ଆଇ ସୀତା ନାଏକ। ତାଙ୍କଠାରୁ ରାସାୟନିକ ପ୍ରଲେପବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି। ଭୁବନ ଥାନା ମାର୍ଥାପୁର ପଞ୍ଚାୟତର ଅଁଳାପାଳ ଗ୍ରାମସ୍ଥିତ ତାଙ୍କ ଶଶୁର କୃଷ୍ଣ ମହାନ୍ତିଙ୍କ ବାସଭବନରେ ଚଢ଼ଉ କରିଛି। ସୀତାଙ୍କ ବାପଘର କଣ୍ଟାବଣିଆ ଥାନା ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଏକ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବା ପାଇଁ ସୀତା ଅଭିଯୋଗକାରୀଙ୍କୁ ୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ଦେବାକୁ ବାରମ୍ବାର ଚାପ ପକାଇବାରୁ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ, ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ, ଆଜି ଅଭିଯୋଗକାରୀଙ୍କଠାରୁ ସୀତା ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ତାଙ୍କୁ କାବୁ କରିଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସୀତାଙ୍କର ଅଚଳାଚଳ ସମ୍ପତ୍ତି ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି।

### ଏମିତି ଚାଲିଛି ଜାତୀୟ ରାଜପଥ ନିର୍ମାଣ

## ଓଭରବ୍ରିଜ୍‌ରୁ ଧସିଗଲା ପିଚୁ

ରେଢ଼ାଖୋଲ, ୧୩।୬ (ସମିସ): ମାସ ୬ଟା ଯାଇନି; ବ୍ରିଜ୍ ଫାଟି ଆଁ। ଅରାକ ଜାଗାରେ ଢଳେଇ ଫାଟି ରଡ୍ ବାହାରକୁ ଦେଖାଯାଉଛି। ସେଥିରେ ଗାଡ଼ି ଚକ ପଡ଼ିଲେ, ଜୀବନ ଯିବାଟା ସୁନିଶ୍ଚିତ। ଗାଁ ଗହଳିର କେଉଁ ଗଳିକନ୍ଦି ରାସ୍ତା ନୁହେଁ, ବରଂ ଦିନକୁ ହଜାରହଜାର ଗାଡ଼ି ଯାତାୟାତ କରୁଥିବା ସମ୍ବଲପୁର-କଟକ ୫୫ନଂ ଜାତୀୟ ରାଜପଥର। ରେଢ଼ାଖୋଲ ସହର ଦେଇ ଯାଇଥିବା ଏହି ରାଜପଥର ସ୍ଥାନୀୟ ତାରିଣୀ ଢାବା ନିକଟରେ ଥିବା ହାତୀ କରିଡର୍ ଓଭରବ୍ରିଜ୍ ଉପରେ ଏପରି ମରଣଯନ୍ତା ସୃଷ୍ଟି ହୋଇଛି। ଗତକାଲି ବିଳମ୍ବିତ ରାତିରେ ହଠାତ୍ ରାସ୍ତାଟି ଫାଟିଯିବା ସହ ବଡ଼ ଗାତ ସୃଷ୍ଟି ହେବା ସହ ଲୁହାରଡ୍ ଦେଖାଯାଇଥିଲା। ସୌଭାଗ୍ୟକୁ କୌଣସି ଅଘଟଣ ଘଟିବା ଆଗରୁ ଏହା ସ୍ଥାନୀୟ ଲୋକଙ୍କ ନଜରରେ ପଡ଼ି ଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ସେଠାରେ ସୁରକ୍ଷା ବାଡ଼ା ଦିଆଯାଇଥିଲା। ଆଜି ଏହି ଘଟଣା ଲୋକଲୋଚନକୁ ଆସିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ନିମ୍ନମାନର କାମ ଯୋଗୁଁ ରାସ୍ତାର ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ କରି ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟି ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଭୀମଭୋଇ ଛକ ନିକଟରେ ୧ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

### ନାଗରିକ କମିଟିର ପ୍ରତିବାଦ, ରାସ୍ତାରୋକ

କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ ଓ ପୁଲିସ ଅଧିକାରୀ ପହଞ୍ଚି ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା।

ଅପରାହ୍ଣରେ ନାଗରିକ କମିଟି, ପ୍ରଶାସନ ଓ ଏନ୍‌ଏଚ୍‌ଆଇ ଏବଂ ଠିକାସଂସ୍ଥାକୁ ନେଇ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ଟାଉନ୍ ଦେଇ ଯାଇଥିବା ଥିବା ରାଜରାସ୍ତା ପାର୍ଶ୍ୱରେ ରଥଯାତ୍ରା ପୂର୍ବରୁ ଖାଲଖମାଗୁଡ଼ିକର ମାଟି ଫିଲିଂ କରିବା, ୭ ଦିନ ମଧ୍ୟରେ ଜାତୀୟ ରାଜପଥ ଓଭରବ୍ରିଜ୍ ଏହାର ସୁରକ୍ଷା ପାଇଁ ମାନ ଯାଞ୍ଚ କରାଯାଇ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଏହାସହ ନାଗରିକ କମିଟି ପକ୍ଷରୁ ଏନ୍‌ଏଚ୍‌ଆଇ ଏବଂ ଠିକା ସଂସ୍ଥା ବିରୋଧରେ ଏତଲା ରେଢ଼ାଖୋଲ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅରୁଣ କୁମାର ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ବିକାଶ ଦାସ, ରାଜୀବଲୋଚନ ପ୍ରଧାନ, କୁଞ୍ଜ ବିହାରୀ ନନ୍ଦ, ମନୋଜ ରାୟ, ଦତ୍ତ ବିଶ୍ୱାଳ, ସୁଧାଂଶୁ ଶଙ୍କର ଗିରି ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ।

ସୂଚନାଯୋଗ୍ୟ, ଏନ୍‌ଏଚ୍‌ଆଇ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଛି। ରେଢ଼ାଖୋଲଠାରୁ ସମ୍ବଲପୁର ମଧ୍ୟରେ ହାତୀ ଚଲାପଥ ପାଇଁ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ଚାଲିଛି। ହାତୀ ଚଲାପଥ ପାଇଁ ସରକାର ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କରୁଛନ୍ତି। ହେଲେ ଏହି ବ୍ରିଜ୍‌ଗୁଡ଼ିକର ମାନ ପରୀକ୍ଷା ହେଉନଥିବା ଅଭିଯୋଗ ହୋଇଛି। ଫଳରେ ୬ ମାସ ମଧ୍ୟରେ ଓଭରବ୍ରିଜ୍ ଉପରୁ ପିଚୁ ଖସି ଗାତ ସୃଷ୍ଟି ହୋଇଛି।



# ଏମ୍‌ସିଏଲ୍ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୧୩।୬ (ସମିସ):** ବୁର୍ଲା ଆନନ୍ଦବିହାରସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ(ଏମସିଏଲ)ର ଜଣେ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରହୁଥିବା କ୍ୱାର୍ଟରରେ ଦଉଡ଼ି

## ପୁରୁଷବନ୍ଧୁ ଉସୁକାଇଥିବା ନେଇ ପରିବାରର ଅଭିଯୋଗ

ଲଗାଇ ଝୁଲିପଡ଼ିଥିବା ଜଣାପଡ଼ିଛି। ପୁରୁଷ ବନ୍ଧୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ନେଇ ପରିବାର ପକ୍ଷରୁ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଅନୁଗୁଳ ଜିଲ୍ଲା ତାଳଚେର ସହରର ଆୟୁସ୍ମିତା ସାମତ(୨୩)। ସୂଚନା ଅନୁସାରେ ଆୟୁସ୍ମିତା ବୁର୍ଲା ଏମସିଏଲର ଫାଇନାନ୍ସ ଡିପାର୍ଟମେଣ୍ଟ (ଆକାଉଣ୍ଟସ ସେକ୍ସନ)ରେ କ୍ଲର୍କ ଭାବେ କାର୍ଯ୍ୟରତ ଥିଲେ। ଆୟୁସ୍ମିତାଙ୍କ ପିତା ସୁଦେଶ କୁମାର ସାମତ ମଧ ଏମ୍‌ସିଏଲ୍‌ର ଜଣେ କର୍ମଚାରୀ ଥିଲେ। ପିତାଙ୍କ ଦେହାନ୍ତପରେ ଆୟୁସ୍ମିତାଙ୍କୁ ଏହି ଚାକିରି ମିଳିଥିଲା। ଏମ୍‌ସିଏଲ ଜାଗୃତି ବିହାର ସରକାରୀ କ୍ୱାର୍ଟର ନମ୍ବର ୩୬ (ବି-ଟାଇପ, ବ୍ଲକ ନମ୍ବର ୫)ରେ ଏକୁଟିଆ ରହୁଥିଲେ। ଆଜି ଅଫିସ ନ ପହଞ୍ଚିବାରୁ ସହକର୍ମୀ ଓ ସାଙ୍ଗମାନେ ତାଙ୍କୁ ଫୋନ କରିଥିଲେ। ମାତ୍ର ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ କଲ୍ ଗ୍ରହଣ କରି ନ ଥିଲେ। ତେଣୁ ସନ୍ଦେହ ହେବାରୁ ସାଙ୍ଗମାନେ ତାଙ୍କ କ୍ୱାର୍ଟରକୁ ଯାଇ କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ସେମାନେ ଏମ୍‌ସିଏଲ ସିକ୍ୟୁରିଟି ଇନ୍‌ଚାର୍ଜଙ୍କୁ ଜଣାଇଥିଲେ। ପରେ ସିକ୍ୟୁରିଟି କର୍ମଚାରୀ ଓ ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆୟୁସ୍ମିତା ଏକ ଦଉଡ଼ି ସାହାଯ୍ୟରେ ଝୁଲୁଥିବା ଝରକାରେ ଦେଖିବାକୁ ମିଳିଥିଲା। ପରିବାର ଉପସ୍ଥିତିରେ ଶବକୁ ବାହାର କରାଯାଇଥିଲା। ଆସନ୍ତାକାଲି ଶବବ୍ୟବଚ୍ଛେଦ ହେବାନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଧିକାଂଶ ସରକାରୀ ଗାଡ଼ିରେ ନାହିଁ କାଗଜପତ୍ର

**ସମ୍ବଲପୁର, ୧୩।୬(ସମିସ)**

ନିୟମ ତିଆରି ହେଉଛି କେବଳ ସାଧାରଣ ଲୋକଙ୍କ ପାଇଁ। ବଡ଼ବଡିଆ ବାବୁଙ୍କ ପାଇଁ ସବୁ ନିୟମ ମାଫ୍। ଏଭଳି ଘଟଣା ସମ୍ବଲପୁରରେ ପରିଲିକ୍ଷିତ ହେଉଛି। କାରଣ ଗୁରୁବାର ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଗାଡ଼ି ଧକ୍କାରେ ଜଣେ ଲାଇନମ୍ୟାନଙ୍କ ମୃତ୍ୟୁ ହୋଇଥିଲା। ହେଲେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ବୀମା କି ଫିଟ୍‌ନେସ୍ ନାହିଁ। ଦୁର୍ଘଟଣା ପରେ ଗାଡ଼ିର ତଥ୍ୟ ସାମ୍ନାକୁ ଆସିଥିଲା। କିନ୍ତୁ ବାସ୍ତବରେ ସମ୍ବଲପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଅଧିକାଂଶ ଗାଡ଼ିରେ ବିଭିନ୍ନ କାଗଜପତ୍ର ନାହିଁ। ବାବୁମାନେ ଉକ୍ତ ଗାଡ଼ି ଗୁଡିକୁ ବ୍ୟବହାର କରୁଛନ୍ତି କିନ୍ତୁ ଗାଡ଼ି ସମ୍ପର୍କରେ କିଛି ଜାଣିବାକୁ ଇଚ୍ଛା କରୁନାହାନ୍ତି କି ଜାଣି ଅଣଦେଖା କରୁଛନ୍ତି। ସୂଚନା ଅନୁସାରେ ରାଜ୍ୟ ସରକାର ସଡ଼କ ସୁରକ୍ଷାକୁ ନେଇ ବଡ଼ବଡ଼ ସଚେତନତା ଶିବିର କରୁଛନ୍ତି, ବିନା ହେଲମେଟ୍ କିମ୍ବା ବୀମା ନଥିବା ଗାଡ଼ି ଚାଳକଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ହେଲେ ନିୟମ କେବଳ ସାଧାରଣ ଜନତାଙ୍କ ପାଇଁ, ସରକାରୀ ବାବୁଙ୍କ ପାଇଁ ନୁହେଁ। ଯାହା ଏସଏମସି ଗାଡ଼ି ଦୁର୍ଘଟଣାରୁ ଜଣାପଡ଼ିଛି। ଏହା

## ଏସ୍‌ଏମ୍‌ସି ଡେପୁଟି କମିଶନର ଗାଡ଼ି ଦୁର୍ଘଟଣାରେ ମଧ୍ୟ ସମାନ ସ୍ଥିତି

## ସାଧାରଣଲୋକଙ୍କ ପାଇଁ ନିୟମ, ବଡ଼ବଡ଼ିଆଙ୍କୁ ମାଫ୍

## ଗାଡ଼ି ଚେକିଂ କାହା ପାଇଁ ?

ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇ ଦେଇଛି। ସହରରେ ଚାଲୁଥିବା ଅଧିକାଂଶ ସରକାରୀ ଅଫିସ୍ ଗାଡ଼ିରେ ନା ଅଛି ବୈଧ ବୀମା ନା ଅଛି ଫିଟନେସ୍। ଆଉ ଏହି ବେଆଇନ ଗାଡ଼ିଗୁଡ଼ିକ ଯୋଗୁଁ ସହରରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ ସମ୍ବଲପୁର ପ୍ରଶାସନ ପୂରା ନିରବ ସାଜିଛି।

ଦୁର୍ଘଟଣାଗ୍ରସ୍ତ ହୋଇଥିବା ଡେପୁଟି କମିଶନରଙ୍କ ସେହି ଗାଡ଼ିର କୌଣସି ବୈଧ ବୀମା କିମ୍ବା ଫିଟନେସ୍ ସାର୍ଟିଫିକେଟ୍ ନଥିଲା। ଦୀର୍ଘ ଦିନ ହେବ ସରକାରୀ ନିୟମକୁ ବେଖାତିର କରି ଏହି ଗାଡ଼ିଟି ସହରର ରାଜପଥରେ ଦ୍ରୁତ ଗତିରେ ଦୌଡ଼ୁଥିଲା। ଏହି ଘଟଣା ପରେ ସାଧାରଣ ଜନତା ପ୍ରଶ୍ନ କରିବା ଆରମ୍ଭ କଲେଣି। ଯଦି ଜଣେ ସାଧାରଣ ବାଇକ୍ ଚାଳକର ଇନସ୍ୟୁରାନ୍ସ କିମ୍ବା ପଲ୍ୟୁସନ ସାର୍ଟିଫିକେଟ୍ ନଥାଏ, ତେବେ ଆରଟିଓ ଏବଂ ଟ୍ରାଫିକ ପୁଲିସ ହଜାର ହଜାର ଟଙ୍କାର ଚାଲାଣ କାଟିଥାନ୍ତି। ଗାଡ଼ି ଜବତ କରିବାକୁ ମଧ ପଛାନ୍ତି ନାହିଁ। କିନ୍ତୁ ସରକାରୀ ଅଧିକାରୀ ଓ ବିଭିନ୍ନ ବିଭାଗରେ ଭଡ଼ାରେ ଲାଗିଥିବା ଗାଡ଼ିଗୁଡ଼ିକ କ୍ଷେତ୍ରରେ ଏହି ନିୟମ କୁଆଡ଼େ ଯାଉଛି। ଫିଟନେସ୍ ନଥାଇ ଚାଲୁଥିବା ଏହି ଗାଡ଼ିଗୁଡ଼ିକ ପ୍ରତିଦିନ ଲୋକଙ୍କ ଜୀବନ ସହ ଖେଳୁଛନ୍ତି, ହେଲେ ସବୁ ଜାଣିଶୁଣି ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛି। ସରକାରୀ ବାବୁଙ୍କ ଗାଡ଼ିର ଯଦି ବୀମା ଓ ଫିଟନେସ୍ ନାହିଁ, ତେବେ ସେହି ଗାଡ଼ିଗୁଡ଼ିକୁ ସିଜ୍ କରାଯାଉ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସମ୍ବଲପୁରର ବିଭିନ୍ନ ସରକାରୀ ଅଫିସ, ଯେପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମହାନଗର ନିଗମ, ଏବଂ ଅନ୍ୟାନ୍ୟ ବିଭାଗରେ ଶତାଧିକ ଗାଡ଼ି ଚୁକ୍ତିଭିତ୍ତିରେ କିମ୍ବା ସରକାରୀ ଭାବେ ଚାଲୁଛି। ଏଥିମଧ୍ୟରୁ ଅଧିକାଂଶ ଗାଡ଼ିର କାଗଜପତ୍ର ଅଚଳ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏହି ସାଂଘାତିକ ଖାମଖିଆଲି ନୀତି ଉପରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଆର.ଟି.ଓ କି ପଦକ୍ଷେପ ନେଉଛନ୍ତି, ନା ପୂର୍ବପରି 'ବାବୁ' ସଂସ୍କୃତିକୁ ସୁରକ୍ଷା ଦେଇ ନିରବ ରହୁଛନ୍ତି ତାହା ଦେଖିବାକୁ ବାକି ରହିଛି।

# ଯୁବକଙ୍କୁ ଭାଲୁ ଆକ୍ରମଣ ବେଳେ ବଞ୍ଚାଇଲେ କୁକୁର ପଲ

**ରେଢ଼ାଖୋଲ, ୧୩।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ମାଳ ପଞ୍ଚାୟତ ଅଧୀନ ରାଇଚୁଆ ଗାଁ ମୁଣ୍ଡରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ ଜୁଯୁମୁରା ଥାନା ବଡ଼ ସୁଡୁଙ୍ଗୁପାଲ ବାସିନ୍ଦା ସୁବିଲ ପଟା(୪୫)।



ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ କୌଣସି କାର୍ଯ୍ୟରେ ଚାରମାଳ ଥାନା ରାଇଚୁଆ ଗ୍ରାମକୁ ଆସିଥିବାବେଳେ ଆଜି ସକାଳୁ ଗାଁ ମୁଣ୍ଡ ସଂଲଗ୍ନ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ତିନୋଟି ଭାଲୁ ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ସେ ଏକ ଗଛ କୁ ଚଢ଼ି ଯାଇଥିବାବେଳେ ଭାଲୁ ଗଛ ଉପରୁ ତାଙ୍କୁ ଟାଣି ଆଣିଥିଲେ। ତେବେ ଏହା ଦେଖି କୁକୁର ପଲମାନେ ଭାଲୁ ମାନଙ୍କ ସହିତ ଲଢ଼େଇ କରି ସେ ସ୍ଥାନରୁ ଘଉଡ଼ାଇ ଦେବାରୁ ଯୁବକଙ୍କ ଜୀବନ ରକ୍ଷା କରିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ଓ ପୂର୍ବତନ ସରପଞ୍ଚ ଷଡାନନ ପ୍ରଧାନ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ଚାରମାଳ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଯୁବକଙ୍କ ପେଟ, ହାତ, କାନ୍ଧ, ଅଣ୍ଟା, ପିଠି ଓ ପାପୁଲିରେ ଗଭୀର କ୍ଷତ ହୋଇଛି। ଯୁବକ ଜଣଙ୍କ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଜଣାପଡ଼ିଛି।

# ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା

**କୁଚିଣ୍ଡା, ୧୩।୬ (ସମିସ):** ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ ୬ ରାଜଧାନୀ ପଡ଼ାର ନିରଞ୍ଜନ ସିଂ (୬୦) କୌଣସି କାରଣରୁ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବଡ଼ ଭାଇ ଶୌଚ ପାଇଁ ଯିବା ସମୟରେ ଝରକା ଖୋଲାଥିବା ଦେଖି ଭିତରକୁ ଯାଇ ଦେଖିବାବେଳକୁ ତାଙ୍କ ଭାଇ ଦଉଡ଼ିଦେଇ ପଙ୍ଖାରେ ଝୁଲି ପଡ଼ିଛନ୍ତି। ପରିବାର କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତକରି କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ। ଶନିବାର କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ



**ସମ୍ବଲପୁର, ୧୩।୬ (ସମିସ) :** ଆଇନ ସେବା ପ୍ରାଧିକରଣ ସମ୍ବଲପୁର ତଥା ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଘେନୁପାଲିସ୍ଥିତ 'ରାଜୀବ ଗାନ୍ଧୀ ଭବନ' ଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର, ସହକାରୀ ଶ୍ରମ ଅଧିକାରୀ ତାନିୟା ଠାକୁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣା ସେଠ, ସରପଞ୍ଚ ଜଗଦୀଶ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ଠାକୁର ଶ୍ରମିକମାନଙ୍କର ଅସୁବିଧା ଗୁଡିକର ସମାଧାନ କରିଥିଲେ ଓ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସଚିବ ଶ୍ରୀ ମହାପାତ୍ର ଜନସାଧାରଣଙ୍କୁ ମାଗଣା ଆଇନ ସେବା ଓ ଶ୍ରମର ମହତ୍ୱ ବିଷୟରେ ଅବଗତ କରାଇଥିଲେ। ଶେଷରେ ସରପଞ୍ଚ ଶ୍ରୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିବାବେଳେ ପିଏଲ୍‌ଭି ଅନିରୁଦ୍ଧ ପ୍ରଧାନ ସହଯୋଗ କରିଥିଲେ।

# ବରିଷ୍ଠ ନେତା ଭବାନୀ ଶଙ୍କରଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୩।୬(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଭବାନୀ ଶଙ୍କର ନାଏକଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ଗଭୀର ଶୋକ ପ୍ରକଟ କରିଛନ୍ତି। ଇଂ ପୂଜାରୀ ନିଜର ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ, ସମ୍ବଲପୁର ଜିଲ୍ଲାର ବରିଷ୍ଠ ନେତା, ବାମରା ଅଞ୍ଚଳର ବରିଷ୍ଠ ସଂଗଠକ ଭବାନୀ ଶଙ୍କର ନାଏକ (କାମ ବାବୁ)ଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ମର୍ମାହତ ଏବଂ ଦୁଃଖିତ। ସ୍ୱର୍ଗତ ନାଏକ ତତ୍କାଳୀନ ଲଇକେରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ପ୍ରତିଦ୍ୱନ୍ଦ୍ୱିତ କରି ବହୁ ଅଳ୍ପ ଭୋଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଠାରୁ ପରାଜିତ ହୋଇଥିଲେ, ପରବର୍ତ୍ତୀ ସମୟରେ ବାମରା ବ୍ଲକ ଗୋବିନ୍ଦପୁର ସରପଞ୍ଚ ଭାବରେ ନିର୍ବାଚିତ ହୋଇ ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଏହା ସହ ବିଗତ ଦିନରେ ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଦାୟିତ୍ୱରେ ରହି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ କାମ କରିଥିଲେ। ଏଭଳି ଅସମୟରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି, ଅମର ଆତ୍ମାର ସଦଗତି ଏବଂ ପରିବାର ବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

# ରାଜ୍ୟସ୍ତରୀୟ 'ସମ୍ବଲପୁରୀ ଦିନ୍' ପାଇଁ ପ୍ରସ୍ତୁତି



**ସମ୍ବଲପୁର, ୧୩।୬(ସମିସ):** ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ଏକ ଅବସରରେ ସମ୍ବଲପୁରରେ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ

## ସମ୍ବଲପୁରୀ ଡେରା ହେବ ସମ୍ବଲପୁରୀ ଚିତ୍ର କର୍ମଶାଳା

ସଭାରେ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଦର୍ଶନ କେନ୍ଦ୍ର ହିସାବରେ ବିକଶିତ କରିବା ପାଇଁ ଯୋଜନା ରହିଛି। ସମ୍ବଲପୁରୀ ଦିନ ଭଳି ପରିକଳ୍ପନା ସଫଳ ହେବାପରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାୟିତ୍ୱ ବଢ଼ିଛି। ସମ୍ବଲପୁରୀ ପାଇଁ ସମର୍ପିତ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ଫଟୋ ଡେରା ପରିସରରେ ଅଙ୍କାଯାଇ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିପାଇଁ ଚିତ୍ରଶିଳ୍ପୀ ମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଏକତା ମଞ୍ଚର ମୁଁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଚିତ୍ରସେନ ଭୋଇ, ସ୍ୱରୂପ ସାହୁ, ଗୁରୁ ରଞ୍ଜିତ ସାହୁ, ଭାରତୀ ସମାଜ ମହାସଚିବ ଗୋପବନ୍ଧୁ ସେନାପତି, ଦଶରଥ ମେହେର, ରାହୁଲ ଗୁପ୍ତା, ସୁରେନ୍ଦ୍ର ବଗର୍ତି, ସୁବ୍ରତ ପ୍ରଧାନ, ଆଦିତ୍ୟ ସାହୁ, ରାଜେଶ ସ୍ୱାଇଁ, ପଙ୍କଜିନୀ ମେହେର, ଭୂମିସୁତା ମେହେର, ଯାମିନୀ ଠାକୁର, ଦୀପା ରାଉତ, ରିତା ସ୍ୱାଇଁ, ଲଳିତା ଭୋଇ ପ୍ରମୁଖ ସାମିଲ ରହିଥିଲେ।

## କୁଚିଣ୍ଡା ଡାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ଘଟଣା

# ମାସେ ପରେ ବି ତଦନ୍ତ ବାଟବଣା

**କୁଚିଣ୍ଡା, ୧୩।୬(ସମିସ):** କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା ପିନାକ ଦାସ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ଓ ଖରାପ ବ୍ୟବହାର କରୁଥିବା ଏସଡିଏମଓ ସୁବୋଧ ନାୟକଙ୍କ ଠାରେ କିଛି ରୋଗୀ ଏବଂ ତାଙ୍କର ସମ୍ପର୍କୀୟ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗର ଏକ ମାସ ପରେ ବି ଏହାର ତଦନ୍ତ କରାଯାଉ ନାହିଁ କି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ସ୍ୱାସ୍ଥ୍ୟ ବିଭାଗ କାହା ସ୍ୱାର୍ଥରେ ଡାକ୍ତରଙ୍କୁ ଘଣ୍ଟ ଘୋଡ଼ାଯାଉଛି, କିମ୍ବା ଏସଡି.ଏମ.ଓ ଙ୍କ ପାରିବା ପଣିଆ ଉପରେ ଜନସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି।

ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ପଞ୍ଚାୟତର ଡିପୁପଡ଼ା ଗ୍ରାମର ହରିପ୍ରିୟା ନାୟକ ନାମକ ଜଣେ ମହିଳା କୁଚିଣ୍ଡା ଏସ୍‌ଡିଏମଓ ଡା. ସୁବୋଧ ନାୟକଙ୍କୁ ଗତ ମାସ ୧୧ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ଯେ, ସେ ଗତ ମାସ ୬ ତାରିଖ ଦିନ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ଝ୍ୱାଇଁ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପିନାକ ଦାସ ତାଙ୍କ ଝ୍ୱାଇଁଙ୍କୁ ଘରକୁ ଡାକି ତାଙ୍କଠାରୁ ଔଷଧ ନେବାକୁ କହିଲେ, ମାତ୍ର ତାଙ୍କର ଝ୍ୱାଇଁ ମନାକରି ସେଠାରୁ ଫେରି ଆସିବାରୁ ଡା ପରଦିନ ଡାକ୍ତର ଦାସ ଆସି ତୁମକୁ ମୁଁ ଡିସଚାର୍ଜ କରି ତୁମର ଝିଅକୁ ରିପୋର୍ଟ ଦେଇ ଦେଇଛି, ତୁମେ କାହିଁକି ଏଠି ଅଛ, ଏଠାରୁ ଶୀଘ୍ର ପଳାଅ ବୋଲି କହିଥିଲେ। ଏପରିକି ମୁଁ ସୁସ୍ଥ ଅନୁଭବ କରୁନାହିଁ, କିଛି ଔଷଧ ଲେଖି ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ ମଧ ଡାକ୍ତର ବିରକ୍ତ ହୋଇ ଔଷଧ ଲେଖିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଥିଲେ ବୋଲି ସେ ଅଭିଯୋଗ କରି ଏହି ଘଟଣା କେବଳ ତାଙ୍କ ସହିତ ଘଟୁ ନାହିଁ ଅନ୍ୟରୋଗୀଙ୍କୁ ମଧ ସମ୍ପୃକ୍ତ ଡାକ୍ତର ଏପରି ବ୍ୟବହାର କରୁଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେ ଅଭିଯୋଗ କରିଥିଲେ ଯେ, ଡାକ୍ତର ପିନାକ ଦାସ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କର କ୍ଲିନିକକୁ ଡାକୁଛନ୍ତି ଏବଂ ସେଠାରୁ ଔଷଧ ନେବା ପାଇଁ ବାଧ କରୁଛନ୍ତି, ଯିଏ ଏଥିରେ ରାଜି ହେଉ ନାହିଁ ଚିକିତ୍ସାରେ ଅବହେଳା କରିବା ସହିତ ତାକୁ ଗାଳିମନ୍ଦ କରୁଛନ୍ତି। ଏହି ଅଭିଯୋଗରେ ସେହି ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଅନ୍ୟ ୫ ଜଣ ରୋଗୀ ଏବଂ ତାଙ୍କର ସମ୍ପର୍କୀୟମାନଙ୍କ ଦସ୍ତଖତ ମଧ ରହିଥିଲା। ତେବେ ରୋଗୀମାନେ କୁଚିଣ୍ଡା ଏସଡିଏମଓ ସୁବୋଧ ନାୟକଙ୍କୁ ଅଭିଯୋଗ କରିବାର ଏକ ମାସ ହୋଇ ଯାଇଥିଲେ ମଧ ଏହାର ତଦନ୍ତ କରାଯାଉ ନାହିଁ କି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ

# ବହୁ ବର୍ଷ ଅପେକ୍ଷା ପରେ ପାର୍ବତୀଙ୍କୁ ଝିଅ ରୂପେ ପାଇଲେ



**ସମ୍ବଲପୁର, ୧୩।୬(ସମିସ)**

ଦେବୀ ପାର୍ବତୀ ଦୁଇଟି ପୁତ୍ର ସନ୍ତାନ ଦେଇଛନ୍ତି। ଝିଅ ଟିଏ ନାହିଁ। ଝିଅ ବାହାଘର କରିବାର ମନରେ ଅନେକ ଇଚ୍ଛା ଥିଲା। ବିବାହ ପରଠାରୁ ମାତା ପାର୍ବତୀଙ୍କୁ କନ୍ୟାଭାବେ ଗ୍ରହଣ କରି ଭଗବାନ ମହାଦେବଙ୍କ ସହ ବିବାହ ଦେବା ପାଇଁ ଇଚ୍ଛା କରିଥିଲୁ। ଚଳିତବର୍ଷ ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରାରେ ମାତା ପାର୍ବତୀଙ୍କ କନ୍ୟାଦାନ କରିବାର ସୁଯୋଗ ପାଇ ବେଶ ଆନନ୍ଦିତ ଅଛୁ ବୋଲି ବ୍ରିଜେଶ ସୋନି କହିଛନ୍ତି। କୁମ୍ଭାରପଡ଼ା ବାସିନ୍ଦା ବ୍ରିଜେଶ କହିଛନ୍ତି, ଏହି ଐତିହାସିକ ଯାତ୍ରାରେ ମାତା ପାର୍ବତୀଙ୍କୁ କନ୍ୟା ଭାବେ ଗ୍ରହଣ କରି ବିବାହ ଦେବା ଏକ ପରମ ସୌଭାଗ୍ୟ। ଏହା ସମସ୍ତଙ୍କୁ ମିଳିନଥାଏ। ଏପରି ସୌଭାଗ୍ୟ ଜୀବନରେ ବାରମ୍ବାର ମିଳୁନଥିବାରୁ ଏହି

## ବନ୍ଧୁ ପରିଜନଙ୍କୁ ଆମନ୍ତ୍ରଣ କରାଯାଇଛି

ଦାୟିତ୍ୱକୁ ତ୍ରୁଟିଶୂନ୍ୟ ଓ ମାର୍ଜିତ ଭାବେ ସମ୍ପନ୍ନ କରିବା ପାଇଁ ପୂରା ପରିବାର ପ୍ରସ୍ତୁତିରେ ଲାଗିଛି। ଝିଅ ଓ ଜ୍ୱାଇଁଙ୍କ ପାଇଁ ସୁନା ରୂପା ଗହଣା, ପାଟବସ୍ତ୍ର, ବିବାହ ଓ ସାମାଜିକ ଚଳଣୀ ଅନୁସାରେ, ଯୌତୁକ ସାମଗ୍ରୀ କିଣାକିଣି ଜାରି ରହିଛି। ଏକ ପ୍ରକାରର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେପଟେ ନିମନ୍ତ୍ରଣ ପତ୍ର ବଣ୍ଟା ଚାଲିଥିବାବେଳେ ସମ୍ପର୍କୀୟମାନେ ଘରକୁ ଆସିବା ଆରମ୍ଭ କଲେଣି।

ସେହିପରି କନ୍ୟା ମାତା ହୋଇଥିବା ବ୍ରିଜେଶଙ୍କ ପତ୍ନୀ ସୁସ୍ମିତା ସୋନି କହିଛନ୍ତି, ମୋ ବାପଘର ମୁଦିପଡ଼ା ହୋଇଥିବା କାରଣରୁ ଜାଗେଶ୍ୱର ଶୀତଳଷଷ୍ଠୀ ଯାତ୍ରା ସହ ଆମର ବହୁବର୍ଷ ଧରି ପାରିବାରିକ ସମ୍ପର୍କ ରହିଛି। ଏପରି ସୁଯୋଗ ଏକ ଦିବ୍ୟ ଅନୁଭବ। ପରିବାରର ସମସ୍ତେ ଏଥିରେ ଉତ୍ସାହିତ। କନ୍ୟା ପାର୍ବତୀଙ୍କ ପାଇଁ ସୁନା ହାର, ପାଉଜି, ଝୁଣ୍ଟିଆ, ସୁନା ଚୁଡି, କାନଫୁଲ, ସମ୍ବଲପୁରୀ ପାଟ, ବନାରସୀ ପାଟ, ଦକ୍ଷିଣ ଭାରତର କାଞ୍ଜିବରମ ପାଟ ଓ ସିଲ୍କ ଶାଢ଼ୀ କିଣିଛୁ। ପିତ୍ତଳ ବାସନ ସେଟ୍, ପୂଜା ସାମଗ୍ରୀ ସେଟ୍, କଂସା, ଥାଳି, ଗିନା ଆଦି ମଧ କିଣିଛୁ। ସେହିପରି ଜ୍ୱାଇଁ ତଥା ବାବା ଜାଗେଶ୍ୱରଙ୍କ ପାଇଁ ସୁନା ଚେନ୍, ମୁଦି, ରୂପାର ମୁକୁଟ, କଠଉ, ତ୍ରୀଶୂଳ, ବେଲପତ୍ର, ମଠା ବସ୍ତ୍ର ଆଦି କିଣି ସାରିଲୁଣି। ପୂରା ପରିବାର ପ୍ରସ୍ତୁତିରେ ଲାଗିଛନ୍ତି। ମାମୁ ଘରୁ ମଉଳା ଭାର ଆସିବା ବାକିଅଛି। ମଉଳା ଭାର ଆସିବା ପରେ ପ୍ରସ୍ତୁତି ପୂରାହେବ। ପତରପେଣ୍ଡି ପୂର୍ବରୁ ସବୁ କାମ ଶେଷ କରିବାକୁ ପୂରା ପରିବାର କାମରେ ଲାଗିଛି। ପରିବାର ସଦସ୍ୟମାନେ କହିଛନ୍ତି, ଏହି ସୁଯୋଗ ପୁରା ପରିବାର ପାଇଁ ଏକ ସ୍ମରଣୀୟ ଘଟଣା। ସମସ୍ତେ ଉତ୍ସାହିତ ଓ ପ୍ରସ୍ତୁତିରେ ଲାଗିଛନ୍ତି। ପତରପେଣ୍ଡି ପୂର୍ବରୁ ସବୁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଘରେ ପହଞ୍ଚିବେ। ପଟେଲ ଗାର୍ଡନେରେ ଦେବ ବିବାହ ସମ୍ପନ୍ନ ହେବ। ଅଳ୍ପକିଛି ନିମନ୍ତ୍ରଣ ପତ୍ର ବାଣ୍ଟିବା ବାକି ରହିଛି। ଯାହା ଖୁବଶୀଘ୍ର ସମ୍ପନ୍ନ ହୋଇଯିବ ବୋଲି ବ୍ରିଜେଶ କହିଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି



**ନାକଟିଦେଉଳ, ୧୩।୬ (ସମିସ):** ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମବାସୀଙ୍କ ଦ୍ୱାରା ଏକ ସଂରକ୍ଷିତ ସରକାରୀ ଜମିରେ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବାନେଇ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ କରିବା ପାଇଁ ନାକଟିଦେଉଳ ତହସିଲଦାର ଓ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରାପାଲି ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସରକାରୀ ଅଫିସ୍ ଗୃହ ନିର୍ମାଣ ପାଇଁ ଜମି ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ କିଛି ସରକାରୀ ଜମି ସଂରକ୍ଷିତ ରଖିଛନ୍ତି। ତେବେ ସଂରକ୍ଷିତ ଜମିରେ ସମ୍ପୃକ୍ତ ବ୍ୟକ୍ତି ଖୁଣ୍ଟପୋତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାକୁ ବିରୋଧ କରି ସରାପାଲି ଗ୍ରାମର ନବୀନ ସ୍ୱାଇଁ, ହୃଦାନନ୍ଦ ସାହୁ, ମାନଗୋବିନ୍ଦ ମାଝୀ, ଧୁରେନ୍ ସାହୁ, ପ୍ରଦୀପ କୁମାର ବିଶ୍ୱାଳ, ଭରତ ସ୍ୱାଇଁ, ବିଦ୍ୟାଧର ମହାକୁଡ଼, ଲବସାହୁ, ସହଦେବ ଚନ୍ଦନ, ମେଘନାଦ ମହାକୁଡ଼ଙ୍କ ସମେତ ଶତାଧିକ ଗ୍ରାମବାସୀ ନାକଟିଦେଉଳ ତହସିଲଦାର ଏବଂ ନାକଟିଦେଉଳ ବିଡିଓଙ୍କ ନିକଟରେ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରର ନକଲ ସମ୍ବଲପୁର ଜିଲ୍ଲାପାଳ, ରେଢ଼ାଖୋଲ ଉପଜିଲ୍ଲାପାଳ, ନାକଟିଦେଉଳ ଥାନାଧିକାରୀଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାକଟିଦେଉଳ ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ପ୍ରକାଶ କରିଛନ୍ତି।

## ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ପଢିବେ ୮ ଅଭିଭାବକହୀନ ଶିଶୁ



**ଦେବଗଡ଼, ୧୩।୬ (ସମିସ):** କୋଭିଡ ମହାମାରୀ ସମୟରେ ପିତା କିମ୍ବା ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆଶୀର୍ବାଦ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କ ଶିକ୍ଷାକୁ ସୁନିଶ୍ଚିତ ଓ ଶୈଶବକୁ ସ୍ୱାଭାବିକ କରାଯାଇଥିଲା। ଚଳିତ ବର୍ଷ ମାଟ୍ରିକ ଓ +୨ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ବର୍ଗର ପିଲାମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ବିଭିନ୍ନ ବୈଷୟିକ ଓ ବହୁବୃତି ଶିକ୍ଷାନୁଷ୍ଠାନ ଯଥା ସରକାରୀ ଆଇଟିଆଇ, ପଲିଟେକ୍ନିକ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମ ଲେଖାଇ ଯଶୋଦା ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି। ଏହି କ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ୮ ଜଣ ପିଲାଙ୍କୁ 'ଗ୍ରୀନ ପ୍ୟାସଜ୍' ସାର୍ଟିଫିକେଟ ପ୍ରଦାନ କରାଯାଇଛି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷା ଅଧିକାରିଣୀ କ୍ରାନ୍ତି ମଞ୍ଜରି ଧାଉଁଳିଆ, ଗଗନ ବିଶ୍ୱାଳ ଓ ଲିପନ ବଣିତୃଳଙ୍କ ତତ୍ତ୍ୱାବଧାନରେ 'ଗ୍ରୀନ ପ୍ୟାସଜ୍' ସାର୍ଟିଫିକେଟ ପାଇଥିବା ରତନ ମଣ୍ଡଲ, ରାହିନୀ ଭୂୟାଁ, ଶ୍ରୀବତ୍ସ ସାହୁ, ରଶ୍ମିତା କିଶାନ, ଅଲିଭା ଭୋଇ, ଲିଟୁନ ପ୍ରଧାନ, ଭାଗ୍ୟଦୀପ ନାୟକ ଓ ଅଙ୍କିତ ସାମଲ ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହୋଇ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବଲାଙ୍ଗିର ଓ ଭୁବନେଶ୍ୱର ସ୍ଥିତ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନନେଜମେଣ୍ଟରେ ନାମ ଲେଖାଇଛନ୍ତି। ଏହି ପିଲାମାନେ ଉକ୍ତ ଅନୁଷ୍ଠାନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଉଚ୍ଚ ଶିକ୍ଷା ଗ୍ରହଣ କରିବା ସହିତ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବିଭିନ୍ନ ସଂସ୍ଥା ଓ ଶିଳ୍ପ ସଂସ୍ଥାନରେ ନିଯୁକ୍ତି ପାଇ ପାରିବେ।

### ବର୍ଷ ବର୍ଷ ଧରି ପଟ୍ଟା ଜମିରେ ଚାଲୁଥିଲା ଖଣିଜ ସମ୍ପଦ ବୋଝେଇ ଗାଡ଼ି

## ରାସ୍ତା ଖୋଳି ଦେଲେ ଗ୍ରାମବାସୀ; ପରିବହନ ଠପ୍

**ରାଉରକେଲା/କୋଇଡ଼ା, ୧୩।୬(ସମିସ)**

ବର୍ଷ ବର୍ଷ ଧରି ପଟ୍ଟା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଚାଲୁଥିଲା ଖଣି ବୋଝେଇ ଟ୍ରକ ଏବଂ ଟିପ୍ପର। ତେବେ ହାଇଟେକ ସର୍ଭେ ରିପୋର୍ଟରେ ଉକ୍ତ ଜମି ପଟ୍ଟାଧାରୀଙ୍କ ଜଣାପଡ଼ିବା ପରେ ରାସ୍ତା ବନ୍ଦ କରିବା ସହ ଏହାର ସମାଧାନ ପାଇଁ ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଶେଷରେ ଜେସିବି ଦ୍ୱାରା ରାସ୍ତା ଖୋଳି ଦେଲେ ପଟ୍ଟାଧାରୀ ଜମି ମାଲିକ। ଫଳରେ ଶହ ଶହ ଲୁହାପଥର ବୋଝେଇ ଟ୍ରକ ଓ ଟିପ୍ପର ରାସ୍ତା ଉପରେ ଛିଡ଼ା ହୋଇ ରହିଛି। ଫଳରେ ଉକ୍ତ ଅଞ୍ଚଳରେ ୨ଟି ଖଣିରୁ ଲୁହାପଥର ପରିବହନ ଠପ୍ ହୋଇଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋଇଡା ଅନ୍ତର୍ଗତ ସର୍ଗିଗଡ଼ ଅଞ୍ଚଳରେ।

ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ପାଟମୁଣ୍ଡା ସ୍ଥିତ ବହୁ ଖଣି କମ୍ପାନୀ ଟ୍ରକ ଟିପ୍ପରଗୁଡ଼ିକ ବର୍ଷ ବର୍ଷ ଧରି ଜମି ମାଲିକଙ୍କ ଆଇନଗତ ମାଲିକାନାରେ ଥିବା ପଟ୍ଟା ଜମି ଦେଇ ଯାଉଥିଲେ। ଏ ନେଇ ତେହେରେଇ ଓ ସର୍ଗିଗଡ଼ ଗ୍ରାମବାସୀମାନେ ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ତହସିଲଦାରଙ୍କ ଠାରୁ ନେଇ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ। ହେଲେ ଇତି ମଧ୍ୟରେ ୨ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହୋଇ

### ରାସ୍ତାରେ ଅଟକି ରହିଛି ଶହ ଶହ ଗାଡ଼ି

ନଥିଲା କି ପଟ୍ଟାଧାରୀ ଜମି ମାଲିକ ଗ୍ରାମବାସୀଙ୍କୁ କ୍ଷତିପୂରଣ ମିଳି ନଥିଲା। ତେବେ ନିକଟରେ ହାଇଟେକ୍ ସର୍ଭେ ରିପୋର୍ଟରୁ ଉକ୍ତ ଜମି ଦୀପକ ଦେହୁରୀ, ଅର୍ଜୁନ ବାରିକ, ଜିତେନ ପଲେଇଙ୍କ ସମେତ ୭ ଜଣଙ୍କ ନାମରେ ପଟ୍ଟା ହୋଇଥିବା ଜଣାପଡ଼ିଥିଲା। ଏହା ଜାଣିବା ପରେ ପଟ୍ଟାଧାରୀ ଗ୍ରାମବାସୀ ସମସ୍ୟାର ସମାଧାନ ସହ କ୍ଷତିପୂରଣ ଦାବି କରି ଗତ ମେ' ୧୨ ତାରିଖରେ ବଣାଇଁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇ ଅଭିଯୋଗ କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ପ୍ରଶାସନ ତରଫରୁ ଜମି ପଟ୍ଟାଧାରୀମାନଙ୍କୁ ସମସ୍ୟାର ସମାଧାନ ପାଇଁ ୭ ଦିନ ସମୟ ମଗାଯାଇଥିଲା। କିନ୍ତୁ ଏହା ଭିତରେ ମାସେରୁ ଅଧିକ



ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ କୋଇଡ଼ାର ସର୍ଗିଗଡ଼ ଓ ତେହେରେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଜମି ମାଲିକମାନେ ମାମଲାକୁ ନିଜ ହାତକୁ ନେବାକୁ ନିଷ୍ପତ୍ତି ନେଇ ତେହେରାଇ ଏବଂ ସର୍ଗିଗଡ଼ ଦୁଇଟି ସ୍ଥାନରେ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ଦେଇଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ସମସ୍ତ ଭାରୀଯାନ ଚଳାଚଳ ଠପ୍ ହୋଇଯାଇଛି। ବହୁ ଖଣିଜ ପଦାର୍ଥ ବୋଝେଇ ଟ୍ରକ ଓ ଟିପ୍ପର ରାସ୍ତା ଉପରେ ଅଟକି ରହିଛି।

ଏନେଇ ସ୍ଥାନୀୟ ଜମି ମାଲିକ ଏବଂ ଖଣି ମାଲିକଙ୍କ ମଧ୍ୟ ତିକ୍ତତା ଜାରି ରହିଛି। ଗ୍ରାମବାସୀମାନେ ନ୍ୟାୟପୂର୍ଣ୍ଣ କ୍ଷତିପୂରଣ, ସେମାନଙ୍କ ଜମି ଅଧିକାରର ସୁରକ୍ଷା ଏବଂ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି।

## ହଷ୍ଟେଲ ଛାତରୁ ଖସି ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ

### ହତ୍ୟା ନା ଆତ୍ମହତ୍ୟା ତଦନ୍ତ କରୁଛି ପୁଲିସ



**ରାଉରକେଲା/କୁତ୍ରା, ୧୩।୬(ସମିସ):** କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗା ଟୋଲି ଗ୍ରାମ ନିକଟରେ ହୃଦାନନ୍ଦ ଆଇଟିଆଇ ତାଲିମ କେନ୍ଦ୍ରରେ ପାଠ ପଢୁଥିବା ଜଣେ ଛାତ୍ରଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ହଷ୍ଟେଲର ଛାତ ଉପରୁ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବାବେଳେ ସେ ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାତ୍ର ବାସ୍ତବରେ ଏହା ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟାକାଣ୍ଡ ତାକୁ ନେଇ ଚାଲିଛି ଚର୍ଚ୍ଚା।

ସୂଚନା ମୁତାବକ, ବିରିଙ୍ଗାଟୋଲି ସ୍ଥିତ ହୃଦାନନ୍ଦ ଆଇଟିଆଇରେ ତଳସରା ଅଞ୍ଚଳର ସୋନୁ ଅଭିଷେକ ତନ୍ତୀ (୨୨) ଇଲେଟ୍ରିକାଲ ବିଭାଗରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିଲେ। ଗତକାଲି ରାତ୍ରରେ ହଷ୍ଟେଲରେ ସମସ୍ତେ ଖାଇବା ପରେ ନିଜ ନିଜର ରୁମକୁ ଚାଲି ଯାଇଥିଲେ। ଆଜି ସକାଳେ ଅଭିଷେକ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବା ଏବଂ ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ହଷ୍ଟେଲ ପରିସରରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିଲା। ତୁରନ୍ତ ବୈଷୟିକ ତାଲିମ କେନ୍ଦ୍ରର ଶିକ୍ଷକମାନେ ଘଟଣା ସ୍ଥଳରେ ପହଞ୍ଚି କୁତ୍ରା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ଏସ୍‌ଡ଼ିପିଓ ବିଭୁତି ଭୂଷଣ ଭୋଇ, କୁତ୍ରା ଥାନା ଅଧିକାରୀ ଲୋକେଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଅଭିଷେକଙ୍କର କିପରି ମୃତ୍ୟୁ ଘଟିଲା, ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କେହି ହତ୍ୟା କରି ଚାରି ତାଲା ହଷ୍ଟେଲ ଛାତ ଉପରୁ ତଳକୁ ଫୋପାଡ଼ି ଦେଇଛି ତାର ତଦନ୍ତ ଆରମ୍ଭ କରିଛି ପୁଲିସ। ପୁଲିସ ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୃତଦେହ ପଠାଇ ଦେଇଥିବା ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଭିଷେକଙ୍କ ମୃତ୍ୟୁର ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ସୂଚନା ଦେଇଛି।

## ଆଦର୍ଶ ଯୁବ ପରିଷଦର ବାର୍ଷିକୋତ୍ସବ ଓ ରଜ ମଉଜ

**ରାଉରକେଲା, ୧୩।୬(ସମିସ):** ସହରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦର ୨୬ତମ ବାର୍ଷିକୋତ୍ସବ ଓ ୧୨ତମ ତ୍ରିଦିବସୀୟ ରାଜ୍ୟସ୍ତରୀୟ ରଜ ମଉଜ-୨୦୨୬ ସ୍ଥାନୀୟ ସିଭିକ୍ ସେଣ୍ଟର ଅଡିଟୋରିୟମ ଠାରେ ଉଦ୍‌ଯାପିତ ହୋଇଯାଇଛି।

ସାଧାରଣ ସମ୍ପାଦକ ସତ୍ୟ ସୁନ୍ଦର ପାତ୍ରଙ୍କ ସଂଯୋଜନାରେ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅର୍ଜୁନ ଓ ଏକଲବ୍ୟ ପୁରସ୍କାର ପ୍ରାପ୍ତ କ୍ରୀଡାବିତ୍ ରଚିତା ମିସ୍ତ୍ରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଲେ ଯେ, ଛାତ୍ରଛାତ୍ରୀ ଓ ଯୁବ ପିଢ଼ି ଉତ୍ତମ ସ୍ୱାସ୍ଥ୍ୟ ଗଠନ ଦିଗରେ ଯତ୍ନବାନ ହେବା ଆବଶ୍ୟକ।

ରାଜକୁମାର ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପରିଷଦର ୨୬ ବର୍ଷର ନିରବଚ୍ଛିନ୍ନ ଯାତ୍ରା ସଫଳତାର ସହ ଜାରି ରଖିବା ଓ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ କୁମାର ନାୟକ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା।

ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ହେତୁ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ନପାରି ତାଙ୍କର ଶୁଭେଚ୍ଛା ବାର୍ତ୍ତା ପରିଷଦର ସଭାପତିଙ୍କ ନିକଟକୁ ପଠାଇଥିଲେ। ଏହି ତ୍ରିଦିବସ ବ୍ୟାପି ଆୟୋଜିତ ରାଜ୍ୟସ୍ତରୀୟ ରଜ ମଉଜ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୁବ୍ରତ ତରାଇ ଯୋଗ ଦେଇ ପରିଷଦ



ରଜ ମଉଜ ପାଳନ କରି ଓଡିଆ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ନିଜର ଉଦ୍ୟମ ବଜାୟ ରଖିବା ପ୍ରଶଂସନୀୟ ବୋଲି ଉଲ୍ଲେଖ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଆର୍‌ଏସ୍‌ପିର ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଉଦ୍ୟୋଗୀ ପଦ୍ମିନୀ ପାଣିଗ୍ରାହୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା 'କାନଭାସ'ର ଆବାହକ ସୁରେଶ ପ୍ରଧାନ ଯୋଗ ଦେଇଥିଲେ। ସମାଜସେବା ଦିଗରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବରିଷ୍ଠ ସେବିକା ସଫଳା ସାହୁ, ସଫେଇ କର୍ମଚାରୀ ଭଗବତୀ ଦୀପ, ସ୍ୱାସ୍ଥ୍ୟକର୍ମୀ ଚିନ୍ମୟୀ ବିଶ୍ୱାଳ, ପରିବେଶ ସ୍ୱଚ୍ଛତା ପାଇଁ କ୍ଲିନ୍ ଆଣ୍ଡ ଗ୍ରୀନ୍, ଅଟୋଚାଳକ କାର୍ତ୍ତିକ ଚନ୍ଦ୍ର ବେଉରିଆଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ସଭାପତି ବରଦା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୋନାଲିସା ଗୌଡ ମଞ୍ଚ ସଂଯୋଜନା କରିଥିଲେ। ପରିଷଦର ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ଷଡଙ୍ଗୀ ଓ ବିଘ୍ନେଶ୍ୱର କବି ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଏସ୍‌ଏସ୍ ବିମାନବନ୍ଦରରେ ପାଳିତ ହେବ ଯାତ୍ରୀ ସୁବିଧା ଦିବସ




**ଝାରସୁଗୁଡା, ୧୩।୬(ସମିସ):** ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରେ ଆସନ୍ତା ୧୫ ଜୁନ୍ ୨୦୨ରେ 'ଯାତ୍ରୀ ସୁବିଧା ଦିବସ' ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀ-କୈନ୍ଦ୍ରିକ ପଦକ୍ଷେପ, ଭିତ୍ତିଭୂମି ଉନ୍ନତି ଏବଂ ସେବାର ସୁଧାର ପ୍ରଦର୍ଶିତ ହେବ, ଯାହା ଯାତ୍ରୀଙ୍କ ସୁବିଧା ଓ କାର୍ଯ୍ୟଦକ୍ଷତାକୁ ବଢ଼ାଇବ।

ଯାତ୍ରୀ-କୈନ୍ଦ୍ରିକ ସେବା ପ୍ରଦାନର ଅଂଶ ଭାବେ ଭିଏସ୍‌ଏସ୍ ବିମାନବନ୍ଦର "ଯାତ୍ରୀ ସୁବିଧା ଦିବସ" ପାଳନ କରିଥାଏ। ଆସନ୍ତା ୧୫ ତାରିଖ ସକାଳ ସାଢେ ୧୦ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ସାଢେ ୩ଟାରେ ମିଡିଆ ବ୍ରିଫିଂ ହେବ। ଏହା ଯାତ୍ରୀ ଓ ହିତାଧିକାରୀମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ସେମାନଙ୍କ ଯାତ୍ରା ଅନୁଭବ ବୁଝିବା ଏବଂ ଆହୁରି ସୁଧାର ଆଣିବା ପାଇଁ କ୍ଷେତ୍ର ଚିହ୍ନଟ କରିବାର ଏକ ପ୍ରୟାସ। ଏହି ଅବସରରେ ବିମାନବନ୍ଦର କର୍ତ୍ତୃପକ୍ଷ ଯାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବେ, ନୂତନ ସୁବିଧା ଓ ଚାଲୁଥିବା ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବେ ଏବଂ ନିରାପଦ, ସୁଗମ ଓ ଆରାମଦାୟକ ଯାତ୍ରା ଅନୁଭବ ପ୍ରଦାନ ପାଇଁ ବିମାନବନ୍ଦରର ପ୍ରତିବଦ୍ଧତାକୁ ପୁନଃ ଦୋହରାଇବେ।

### କିଓ କରାଟେ ଚାମ୍ପିଅନସିପ

## ବିଚାରକ ଦାଇତ୍ୱ ତୁଲାଇଲେ ରାଜୀବ ସିଂ

**ରାଉରକେଲା, ୧୩।୬ (ସମିସ):** କରାଟେ ଇଣ୍ଡିଆ ଅର୍ଗାନାଇଜେସନ, କିଓ ପକ୍ଷରୁ ଉତ୍ତରାଖଣ୍ଡର ଡେରାଡୁନଠାରେ କିଓ ସବଜୁନିଅ, କ୍ୟାଡେଟ ଓ ଜୁନିଅର କରାଟେ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୩ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଚାମ୍ପିଅନ୍‌ସିପ୍‌ରେ ଦେଶର ସମସ୍ତ ରାଜ୍ୟ କରାଟେ ସଂଘ ମାଧ୍ୟମରେ ୨୦୦୦ରୁ ଊର୍ଦ୍ଧ୍ୱ କରାଟେ ପ୍ରତିଯୋଗୀ ଏହି ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିଥିଲେ। କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଆୟୋଜିତ ଏହି ଚାମ୍ପିନନସିପ୍‌ରେ ରାଉରକେଲା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ରାଜୀବ କୁମାର ସିଂ ଅଂଶଗ୍ରହଣ କରି ସଫଳତାର ସହ ବିଚାରକ ଦାୟିତ୍ୱ ତୁଲାଇ ସଭାପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ମୋମେଣ୍ଟୋ ଗ୍ରହଣ କରିଛନ୍ତି। ଏଥିପାଇଁ ରାଜୀବ ରାଜ୍ୟ କରାଟେ ସଂଘ, ଓସ୍କାର ସଭାପତି ହାଂଶୀ ଡ.ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଡ ଗୌରୀ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ୧୫ରେ ଆର୍‌ଏସ୍‌ପି ପକ୍ଷରୁ 'ମେଘ ମହ୍ଲାର'

**ରାଉରକେଲା, ୧୩।୬(ସମିସ):** ଓଡ଼ିଶାର ଗଣପର୍ବ 'ରଜ ଉତ୍ସବ' ଅବସରରେ ମୌସୁମୀର ଆଗମନକୁ ସ୍ୱାଗତ ଜଣାଇ ରାଉରକେଲା ଇସ୍ପାତ କାରଖାନା ଆସନ୍ତା ଜୁନ୍ ୧୫ ତାରିଖରେ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର୍‌ଠାରେ ଏକ ନୃତ୍ୟ ଓ ସଙ୍ଗୀତର ସନ୍ଧ୍ୟା 'ମେଘ ମହ୍ଲାର' ଆୟୋଜନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬.୩୦ ମିନିଟ୍‌ରେ ଆରମ୍ଭ ହେବ।

ଏହି ସାଂସ୍କୃତିକ ସନ୍ଧ୍ୟାରେ ପାରମ୍ପରିକ ଏବଂ ଆଧୁନିକ ପ୍ରଦର୍ଶନର ଏକ ସମାହାର ଦେଖିବାକୁ ମିଳିବ। ଯେଉଁଥିରେ ରଜ ପର୍ବର ଅନନ୍ୟ ରୀତିନୀତି, ଖେଳ, ଗୀତ ଏବଂ ଉତ୍ସବକୁ ପ୍ରଦର୍ଶିତ କରାଯାଇ ଦର୍ଶକମାନଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ଝଲକ ପ୍ରଦାନ କରାଯିବ। କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ ଏବଂ ଏହା ସଙ୍ଗୀତ, ନୃତ୍ୟ ଓ ଉତ୍ସବର ଏକ ମନୋରମ ସନ୍ଧ୍ୟା ହେବ। ରାଉରକେଲାର ସଂସ୍କୃତିପ୍ରିୟ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବାକୁ ଅନୁରୋଧ କରାଯାଇଛି।

### ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ

## ୩୮୫ ପରିବାରକୁ ୧୫.୮୬ କୋଟିରୁ ଊର୍ଦ୍ଧ୍ୱ କ୍ଷତିପୂରଣ ପ୍ରଦାନ

**ରାଉରକେଲା, ୧୩।୬(ସମିସ)**

ନିଜର ପ୍ରତିବଦ୍ଧତାକୁ ଦୋହରାଇ ରାଉରକେଲା ଇସ୍ପାତ କାରଖାନା ଉତ୍ପାଦନ କ୍ଷମତାକୁ ଦ୍ୱିଗୁଣିତ କରିବାକୁ ଥିବା ସମ୍ପ୍ରସାରଣ ପ୍ରକଳ୍ପକୁ ସୁଗମ କରିବା ପାଇଁ ଏହାର ଜମିରୁ ସ୍ଥାନାନ୍ତରିତ ହେଉଥିବା ପରିବାରଗୁଡ଼ିକୁ ଯଥାଶୀଘ୍ର କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରିବା ଜାରି ରଖିଛି। ଗତ ଜୁନ୍ ୧୨ ତାରିଖ ସୁଦ୍ଧା ଆର୍‌ଏସ୍‌ପି ୩୮୫ଟି ପରିବାରକୁ ୧୫ କୋଟି ୮୬ ଲକ୍ଷରୁ ଅଧିକ ଟଙ୍କା ବଣ୍ଟନ କରିସାରିଛି। ସମସ୍ତ କ୍ଷତିପୂରଣ ପ୍ରକ୍ରିୟା ଅତ୍ୟନ୍ତ ସତର୍କତା ଓ ନିଷ୍ଠାର ସହ କରାଯାଉଥିବା ବେଳେ ସମସ୍ତ ପ୍ରକ୍ରିୟାକୁ ସୁନିୟୋଜିତ କରିବାର ଏକ କଠୋର ନିର୍ଦ୍ଦେଶକୁ ବଜାୟ ରଖି ଏଯାବତ ଇସ୍ପାତ କାରଖାନା ୧୦୩ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଛି, ଯାହା ବିସ୍ଥାପିତ ପରିବାରଗୁଡ଼ିକ ପାଇଁ ଏକ ସ୍ଥିର



ରୋଜଗାରର ପନ୍ଥା ସୃଷ୍ଟି କରିଛି।

ବିଶେଷ ଭାବରେ ଏହି ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ମଧ୍ୟରୁ ପ୍ରତ୍ୟେକ ସମସ୍ତ ବୈଧାନିକ ଲାଭ ସହିତ ୨୨, ୫୦୦ ଟଙ୍କାର ପ୍ରାରମ୍ଭିକ ଦରମା ପାଉଛନ୍ତି। ସେମାନଙ୍କ ପରିବାର ମଧ୍ୟ ଏବେ ଚିକିତ୍ସା ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହାବ୍ୟତୀତ ଏକ ସହଜ ସ୍ଥାନାନ୍ତର ପ୍ରକ୍ରିୟା ନିଶ୍ଚିତ କରିବା ପାଇଁ ପୂର୍ବରୁ ୧୮୪ଟି କୁଡ଼ିଆ ଘରେ ରହୁଥିବା ପରିବାରଗୁଡ଼ିକୁ ଅସ୍ଥାୟୀ ଆବାସକୁ ସ୍ଥାନାନ୍ତର କରାଯାଇଛି।

ଘର ନିର୍ମାଣ ପାଇଁ ସେମାନଙ୍କୁ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଦେଓଗାଁ ନିକଟରେ ଏକ ପ୍ରମୁଖ ସ୍ଥାନକୁ ଆବାସିକ ପ୍ଲଟ୍ ଭାବରେ ବିକଶିତ କରାଯାଉଛି, ଯେଉଁଥିରେ ବ୍ୟାପକ ସଡ଼କ ସଂଯୋଗୀକରଣ, ଜଳ ନିଷ୍କାସନ ବ୍ୟବସ୍ଥା, ବିଦ୍ୟୁତ ଏବଂ ଜଳ ଯୋଗାଣ ସୁବିଧା ରହିଛି।

ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ଯେପରି ଶିଳ୍ପ ଅଭିବୃଦ୍ଧି ଆଗକୁ ବଢ଼ିବ, ତାହା ନିଶ୍ଚିତ କରିବା

### ୧୦୩ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି

ପାଇଁ ରାଉରକେଲା ଇସ୍ପାତ କାରଖାନା ନିଜ ଲକ୍ଷ୍ୟରେ ଅଟଳ ରହିଛି। ଆର୍ଥିକ ଉତ୍ତରଦାୟୀ ହେବା ସହିତ ସ୍ଥାୟୀ ଭିତ୍ତିଭୂମି ବିକାଶକୁ ସାମିଲ କରି ଏହି ସ୍ଥାନାନ୍ତର ପ୍ରକ୍ରିୟାରେ ସମ୍ପୃକ୍ତ ଥିବା ପରିବାରଗୁଡ଼ିକର ଏକ ଅଧିକ ଉଜ୍ଜ୍ୱଳ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ପ୍ରୟାସ ଜାରି ରଖିଛି।

## ନୂତନ ଲୋଡର୍ କମ୍ ଏସ୍କାଭେଟର୍ ଦ୍ୱାରା ଆର୍‌ଏସପି ରେଳ ଭିତ୍ତିଭୂମି ରକ୍ଷଣାବେକ୍ଷଣ ସୁଦୃଢ଼



**ରାଉରକେଲା, ୧୩।୬(ସମିସ):** ସମ୍ପୂର୍ଣ୍ଣ କାରଖାନାରେ ରେଳ ଭିତ୍ତିଭୂମି ରକ୍ଷଣାବେକ୍ଷଣ ଏବଂ ସଫେଇ କାର୍ଯ୍ୟକୁ ଆହୁରି ଗତିଶୀଳ କରିବାକୁ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ପରମାନେଣ୍ଟ୍ ୱେ ସେକ୍ସନରେ ଏକ ନୂତନ 'ଲୋଡର୍ କମ୍ ଏସ୍କାଭେଟର୍' ସାମିଲ୍ କରାଯାଇଛି। ପୂର୍ବରୁ ପି ଡବ୍ଲ୍ୟୁ ସେକ୍ସନରେ ଦୁଇଟି ଲୋଡର୍ କମ୍ ଏସ୍କାଭେଟର୍ ରହିଥିଲା। ଏହି ନୂତନ ମେସିନ୍ ଆସିବା ପରେ ଏହାର ସଂଖ୍ୟା ଏବେ ବୃଦ୍ଧି ପାଇଛି। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ମୁଖ୍ୟ ମହାପ୍ରବନ୍ଧକ କେ. ସୁନ୍ୟାନୀଙ୍କ ଦ୍ୱାରା ଜୁନ୍ ୧୧ ତାରିଖରେ ଟି ଆଣ୍ଡ ଆର୍.ଏମ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏହି ନୂତନ ମେସିନ୍‌ର ଶୁଭାରମ୍ଭ କରାଯାଇଥିଲା। ଏହି ଉଦ୍‌ଘାଟନୀ ସମାରୋହରେ ମହାପ୍ରବନ୍ଧକଗଣ, ଅଧିକାରୀବୃନ୍ଦ ଏବଂ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ଆଧୁନିକ ଯାନର ବ୍ୟବହାର କାରଖାନା ମଧ୍ୟରେ ସଫେଇ କାର୍ଯ୍ୟକୁ ଯଥେଷ୍ଟ ମଜବୁତ କରିବ। ଏହାସହ ଏହା ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି କାର୍ଯ୍ୟ ଯେପରିକି- ରେଳଧାରଣା ନବୀକରଣ, ରେଳଧାରଣାର ଜଳ ନିଷ୍କାସନ ବ୍ୟବସ୍ଥାର ସଫେଇ ଓ ପୁନରୁଦ୍ଧାର ଏବଂ କାରଖାନାର ରେଳ ନେଟ୍‌ୱର୍କ ସାରା ପଥର ବାଲାଷ୍ଟ ବିଛାଇବା କାର୍ଯ୍ୟରେ ସହାୟକ ହେବ।



# ବ୍ୟାଗ



ଅରବିନ୍ଦ ଦାସ

"ଗୋଟେ କନା ବ୍ୟାଗ କି କି ଉପାଦାନରେ ତିଆରି ହୋଇଥାଏ ବାପା?" ପ୍ରଶ୍ନ ରିଙ୍କି ପଚାରିଥିଲା ।

ତରୁଣ କିଛି କହିବା ଆଗରୁ ପ୍ରୀତି କହିଲା, "ଏତିକି ସାଧାରଣ ଜ୍ଞାନ ତୋର ନାହିଁ? କନାରୁ ତିଆରି ହୁଏ ପରା । ଏ କଥା କିଏ ପଚାରିଲା ?"

"ମମି ଟିଚର୍ ପ୍ରୋଜେକ୍ଟ ୱାର୍କ ଦେଇଛନ୍ତି ଗୋଟେ ବ୍ୟାଗ ପାଇଁ । ଆସନ୍ତାକାଲି ସକାଳେ ଆମକୁ ସବ୍‌ମିଟ୍ କରିବାକୁ ପଡ଼ିବ ।"

ଝିଅ ରିଙ୍କି କଥା ଶୁଣି ବିରକ୍ତ ହୋଇ ପ୍ରୀତି କହିଲା, "ରାତି ଅଧରେ ତୋର ମନେ ପଡୁଛି? ଖରାବେଳୁ ପରା ସ୍କୁଲରୁ ଆସିଲୁଣି । ମାଡ଼ ଖାଇବା ଦରକାର ତୋତେ । ଆଚ୍ଛା, ରହ ରହ, ଘରେ ଥିବା ପୁରୁଣା ପଲିଥିନ୍ ବ୍ୟାଗ ନେଇଯା?"

-"ମମି, ପଲିଥିନ୍ ପରା ବ୍ୟାନ୍ । କାଲି ଆମକୁ ନିଜେ ଗୋଟେ ହାତ ତିଆରି କନା ବ୍ୟାଗ ନେଇକି ଯିବାକୁ ପଡ଼ିବ । ଘରେ ଥିବା ପୁରୁଣା କନା ବ୍ୟବହାର କରିବାକୁ ମିସ୍ କହିଛନ୍ତି ।"

ଭଲ କରି ସ୍କୁଲ ଖାତାଟା ଦେଖିଲା ପ୍ରୀତି । ପୁରୁଣା କନା ତ ସବୁ ଘରପୋଛା ଓ ଡଷ୍ଟିଙ୍ଗ ପାଇଁ ବ୍ୟବହାର କରିଛି । ବ୍ୟାଗ ପାଇଁ କନା କେଉଁଠୁ ଆଣିବ ?

-"ମମି ତମେ ଜଲଦି ବନାଇ ଦିଅ ।"

ଚିନ୍ତାରେ ପଡ଼ିଲା ପ୍ରୀତି । ହୁଏତ ବ୍ଲାଉଜ ପିସ୍ କନା ହୁଏତ କେଉଁଠି ଥାଇପାରେ । ହେଲେ ଘରେ ତ ସିଲେଇ ମେସିନ୍ ନାହିଁ କି ତାକୁ ହାତ ସିଲେଇ ଆସେନା । ଟେଲର୍ ଦୋକାନ ବି ଏଇନା ବନ୍ଦ ହୋଇଯିବଣି ।

ତରୁଣ ଆଡ଼କୁ ଅନାଇ ପ୍ରୀତି କହିଲା,- "ଏଇ ସ୍କୁଲ ଦିଦି ସାର୍‌ଙ୍କୁ ଆଉ ପାରିହେବନି । ପଲିଥିନ ବ୍ୟାଗ ବ୍ୟାନ ବୋଲି, ପିଲାଙ୍କ ହାତରେ କନା ବ୍ୟାଗ ତିଆରି କରେଇ ନିଜ ଘରକୁ ନେବେ । ତମ ଝିଅର ପ୍ରୋଜେକ୍ଟ ୱାର୍କ, କାଲି ସକାଳୁ ହାତ ତିଆରି କନା ବ୍ୟାଗ ଦରକାର । ରାତି ଦଶଟାରେ କେଉଁଠୁ ଆଣିବି ହାତ ତିଆରି ବ୍ୟାଗ ? ମୁଣ୍ଡ ଖରାପ କରିଦେବ ତମେ ବାପ ଝିଅ ଦୁଇଟା । ହାଟ ବ୍ୟାଗରେ ଫେବିକଲ୍ ମାରି କନା ଲଗାଇ ଦିଅ । ମାଡ଼ ଖାଇବ ଏ ଟୋକି ମୋ' ପାଖରୁ ।"

ଗୋଡ଼ କଚାଡ଼ି ଚାଲି ଯାଉ ଯାଉ ରିଙ୍କି କହିଲା, "ଟିଚର୍ ଆମକୁ ଫେରାଇ ଦେବେ । ମୁଁ ଜେଜେମା'କୁ କହୁଛି, ସେ ମୋ' ପାଇଁ ବନାଇ ଦେବ । ତାଙ୍କୁ ତ ସିଲେଇ ଆସେ ।"

ତରୁଣଙ୍କର ମନେ ପଡ଼ିଯାଉଥିଲା ପିଲାବେଳ କଥା । ତୃତୀୟ ଶ୍ରେଣୀରେ ତାଙ୍କ ଶ୍ରେଣୀରେ ହସ୍ତକର୍ମ କ୍ଲାସ୍‌ରେ ବି ଥରେ କନା ବ୍ୟାଗ ବନାଇବାକୁ କୁହାଯାଇଥିଲା । ରାତିରେ ଜେଜେମା' ଚିଡ଼ିଯାଇ କହିଥିଲା, "ଧରମଛଡ଼ା ମାଷ୍ଟରଗୁଡ଼ାକ ପରିବା ସଉଦା କିଣିବାକୁ ବେଗ ନକିଣି ଛୁଆଙ୍କ ହାତରେ ତିଆରି କରାଉଛନ୍ତି ?"

ସମସ୍ତେ ସେଦିନ ହସିଥିଲେ ।

ବାପା କହିଥିଲେ, "ଗୋଟେ ଚାଖଣ୍ଡେ ମାପର ବେଗ କରିଦିଅ, ପାନ ରଖିବେ ହରି ମାଷ୍ଟ୍ରେ ।"

ପଡ଼ିଶାଘର ମଞ୍ଜୁ ମାଉସୀଙ୍କ ଘରେ ସିଲେଇ ମେସିନ୍ ଥିଲା ଓ ସିଲେଇ ନିପୁଣା ଥିଲେ ମାଉସୀ । ସନ୍ତୋଷ ମଉସା ପୋଲିସ ବିଭାଗରେ ଥିବାରୁ ଖାକି କନାର ଡ୍ରେସ୍ ପିନ୍ଧୁଥିଲେ । ମାଉସାଙ୍କ ପୁରୁଣା ପ୍ୟାଣ୍ଟ ଜଙ୍ଘ ପାଖରୁ କାଟି ତଳ ଭାଗକୁ ବ୍ୟାଗ କରୁଥିଲେ ମଞ୍ଜୁ ମାଉସୀ । ଉପରଭାଗ ପ୍ୟାଣ୍ଟର ଅଣ୍ଟା ଛୋଟ କରି ପିଲାଙ୍କ ସ୍କୁଲ ୟୁନିଫର୍ମ ପ୍ୟାଣ୍ଟ ହେଉଥିଲା । ସେଇ ଖାକି ବ୍ୟାଗଗୁଡ଼ାକ ବହୁତ ଦିନ ଯାଉଥିଲା । ବୋଉ, ମଞ୍ଜୁ ମାଉସୀଙ୍କଠାରୁ ସିଲେଇ ଶିଖିଥିଲା ।

ବାପା ଟେରିକଟ୍ ପ୍ୟାଣ୍ଟ ପିନ୍ଧୁଥିଲେ ଓ ବାପାଙ୍କର ଯାହା ବି ହାତଗଣତି ପ୍ୟାଣ୍ଟ ଥିଲା ବୋଉର ଯତ୍ନ ଓ ବାପାଙ୍କ ମିତବ୍ୟୟତା ଯୋଗୁଁ ତାହା ବି ଫାଟୁ ନଥିଲା । ଯଦି ବି କେଉଁଠି ଟିକେ କ'ଣ ହେଉଥିଲା, ବୋଉ ତାକୁ ରଫୁ କରିଦେଉଥିଲା । ବାପାଙ୍କର ଗୋଟେ ଖଇରିଆ ରଙ୍ଗର ଟେରିକଟ୍ ପ୍ୟାଣ୍ଟ ଉପରେ ତରୁଣଙ୍କର ଆଖି ଥିଲା ।"

-"ବୋଉ, ବାପାଙ୍କ ଏଇ ପ୍ୟାଣ୍ଟଟା କାଟି ମୋ' ପାଇଁ ହାଫ୍ ପ୍ୟାଣ୍ଟ ବନାଇଦେଉନୁ । ଆଣ୍ଠୁ ପାଖରେ ତ କେତେ ରଫୁ କଲୁଣୁ ।"

ବୋଉ ହସିଦେଇ କହେ, "ବାପା ନୂଆ ପ୍ୟାଣ୍ଟ କଲେ ଏଇଟା ତୋର ।"

"ବାପା କ'ଣ ନୂଆ ପ୍ୟାଣ୍ଟ ବନୋଉଛନ୍ତି ? ତୁ କାଟିଦେ, ବାପା ନୂଆ ପ୍ୟାଣ୍ଟ କରିବେ ।"

ସେଦିନ ରାତିରେ ବୋଉ କିନ୍ତୁ ବାପାଙ୍କ ସେଇ ପ୍ୟାଣ୍ଟଟା କାଟି ଗୋଟେ ବଡ଼ ଭଲ ମଜବୁତ କନାବ୍ୟାଗ ତିଆରି କରିଥିଲା ସ୍କୁଲର ହସ୍ତକର୍ମ ପାଇଁ । ବାପା ବହୁତ ମୁହଁ ଫୁଲାଇ ରାଗିଥିଲେ ଆଉ ଓପାସରେ ଶୋଇଥିଲେ ବୋଲି ବୋଉ କ୍ଷମା ମାଗି ପ୍ରତିଜ୍ଞା କରି କହିଥିଲା କି ଆଉ କେବେ ତାଙ୍କ ପ୍ୟାଣ୍ଟ କାଟି ବ୍ୟାଗ ତିଆରି କରିବନି । ବାପାଙ୍କର ଦୁଇଟା ନୂଆ ପ୍ୟାଣ୍ଟ ବି ତିଆରି ହୋଇଥିଲା ସପ୍ତାହକ ଭିତରେ । ଆଉ କେବେ ବାପାଙ୍କ ପ୍ୟାଣ୍ଟରେ ହାତ ଦେଇ ନଥିଲା ବୋଉ ।

ତେବେ ସେଦିନ ସବୁଠୁ ଖୁସି ଥିଲା ତରୁଣ । ବ୍ୟାଗ ଓ ଗୋଟେ ହାଫ୍ ପ୍ୟାଣ୍ଟ ମିଳିଥିଲା ତାକୁ ।

ସ୍କୁଲ ବ୍ୟାଗ, ସଉଦା ସବୁ ପାଇଁ ଚଳୁଥିଲା ସେଇ ସବୁ ଘର ତିଆରି ବ୍ୟାଗ । କେତେ ସୁନ୍ଦର ଭାବେ ପୁରୁଣା ଜିନିଷର ବ୍ୟବହାର ହେଉଥିଲା ? ଆଉ ଏବେ ? ପ୍ୟାଣ୍ଟ କାଟି ବ୍ୟାଗ ବନାଇବାକୁ କହିଲେ କିଏ ଶୁଣିବ ? ତରୁଣ ତ ସେ ବ୍ୟାଗରେ କାହାକୁ ହାତ ମାରିବାକୁ ଦେଉ ନଥିଲା ।

ଭାବନା ରାଜ୍ୟରୁ ଫେରି ଆସିଲା ତରୁଣ ବୋଉ ଓ ରିଙ୍କିର ପାଟି ଶୁଣି ।

-"ମମି କନା ବ୍ୟାଗ ମିଳିଗଲା । ଜେଜେମା' ମୋତେ ଦେଲେ ।"

ରିଙ୍କି ହାତରେ ବ୍ୟାଗଟା ଦେଖି, ତରୁଣ ପଚାରିଲା, "ଏଇ ବ୍ୟାଗ...?'

-"ଏଇଟା ପରା ମୋ କୋଥଳି ବ୍ୟାଗ । ନିର୍ମାଲ୍ୟ, ତୁଳସୀ ମାଳ ରଖେ । ରିଙ୍କି ସ୍କୁଲରେ ନେଇ ଦେଖାଇବ ବୋଲି କହୁଛି ।"

ରିଙ୍କି ହାତରୁ ବ୍ୟାଗ ନେଇ ଖୁସିରେ ବ୍ୟାଗଟାକୁ ଦେଖି ଖୁସିରେ ଉଚ୍ଛୁଳି ଉଠୁଥିଲା ତରୁଣ ।

-"ଏଇଟା ସେଇ ବ୍ୟାଗ, ଯେଉଁଟା ବାପାଙ୍କ ପ୍ୟାଣ୍ଟ କାଟି ତୁ ବନାଇଥିଲୁ ?"

ପ୍ରୀତି ଆଗକୁ ଆସି ବ୍ୟାଗଟା ଧରି କହିଲା, "ଦିଅ ମୋତେ, ସଫାକରି ଶୁଖାଇ ଦେଇ କାଲି ସକାଳେ ଆଇରନ୍ କରିଦେବି ।"

"ଏଇ କନା ବ୍ୟାଗ ପାଇଁ ଟୋକା କେତେ କାନ୍ଦିଥିଲା । ହସ୍ତକର୍ମ ବ୍ୟାଗକୁ ସେଇ ସ୍କୁଲ ମାଷ୍ଟର୍ ରଖିବ ବୋଲି ଯେମିତି କହିଲା, ଏ ଟୋକା ତା' ଜେଜେମା'କୁ ନେଇ ସ୍କୁଲ ଯାଇ ସେଇ ମାଷ୍ଟରଙ୍କ ଚଉଦ ପୁରୁଷ ଉଦ୍ଧାର କରାଇଥିଲା । ଡରି ମରି ବ୍ୟାଗ ଫେରାଇଦେଲା ମାଷ୍ଟର୍ ।"

ରିଙ୍କି ଓ ପ୍ରୀତି ହସୁଥିଲେ ।

ବ୍ୟାଗଟା ହାତରେ ଧରି ତରୁଣ କହିଲା, "ବ୍ୟାଗଟା କିନ୍ତୁ ଛୋଟ ଲାଗୁଛି । ଏତେ ଦିନ ହେଲା କେମିତି ସାଇତିଛୁ? ହେଲେ ମୋ ବ୍ୟାଗ ତ ମୂଷା କାଟି ଦେଇଥିଲା ।"

-"ମୂଷା କାଟିଦେଇଥିଲା ବୋଲି ତଳୁ କାଟି ହାତରେ ହେମ୍ କରିଦେଇଥିଲି ବୋଲି ଟିକେ ଛୋଟ ହୋଇ ଯାଇଥିଲା । ତୋ' ଜେଜେମା'ର କୋଥଳି ବ୍ୟାଗ ଏବେ ମୋର । ମୋ ଅନ୍ତେ ପ୍ରୀତିର । ପିଲାଙ୍କ କିଛି ଜିନିଷକୁ ସବୁ ମା' ସାଇତି ରଖନ୍ତି । ଏଇଟା କ'ଣ ଖାଲି ବ୍ୟାଗ? ତୋ' ବାପାର ପରା ଶେଷ ସନ୍ତକ ।"

ପ୍ରୀତି ହାତରୁ ବ୍ୟାଗଟା ନେଇ ତରୁଣ ବାଲକୋନିକୁ ଆସି ଆକାଶକୁ ଅନାଇଲା । ବାପା ତାରା ହୋଇ କେଉଁଠି ନିଶ୍ଚେ ଥିବେ ଓ ବ୍ୟାଗକୁ ଦୂରରୁ ଦେଖିପାରୁଥିବେ ।


ରିଙ୍କିର ପ୍ରଶ୍ନ ପୁଣିଥରେ ମନେପଡ଼ିଲା,"କନା ବ୍ୟାଗ ପାଇଁ କ'ଣ ସବୁ ଉପାଦାନ ଦରକାର ? ଖାଲି କନା, ସୂତା, ଛୁଞ୍ଚି, ହାତ ଅବା ସିଲେଇ ମେସିନରେ କ'ଣ ବ୍ୟାଗ ତିଆରି ହୋଇଯାଏ? କିଛି ବ୍ୟାଗରେ ଲୁଚି ରହିଥାଏ ଅଯୁତ ସ୍ନେହ, ମମତା ଓ ଅସରନ୍ତି ସ୍ମୃତି । ଠିକ୍ ଏଇ ବ୍ୟାଗ ଭଳି ।" ■

ବିଶାଖାପାଟଣା
ମୋ: ୯୧୭୭୭୦୫୧୦୫

## ପୁସ୍ତକ ପରିଚୟ

### କୃଷ୍ଣାୟନ

ପୂର୍ଣ୍ଣଚନ୍ଦ୍ର ଦାସ





ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୯ ଟଙ୍କା

"ତୁମ ପ୍ରେମର ଉତ୍ତରଣ ପରେ/ ଆଉ ନଥିଲା ପଡ଼ିବାର ଭୟ/ ଜଳ, ସ୍ଥଳ ଆଉ ନଭରେ/ ପୂରି ରହିଥିଲା ତୁମ ସବୁଜିମା ।" (କୃଷ୍ଣାୟନ-୭) ସେ କଳାକାହ୍ନୁ । କାହା ପାଇଁ ନଟଖଟିଆ, କାହା ପାଇଁ ପ୍ରିୟସଖା, ପୁଣି କାହା ପାଇଁ ପ୍ରେମିକପ୍ରବର । ସର୍ବଦା ମନ, ହୃଦୟକୁ ଆଚ୍ଛନ୍ନ କରି ରଖୁଥିବା ଏକ ସମ୍ମୋହନ ଶକ୍ତିର ନାଁ ଶ୍ରୀକୃଷ୍ଣ । ସେଇ ମର୍ଯ୍ୟାଦାପୁରୁଷ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ରଚିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ 'କୃଷ୍ଣାୟନ' କବିତା ପୁସ୍ତକ । ଏହି ପୁସ୍ତକର କୃଷ୍ଣ, କୃଷ୍ଣାୟନ, କୃଷ୍ଣାୟନ-୨, କୃଷ୍ଣାୟନ-୫, କୃଷ୍ଣାୟନ-୬, କୃଷ୍ଣାୟନ- ୯ ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଶ୍ରୀକୃଷ୍ଣଙ୍କ ଜୀବନ, ଚରିତ୍ର, ପ୍ରେମ, ଭକ୍ତିକୁ ଅତି ମାର୍ମିକ ଭାବେ କବି ହୃଦୟର ବିପୁଳ ଆବେଗ ଦେଇ ରଚନା କରିଛନ୍ତି । 'କୃଷ୍ଣାୟନ'ର କବିତାଗୁଡ଼ିକ ଛୋଟ ଛୋଟ, ଅଥଚ ଅତ୍ୟନ୍ତ ମର୍ମଭେଦୀ ହୋଇଛି । ପ୍ରେମ ଓ ବିଭୁଚେତନାର କଳାତ୍ମକ ପରିପ୍ରକାଶ ଏହି ପୁସ୍ତକର କବିତାଗୁଡ଼ିକରେ ଦେଖିବାକୁ ମିଳିଥାଏ । କବିତାଗୁଡ଼ିକର ନିବିଡ଼ ଭାବ, ସରଳ ଭାଷା ଓ ବୋଧଗମ୍ୟ ଭାଷା, ନିଆରା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ

ସୁକାନ୍ତ ମହାରଣା




ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, କଟକ-୧୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୨୦ ଟଙ୍କା

ସାଂପ୍ରତିକ ସମାଜର ନାନା ବିଧ ଘଟଣା ଅତି ଚମତ୍କାର ଭାବେ ଚିତ୍ରିତ ହୋଇଛି ସୁକାନ୍ତ ମହାରଣାଙ୍କ 'ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ'ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ମୋଟ ୧୪ଟି ହୃଦୟସ୍ପର୍ଶୀ ଗଳ୍ପ ସଂକଳିତ ହୋଇଛି । ଜୀବନର କଠୋର ବାସ୍ତବତାକୁ ନେଇ ଗାଳ୍ପିକ ମହାରଣାଙ୍କ ଅନେକ ଗପର କାହାଣୀ ଗତିଶୀଳ ହୋଇଛି । 'ଅନ୍ଧାରର କ୍ଷୁଧା', 'ତରଳ ନିଆଁର ଜ୍ୱାଳା', 'ଛଦ୍ମବେଶୀ କୁବେର', ' ସୁଡ଼ଙ୍ଗ ଶେଷର ସୂର୍ଯ୍ୟୋଦୟ', 'ବୃକ୍ଷ ମଣିଷ', 'ପାହାଡ଼ର ନାଁ ନୀଳାଚଳ', 'ଗଡ଼ି ଗଡ଼ି ଯାଏ ରେଳଗାଡ଼ି', 'କ୍ରୁଦ୍ଧ ବସନ୍ତ', 'ବିସାରିତ ଅପତ୍ୟ', 'ହଜିଲେ ଚିରକନା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ ଓ ବିବାହରେ ଜାତିପ୍ରଥା କିଭଳି ପ୍ରତିବନ୍ଧକ ସାଜିଛି ତାହା ପ୍ରତିଫଳିତ ହୋଇଛି 'ଅନ୍ଧାରର କ୍ଷୁଧା' ଗପରେ । ନୀଚ ଜାତିର ଜଣେ ପୁଅକୁ ଭଲ ପାଇ ପ୍ରାଣବଳି ଦେବାକୁ ପଡ଼ିଛି ସୀମାକୁ । ଏହି ପୁସ୍ତକ ଗପଗୁଡ଼ିକରେ ମାନବୀୟ ପ୍ରେମ, ସାମାଜିକ ବାସ୍ତବତା, ସମୟର ସ୍ୱର, ମଣିଷର ଦାୟବଦ୍ଧତା ପ୍ରତିଫଳିତ ହୋଇଛି । 'ଅନ୍ଧାରର କ୍ଷୁଧା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଯିବାବେଳେ



ଶିଶିର ନାୟକ

ଯିବାକୁ ତ ହେବ
ଯିବାବେଳେ ମୋର ଗୋଲାପି ଓ ନୀଳ
ଚପଲ ଦି ହଳକୁ
ସୁକାନ୍ତିର ଝିଅକୁ ଦେଇଦେବୁ

ବୁଢ଼ୀ ହେଲାବେଳକୁ ଢେର ଟିକିଲି
କାନଫୁଲ ଓ ଚୁଡ଼ି କିଣିଥିଲି
ସେସବୁ ସୁନା ନୁହେଁ ଭାରି କିନ୍ତୁ ସୁନ୍ଦର
ତାକୁ ବି କାହାକୁ ଦେଇଦବୁ

ଢେର ବହି ସବୁ ରହିଛି
ସେସବୁକୁ କୃଷ୍ଣ ମଉସାକୁ ଦେଇଦବୁ
ମୁଣ୍ଡ ପାଖରେ ତା'ର ତକିଆ ନ ଥାଏ
ଖାଲି ବହି ପତ୍ର ପତ୍ରିକା ଜମା ହେଇ ରହିଥାଏ

ବାହାହେବା ଦିନରୁ ସୁଟ୍‌କେସରେ ପଡ଼ିଛି
ଲାଲ ସବୁଜ ଓ ହଳଦିଆ ଶାଢ଼ୀ
ସେସବୁକୁ ଦେଇଦବୁ ମହିଳା ଚା ଦୋକାନୀକୁ
ଭାରି ସେ ସୁନ୍ଦର ଦେଖିବାକୁ
ଥରେ ବି ସଜେଇ ପାରେନା ନିଜକୁ


ଅନେକ କବିତା ରହିଛି
ପ୍ରକାଶ ପାଇବାଠାରୁ
ଅପ୍ରକାଶ ବେଶି
କାହାକୁ ଦେବୁନି
ଖବର କାଗଜ ସହ ଭୁଲରେ ବି ବିକିବୁନି

ଅକାରଣେ ପବନ ବନ୍ଦ କରୁଛି
ଝରକାର ଏଇ ପର୍ଦ୍ଦା ସବୁ
ତାକୁ ଦେଇଦବୁ କମଳା ମାଉସୀକୁ
କୃଷ୍ଣଚୂଡ଼ାରେ ବଦଳେଇ ଦବ ସେ ତା ଅଭାବକୁ

ମୋ ଚଷମାଟା ପାଖଘର କରୁଣା ଦିଦିକୁ
ଖୋଳ ସହ ଦେଇ ଆସିବୁ
ବିନା ଚଷମାରେ ଗୀତା ପଢୁ ପଢୁ
ଭାରି କଷ୍ଟ ହଉଛି ତାକୁ

ହସ ଓ କାନ୍ଦ ଭିତରେ କିଛି ବି ଫରକ ନ ଥାଏ
ଦୋଳ ପୁନେଇଁର ଅବିର ସାଙ୍ଗରେ
ଧାର ଧାର ଯେମିତି ରକ୍ତ ବହିଯାଉଥାଏ । ■

ମୋ: ୯୯୩୭୪୯୦୬୪୭



## ଚିତ୍କାର ଶାସ୍ତ୍ର



କେଦାର ମିଶ୍ର

ଏଇଟା କବିତା ନୁହେଁ, କେବଳ ଚିତ୍କାର ।

ନିଆଁ ଲାଗିବାର ଶହେ ଘଣ୍ଟା ପରେ ବି ପୋଡ଼ିଲା ନାହିଁ
ଯେଉଁ ଫଟା କପାଳ, ଏ ଚିତ୍କାର ସେ କପାଳର
ଶିକାରୀ ଗୁଳିରେ ବୋହି ବୋହି ଡେଣା ଭର୍ତ୍ତି କ୍ଷତ
ଯେଉଁ ପକ୍ଷୀ ତଥାପି ଭଲପାଇଲା ଆକାଶକୁ
ଏ ଚିତ୍କାର ସେ ପକ୍ଷୀର ।

ଏ ଚିତ୍କାର ଧାନ ଶିଝଉଥିବା ଚୁଲିର
ବୁଲଡୋଜରରେ ଭାଙ୍ଗି ଯାଉଥିବା ଘରର
ପେହେଲୁ ଖାଁ, ମହମ୍ମଦ ଅଖଲାଖ୍‌ର
ପାଉଁଶ ତଳେ ଲୁଚି ଯାଇଥିବା ନିଆଁ ଓ ନାରୀର
ଏ ଚିତ୍କାର କବିତା ହୋଇ ପାରିନଥିବା
ନିରିମାଖି ଶବ୍ଦମାନଙ୍କର ।

ଚିତ୍କାର ବିଷୟରେ କବିତା ଲେଖିବା
ଆମ ସମୟର ଏକ ପାଗଳାମି
ଆମ ସମୟ ପାଗଳମାନଙ୍କର
ଆମ ପାଗଳାମି ସୂର୍ଯ୍ୟ ଉଦୟର
ଆମର ସୂର୍ଯ୍ୟ କଳା କିଟ୍ କିଟ୍ ଅନ୍ଧାର
ଓ ଶବ୍ଦ ନଥିବା ଚିତ୍କାରର ।

ହାତରେ ରକ୍ତର ପତାକା ଧରି
ମୁଁ ବାହାରିଛି ଚିତ୍କାରର ଶୋଭାଯାତ୍ରାରେ
ମୋର ଗୀତ ଓ ଗପ, ସିନେମା ଓ ସାହିତ୍ୟ
ମୋର ପାଠ ଓ ପୁରାଣ
ମୋର ମଲା ଅକ୍ଷରର ଇତିହାସ
ମୁଁ ତମ ପାଖକୁ ଲେଖିଥିବା ଚିଠି
ଓ ତମର ମୋତେ ଭୁଲିଯିବା
ଗାଜାରେ ମରିଥିବା ଶହ ଶହ ସାନପିଲା
ଏ ସବୁ ଚିତ୍କାର, ଏବେ କେବଳ ମୋର ।

ମୁଁ କବିତା ଲେଖିବା ଛାଡ଼ି ଦେଇଛି କେବେଠୁ
କବିତାରେ ମରିଯାଇଛି ମୋର ନୀରିହ ନୀରବତା
ଏବେ ରାଜରାସ୍ତାରେ ଗଳା ଫାଡ଼ି
ଏ ମୋର ଚିତ୍କାର, ତୁମର ଚିତ୍କାର, ଆମ ସମୟର ଚିତ୍କାର ।

ଏଇଟା କବିତା ନୁହେଁ, କେବଳ ଚିତ୍କାର । ■

ମୋ: ୯୪୩୭୧୫୪୪୪୫

# ଗୋପବନ୍ଧୁଙ୍କ ସାହିତ୍ୟରେ ସ୍ୱଦେଶ ପ୍ରୀତି



ଡକ୍ଟର ଅଭିମନ୍ୟୁ ବରାଳ

ମାନବତାର ମହାବତାର ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ସାହିତ୍ୟାକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର । ଗୋପବନ୍ଧୁ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ସମାଜ ସଂସ୍କାରକ, ସାମ୍ବାଦିକ, ସଂପାଦକ । ତାଙ୍କ ଲେଖନୀରୁ ଝରି ପଡ଼ିଥିଲା 'ବନ୍ଦୀର ଆତ୍ମକଥା', 'କାରା କବିତା', 'ଧର୍ମପଦ', 'ଅବକାଶ ଚିନ୍ତା', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', 'ଗୋମାହାତ୍ମ୍ୟ' ଆଦି କାବ୍ୟକବିତା ଗ୍ରନ୍ଥ । ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ଆବାଲ୍ୟରୁ ଗୋପବନ୍ଧୁ ଥିଲେ, ସ୍ୱଦେଶାନୁରାଗୀ । ସ୍ୱଦେଶ ପ୍ରେମୀ ଗୋପବନ୍ଧୁ ଭାରତର ମୁକ୍ତି ସଂଗ୍ରାମରେ ଉପଯୁକ୍ତ ସୈନିକ ସୃଷ୍ଟି କରିବା ପାଇଁ ସତ୍ୟବାଦୀର ବକୁଳ ବନରେ ବନ ବିଦ୍ୟାଳୟ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ସହିତ କାରାବରଣ କରିଥିଲେ । ହଜାରିବାଗ ଜେଲ୍‌ରେ ଦୁଇବର୍ଷ ରହଣି ସମୟରେ ତାଙ୍କର ସ୍ୱଦେଶ ଚିନ୍ତା ଚରମ ସୀମା ସ୍ପର୍ଶ କରିଥିଲା । ସେହି ସମୟରେ ଲିଖିତ 'ବନ୍ଦୀର ଆତ୍ମକଥା' ଓ 'କାରା କବିତା' କବିତା ପୁସ୍ତକରେ ଗୋପବନ୍ଧୁଙ୍କ ଦେଶପ୍ରେମର ମହନୀୟ ଚିନ୍ତାଧାରା ପ୍ରସ୍ଫୁଟିତ ହୋଇଉଠିଛି । ଗୋପବନ୍ଧୁ ତାଙ୍କର ସାମ୍ବାଦିକ ଜୀବନରେ 'ସତ୍ୟବାଦୀ' ଓ 'ସମାଜ' ପତ୍ରିକା ମାଧ୍ୟମରେ ସେ ସ୍ୱଦେଶର ନାନା ଦୁଃଖ, କ୍ଲେଶ, ଅଭାବ ଅସୁବିଧାର ବାସ୍ତବ ନିଖୁଣ ଚିତ୍ର ପରିବେଷଣ କରିଥିଲେ । ବାସ୍ତବରେ ବକୁଳ ବନକୁ ତାଙ୍କର କର୍ମଭୂମି କରି ସେଠାରେ ସେ ସୃଷ୍ଟି କରିଥିଲେ ଏକ ମଣିଷ ଗଢ଼ା କାରଖାନା ।

ବନ୍ୟା, ଦୁଃଖ-ଦାରିଦ୍ର୍ୟ ପୀଡ଼ିତ ସାରା ଉତ୍କଳ ପ୍ରଦେଶ ଥିଲା ଗୋପବନ୍ଧୁଙ୍କ ସାଧନାର କ୍ଷେତ୍ର । ସେ ତାଙ୍କ ପ୍ରାଣର ପ୍ରଗାଢ଼ ମମତା, ପ୍ରୀତି ବିଦଗ୍ଧ ମନୋଭାବ ଦେଶାନୁରାଗ ଗୀତରେ "ଜନନୀ ଜନ୍ମଭୂମିଶ୍ଚ- ସ୍ୱର୍ଗାଦପି ଗରୀୟସୀ"ର ପ୍ରାଣ ପ୍ରତିଷ୍ଠା କରିଆସିଛନ୍ତି । ବନ୍ଦୀ ଜୀବନରେ କବି ଗୋପବନ୍ଧୁ ଉତ୍କଳ ସାରସ୍ୱତ ମନ୍ଦିରରେ ତିନୋଟି ଅପରୂପ ନୈବେଦ୍ୟ ବାଢ଼ି ଦେଇଛନ୍ତି, ତାହା ହେଉଛି – 'କାରାକବିତା', 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' । 'କାରାକବିତା'ର ପ୍ରଥମ କବିତା 'ନିତ୍ୟଧାମ ନୀଳାଚଳ'ରେ ସେ ଲେଖିଛନ୍ତି –

"ନୀଳଚକ୍ର ତଳେ କେ କରିବ ବାସ,
କେ ଦେଖିବ ନୀଳାଚଳ ନିତ୍ୟରାମ ।"

ଗୋପବନ୍ଧୁଙ୍କ କାରାଜୀବନର ମର୍ମନ୍ତୁଦ ଇତିହାସ ହେଉଛି– 'ବନ୍ଦୀର ଆତ୍ମକଥା' । କବିଙ୍କର କଳ୍ପନା ବିଳାସ ଏଥିରେ ବ୍ୟାହତ ହୋଇଥିଲେ ମଧ୍ୟ ଅନୁଭୂତି - ବ୍ୟଞ୍ଜକ ପ୍ରାଣ ପ୍ରାଚୁର୍ଯ୍ୟର ଉନ୍ମାଦନା, ଜ୍ୱାଳା, ବୀରରସ, ଜାତୀୟତା ବାଦର ନଗ୍ନରୂପ ଦୁଃଖ, ଦୈନ୍ୟ ଓ ବିପର୍ଯ୍ୟୟର ବାସ୍ତବ ଚିତ୍ର ସ୍ୱଦେଶ ପ୍ରୀତି ଓ ଦରଦୀପ୍ରାଣର ଯେଉଁ ଅଫୁରନ୍ତ ସହାନୁଭୂତି ରହିଛି, ତାହା ଓଡ଼ିଆ ସାହିତ୍ୟରେ ଏକାନ୍ତ ବିରଳ । ପ୍ରତ୍ୟେକ ପଦ ଅଗ୍ନିକଣା ତୁଲ୍ୟ ପାଠକ ମନରେ ଉଦ୍ଭାସିତ ହୋଇ ମନରେ ଏକ ଆବେଗ ଓ ବିଷାଦ ସୃଷ୍ଟି କରିଥାଏ । ତ୍ୟାଗୀ ଗୋପବନ୍ଧୁଙ୍କର ଏହା ଓଡ଼ିଆ ଜାତି ପାଇଁ ଏକ ଅଭିନବ ସୃଷ୍ଟି । ଦେଶବାସୀଙ୍କର ଘୋର ଦୁର୍ଗତି ଦେଖି ତାଙ୍କ ପ୍ରାଣ କାନ୍ଦିଉଠିଛି । ସେ ବ୍ୟଥିତ ହୃଦୟରେ କହି ଉଠିଛନ୍ତି :-

"ମିଶୁମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।।
ଦେଶର ସ୍ୱରାଜ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।।

ଏଭଳି ଅଗ୍ନିବର୍ଷା, ଜ୍ୱାଳାମୟୀ, ସ୍ଫୁଲିଙ୍ଗ ଭଳି ପଦ କିଏ କହି ପାରିବ ? "କର୍ମଂ ବା ସାଧୟତେ ଶରୀରଂ ବା ପାତୟେତ" – ଏହି ନୀତିରେ ସେ କିପରି ଉଦ୍‌ବୁଦ୍ଧ ହୋଇଥିଲେ ତାଙ୍କ ଉକ୍ତିର ତାହା ସ୍ପଷ୍ଟ ଅନୁମିତ ହୁଏ । ସମଗ୍ର ଭାରତୀୟ ସାହିତ୍ୟରେ ଏହିଭଳି ଏକ ପଂକ୍ତି ନିଶ୍ଚିତ ବିରଳ ।

ଗାନ୍ଧିଜୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ଯେଉଁ କେତେ ଜଣ ଓଡ଼ିଆ ଯୋଗଦାନ କରିଥିଲେ, ଗୋପବନ୍ଧୁ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ସେ ଉତ୍କଳବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି- "ଉତ୍କଳ ଦେବଭୂମି, ଜଗନ୍ନାଥ ଉତ୍କଳର ନେତ ।" ଗୋପବନ୍ଧୁ ଇତିହାସର ପୃଷ୍ଠା ଉନ୍ମୋଚନ କରି କହିଛନ୍ତି-

"ଇତିହାସେ ଶୁଣି ଅଛ ଜନଶ୍ରୁତି ।
କାଞ୍ଚିଯୁଦ୍ଧ କାଳେ ଉତ୍କଳ ବିଭୂତା ।
ଶୁଣିଛତ ପ୍ରଭୁ ନୀଳାଦ୍ରି ନାୟକ ।
ବିଜେ ଧହ ହାତେ କୃପାଣ ଶାୟକ ।
ଉତ୍କଳ ପ୍ରଧାନ ସେନାପତି ପଣେ ।
ହୋଇଥିଲେ ବିଜେ ସମର ପ୍ରାଙ୍ଗଣେ ।
ଉଡ଼ିଲା ଉତ୍କଳ ଜୟ ବୈଜୟନ୍ତୀ ।
ଆଜିଯାଏ ତାହା ଗାଏ କିମ୍ବଦନ୍ତୀ ।।
ଏବେ ସୁଦ୍ଧା ଦେଖ ନୀଳାଚଳେ ଯାଇ ।
କଳାଧଳା ଘୋଡ଼ା ପରେ ବେନି ଭାଇ ।
ବୀରମୂର୍ତ୍ତି ଦିଶେ ଯେହ୍ନେ ଅଗ୍ନିଶିଖା ।
ଦଧି ମୂଲ୍ୟମାଗେ ଛାମୁରେ ମାଣିକା ।।
ଏ ଛବିତ ନୁହେଁ ଶିଳ୍ପୀର କଳ୍ପନା ।
ଏ ସତ୍ୟର ସାକ୍ଷୀ ମାଣିକପାଟଣା ।"

ଅର୍ଥାତ୍ – କାଞ୍ଚି କାବେରୀ ଯୁଦ୍ଧରେ ସ୍ୱୟଂ ଜଗନ୍ନାଥ ଓ ବଡ଼ଠାକୁରେ ସୈନିକ ବେଶରେ ଯୋଗଦାନ କରିବାର କାହାଣୀ ଏବେ ମଧ୍ୟ ମାନସରେ ରହିଛି । ଶ୍ରୀମନ୍ଦିର ଗରୁଡ଼ଖମ୍ବ ପାଖରେ ମନ୍ଦିର ଭିତରେ ଏହି ଚିତ୍ର ଖୋଦିତ ହୋଇଛି । ଉତ୍କଳବାସୀଙ୍କୁ ସାହସ ଦେବା ପାଇଁ ଗୋପବନ୍ଧୁ କହିଛନ୍ତି-

"ଏବେ ନୀଳାଚଳେ ବିଜେ ଜଗନ୍ନାଥ ।
ତେବେ କହ କିଂପା ଉତ୍କଳ ଅନାଥ ।"

ଗୋପବନ୍ଧୁଙ୍କ ରଚନାର ଛତ୍ରେ ଛତ୍ରେ ସର୍ବତ୍ର ଜାତୀୟ ପ୍ରେମ ବା ଦେଶପ୍ରେମର ଅପୂର୍ବ ବର୍ଣ୍ଣନା ଦେଖିବାକୁ ମିଳେ । ଗୋପବନ୍ଧୁ ସର୍ବଦା ଦେଶ ମାତୃକାର କଲ୍ୟାଣ କଳ୍ପେ ନିଜକୁ ଅର୍ପଣ କରିଥିଲେ । ବାରମ୍ବାର କାରାବରଣ କରି ଭାରତମାତାଙ୍କୁ ପରାଧୀନତାର ନାଗଫାଶରୁ ମୁକ୍ତ କରିବା ପାଇଁ ସେ ସର୍ବଦା ଚେଷ୍ଟା କରିଥିଲେ । ଉତ୍କଳବାସୀଙ୍କ ପାଇଁ ତାଙ୍କର ବ୍ୟଥିତ ହୃଦୟ ମଥିତ ହେଉଥିବାବେଳେ ସେ ଗୋପବନ୍ଧୁ ସମଦୁଃଖୀ ହୋଇ ବିଶ୍ୱ ପ୍ରୀତି ଉଦ୍ଦେଶ୍ୟରେ ଅନ୍ତିମ ଅଶ୍ରୁ ବୁହାଇ ଗାଇ ଉଠିଛନ୍ତି ।

"ଜାତୀୟ ମମତା ବିଶ୍ୱଜନ ପ୍ରୀତି ।
ଉତ୍କଳ ବାସୀର ହେଉ ଏହା ନୀତି ।।"

ଉତ୍କଳମଣି ଗୋପବନ୍ଧୁ ଦାସ କାବ୍ୟକବିତାରେ ଜାତୀୟ ପ୍ରୀତିର ନିଦର୍ଶନ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । ସେଥିପାଇଁ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଅମଳୀନ ପ୍ରତିଭାର ସ୍ୱାକ୍ଷର ଚିର ଶାଶ୍ୱତ ହୋଇରହିଛି । ■

ବର୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀ ଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ବିଚ୍ଛିନ୍ନାଞ୍ଚଳରେ ମାତୃଭାଷା ସୁରକ୍ଷା ପ୍ରସଙ୍ଗ

# ଓଡ଼ିଆ ଶିକ୍ଷକଙ୍କ ଦରମା ବନ୍ଦ କରି ଓଡ଼ିଆ ଅସ୍ମିତାର ମର୍ଯ୍ୟାଦାହାନୀ କରିଛନ୍ତି ସରକାର: ବିଜେଡି

**ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ନିରନ୍ତର କାର୍ଯ୍ୟ କରୁଥିଲେ ନବୀନ**

**୬୫୨ ଜଣ ଓଡ଼ିଆ ଶିକ୍ଷକ ଓ ୧୧ ଜଣ ପର୍ଯ୍ୟବେକ୍ଷକଙ୍କ ବକେୟା ଦରମା ତୁରନ୍ତ ମିଳୁ**

**ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଶିକ୍ଷକଙ୍କ ପାଇଁ ଏକ ସ୍ଥାୟୀ ଓ ନିୟମିତ ଅନୁଦାନ ବ୍ୟବସ୍ଥା କରନ୍ତୁ ରାଜ୍ୟ ସରକାର**



ଭୁବନେଶ୍ୱର, ୧୩।୬ (ସମିସ): ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳରେ ୬୫୨ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ୧୧ ଜଣ ପର୍ଯ୍ୟବେକ୍ଷକ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଗତ ୨ ଦଶନ୍ଧି ଧରି ପ୍ରବାସୀ ଓଡ଼ିଆ ପିଲାମାନଙ୍କୁ ମାତୃଭାଷା ଶିକ୍ଷା ପ୍ରଦାନ କରିଆସୁଛନ୍ତି। ଏହା କେବଳ ସେବା ନୁହେଁ, ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ଏକ ନିରବ ତପସ୍ୟା। ମାତ୍ର ସରକାର ଉକ୍ତ ଶିକ୍ଷକମାନଙ୍କ ଦରମା ବନ୍ଦ କରି ହୀନମନ୍ୟତାର ପରିଚୟ ଦେଇଛନ୍ତି କହି କଡ଼ା ସମାଲୋଚନା କରିଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ମୂଳଦୁଆ ପକାଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର। ସେହି ଧାରାକୁ ବଜାୟ ରଖି ଦୀର୍ଘ ୨୦ ବର୍ଷ ପୂର୍ବରୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାର ପ୍ରସାର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କୁଳବୃଦ୍ଧ ମଧୁବାବୁ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢୁଥିଲେ, ସେତେବେଳେ ସେ କହିଥିଲେ, ଜାତି, ମାଟି ଓ ଭାଷା ନ ରହିଲେ, ସ୍ୱତନ୍ତ୍ର ପ୍ରଦେଶର ମୂଲ୍ୟ କ'ଣ? ସେହି ଭାବନାକୁ ଆଧାର କରି ସମ୍ବଲପୁର ଓ ଗଞ୍ଜାମର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ। ସେହି ସ୍ୱପ୍ନକୁ ସାକାର କରିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ସେ ଝାଡ଼ଖଣ୍ଡର ଚକ୍ରଧରପୁର, ଚାଇଁବସା ଓ ଛତିଶଗଡ଼ର ରାୟଗଡ଼ ଅଞ୍ଚଳରେ ବୁଲି ବୁଲି ଓଡ଼ିଆ ବିଦ୍ୟାଳୟ ଖୋଲିଥିଲେ। ସେ କହୁଥିଲେ ଯେ ଯେଉଁଠି ଓଡ଼ିଆ ଅଛି, ସେଠାରେ ଓଡ଼ିଆ ଭାଷା ବଞ୍ଚିବା ଦରକାର। ଅନୁଦାନ ଅଭାବରୁ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀ ଯଦି ଶିକ୍ଷାଦାନ ଛାଡ଼ିଦେବେ, ତେବେ ମଧୁବାବୁ ଓ ଗୋପବନ୍ଧୁଙ୍କ ଶହେ ବର୍ଷର ତପସ୍ୟା ଲୋପ ପାଇଯିବ। ଡ. ମହାନ୍ତି ଆହୁରି କହିଥିଲେ ଯେ ବିଚ୍ଛିନ୍ନାଞ୍ଚଳରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ବକେୟା ଦରମା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦୁଇ ଥର ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଖୁବଶୀଘ୍ର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ବକେୟା ଅନୁଦାନ ପ୍ରଦାନ କରାଯାଇ ନାହିଁ। ଝାଡ଼ଖଣ୍ଡ ଗସ୍ତ ସମୟରେ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ମାସିକ ୬ ହଜାର ଟଙ୍କା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଆଜି ପାଣିରେ ଗାର ହୋଇଛି। ଦରମା ନପାଇ ୬୬୩ଟି ପରିବାର ଆଜି ଭୋକ ଉପାସରେ ଦିନ କାଟୁଛନ୍ତି। ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ବିଜେପିର ଦୋମୁହାଁ ନୀତି ଆଜି ପଦାରେ ପଡିଛି। ଶିକ୍ଷକ-ଶିକ୍ଷୟିତ୍ରୀ ଓ ପର୍ଯ୍ୟବେକ୍ଷକମାନଙ୍କ ବକେୟା ଓ ବର୍ଦ୍ଧିତ ଦରମାକୁ ଏକକାଳୀନ ପ୍ରଦାନ କରିବାକୁ ଅର୍ଥ ଓ ଗଣଶିକ୍ଷା ବିଭାଗକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲକି ସେ ଦାବି କରିଛନ୍ତି।

# ରାଜ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏସ୍ଆଇଆର୍: ସିଇଓ

ଭୁବନେଶ୍ୱର,୧୩।୬(ସମିସ): ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ପରିଗଣନା ଫର୍ମ ସଂଗ୍ରହ କରିବା ପରେ ସେଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଡିଜିଟାଇଜ୍ କରୁଛନ୍ତି। ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ନିଜ ବିଏଲଓଙ୍କ ନିକଟରେ ଏହା ଜମା କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

**୯୮.୬୫% ଭୋଟରଙ୍କ ନିକଟରେ ପହଞ୍ଚିଲାଣି ପରିଗଣନା ଫର୍ମ**

ସିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ୧୩ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୨୯ ଲକ୍ଷ ୬୪ ହଜାର ୫୦୧ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ କରାଯାଇସାରିଛି, ଯାହା ମୋଟ ଭୋଟରଙ୍କର ୯୮.୬୫ ପ୍ରତିଶତ। ସେହିପରି ଏପର୍ଯ୍ୟନ୍ତ ୯୫ ଲକ୍ଷ ୪୧ ହଜାର ୯୨୪ଟି ପରିଗଣନା ଫର୍ମ ସଫଳତାର ସହ ଡିଜିଟାଇଜ୍ କରାଯାଇଛି, ଯାହା ମୋଟ ଭୋଟରଙ୍କର ୨୮.୫୭ ପ୍ରତିଶତ। ଆସନ୍ତା ଦିନଗୁଡ଼ିକରେ ଏହି ଡିଜିଟାଇଜେସନ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଉଛି। ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ସମ୍ପର୍କରେ ନିୟମାନୁସାରେ ଯାଞ୍ଚ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ସେଥିପାଇଁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜର ପରିଗଣନା ଫର୍ମ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷେ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ୱେବସାଇଟରୁ ପରିଗଣନା ଫର୍ମ ଡାଉନଲୋଡ୍ କରି ନିଜେ ଅନଲାଇନ୍‌ରେ ମଧ୍ୟ ଦାଖଲ କରିପାରିବେ। ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସୂଚନା କିମ୍ବା ସହାୟତା ପାଇଁ ମାଗଣା ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରାଯାଇପାରିବ ବୋଲି କୁହାଯାଇଛି।

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 936, dated 11-06-2026, I, K LAXMI, W/o - K Venkataramana, Permanent Resident of - Dalei Sahi, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from K.JASVANT to KOTAKOTA YASHVANT. Henceforth, he shall be known as **KOTAKOTA YASHVANT** for all purposes.
Sd/- K Laxmi

**AFFIDAVIT**
By virtue of an affidavit (SL No. 1375, dtd- 11/10/2026) sworn before The Notary Public, Cuttack. I, **Pratikshya Pati,** D/o- Gyanaranjan Pati, resident of At- Kanheipur, PO/PS- CRRI, Dist- Cuttack, PIN- 753006, State- Odisha declare that I have changed my name from **Pragyan Paramita Pati** (old name) to **Pratikshya Pati** (new name). Henceforth, I shall be known as **Pratikshya Pati** (new name) for all purposes.
**Pratikshya Pati**

**AFFIDAVIT**
By virtue of an affidavit (SI No.4682, dtd- 01/06/2026) sworn before The Executive Magistrate, Darpan, Dhanmndal. I, **Prajnyapriyadarsini Rout,** D/O- Abhimanyu Rout, permanent resident of Vill: Jagannathpur, Po: Bandalo, Ps: Badachana, Dist: Jajpur, Odisha, PIN: 754023 declare that I have changed my name from **Prangya Priyadarsini Rout** (old name) to **Prajnyapriyadarsini Rout** (new name). Henceforth, I shall be known as **Prajnyapriyadarsini Rout** (new name) for all purposes.
**Prajnyapriyadarsini Rout**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ଅଗ୍ନିବୀରଙ୍କ...

ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଅପୂରଣୀୟ କ୍ଷତି ପାଇଁ ଭାରତୀୟ ବାୟୁସେନା ଗଭୀର ଶୋକ ପ୍ରକାଶ କରିଛି। ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଆମର ଗଭୀର ସମବେଦନା ରହିଛି ଏବଂ ଏହି ଦୁଃଖଦ ସମୟରେ ବାୟୁସେନା ସେମାନଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛି। ବିମାନଟି କେଉଁ ପରିସ୍ଥିତିରେ ଏବଂ କେଉଁ କାରଣରୁ ଦୁର୍ଘଟଣାଗ୍ରସ୍ତ ହେଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ଭାରତୀୟ ବାୟୁସେନା ପକ୍ଷରୁ ଏକ 'କୋର୍ଟ ଅଫ୍ ଇନକ୍ୱାରୀ' ବା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ହିଁ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ମିଳିପାରିବ ବୋଲି ବାୟୁସେନା ଅଧିକାରୀମାନେ ପ୍ରକାଶ କରିଛନ୍ତି।

ସହିଦ ହୋଇଥିବା ବୀର ଯବାନମାନେ ହେଲେ ସ୍କ୍ୱାଡ୍ରନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ଶୁଭମ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀରବାୟୁ ଖେମାରାମ କୁମାୱତ ଓ ଅଗ୍ନିବୀରବାୟୁ ଦାନିଶ ଆଲମ।

ବାୟୁସେନା ବିମାନ ଦୁର୍ଘଟଣାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନବୀନ ସହିଦ ଯବାନଙ୍କ ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତ କୋ-ପାଇଲଟ୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଛୁଇଁ ଦେଇ ଲୁଚିଗଲା...

ହୋଇପାରେ। ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ସାମ୍ପ୍ରତିକ ସ୍ଥିତିରୁ ଜଣାପଡୁଛି ଯେ, ମୌସୁମୀ ବାୟୁ ପହଞ୍ଚିବା ଏବଂ ଚାଷ ପାଇଁ ନିର୍ଭରଯୋଗ୍ୟ ବର୍ଷା ହେବା ସବୁବେଳେ ଏକାସଙ୍ଗେ ହୁଏ ନାହିଁ। ଏହି ଦୁଇଟି ରାଜ୍ୟରେ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ, ପରବର୍ତ୍ତୀ ବର୍ଷା ସବୁ ଜାଗାରେ ସମାନ ଭାବେ ହୋଇନାହିଁ ଏବଂ ଅନେକ ଅଞ୍ଚଳରେ ଏହା ସ୍ୱାଭାବିକଠାରୁ କମ୍ ରହିଛି। ପୂର୍ବ ଭାରତର ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହିଛି, କିନ୍ତୁ ବଙ୍ଗୋପସାଗରରେ କୌଣସି ଶକ୍ତିଶାଳୀ ଲଘୁଚାପର ସଙ୍କେତ ନଥିବାରୁ ବର୍ଷାର ପରିମାଣ ବଢ଼ିପାରୁ ନାହିଁ। ଫଳରେ ମୌସୁମୀ ଆଗମନ ପରେ ବର୍ତ୍ତମାନ ବର୍ଷାର ଗତି କିଛି ଦିନ ପାଇଁ କମିଯାଇପାରେ ଏବଂ କେବଳ କେତେକ ସ୍ଥାନରେ ସ୍ଥାନୀୟ ଭାବେ ବିକ୍ଷିପ୍ତ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ପାଣିପାଗ ମଡେଲ୍ ଅନୁଯାୟୀ, ଆସନ୍ତା ୧୯-୨୧ ଜୁନ୍ ଆଡ଼କୁ ବର୍ଷାର ସ୍ଥିତିରେ କିଛିଟା ସୁଧାର ଆସିବାର ସମ୍ଭାବନା ଅଛି। ତେବେ କୌଣସି ଲଘୁଚାପ କିମ୍ବା ଅବପାତ ସୃଷ୍ଟି ହେଉନଥିବାରୁ, ଏହି ସମୟରେ ଲଗାତାର ପ୍ରବଳ ବର୍ଷା ହେବା ବଦଳରେ ମୁଖ୍ୟତଃ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କେବଳ ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ତେଣୁ ସାରା ରାଜ୍ୟରେ ଏକାସଙ୍ଗେ ମୌସୁମୀ ବର୍ଷା ହେବା ବଦଳରେ ଏହା ଧୀରେ ଧୀରେ ଏବଂ ପର୍ଯ୍ୟାୟକ୍ରମେ ଆଗକୁ ବଢ଼ିବ। କୃଷି ଦୃଷ୍ଟିକୋଣରୁ ଏଥର ମୌସୁମୀ ଆସିବାରେ ବିଳମ୍ବ ବିଶେଷ ଚିନ୍ତାର କାରଣ ନ ଥିବା ବେଳେ ବର୍ଷାର ଅସମାନ ବଣ୍ଟନ ଏବଂ ମୌସୁମୀ ଆସିବା ପରେ ଦେଖାଯାଉଥିବା ଶୃଙ୍ଖଳା ପାଗ ହିଁ ଅଧିକ ଚିନ୍ତାର କାରଣ ସାଜିଛି। ତେଣୁ, ଚାଷୀମାନେ କେବଳ ମୌସୁମୀ ଆସିବା ତାରିଖକୁ ନଦେଖି ବର୍ଷାର ନିରନ୍ତରତା ଏବଂ ମାଟିର ଆର୍ଦ୍ରତାକୁ ଦେଖି ବିହନ ବୁଣିବା ଉଚିତ ବୋଲି ସେ କହିଛନ୍ତି। ବର୍ତ୍ତମାନର ସ୍ଥିତି ଅନୁସାରେ ବ୍ୟାପକ ଭାବେ ବିହନ ବୁଣିବା ପାଇଁ ଉପକୂଳ ଓଡ଼ିଶାରେ ୧୯-୨୨ ଜୁନ୍, ପଶ୍ଚିମ ଓଡ଼ିଶାରେ ୧୯-୨୩ ଜୁନ୍ ଏବଂ ଉତ୍ତର-କେନ୍ଦ୍ରୀୟ ଓଡ଼ିଶାରେ ୨୦-୨୪ ଜୁନ୍ ସବୁଠାରୁ ଅନୁକୂଳ ସମୟ ଜଣାପଡୁଛି। ତେବେ ଏହା ସ୍ଥାନୀୟ ବର୍ଷା ଏବଂ ଜମିର ବତର ସ୍ଥିତି ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫୬.୧ ମିଲିମିଟର ବର୍ଷା ହେବା କଥା। ମାତ୍ର ଏବେ ପର୍ଯ୍ୟନ୍ତ ରାଜ୍ୟରେ ୩୫ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ତୁଳନାରେ ୩୮ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ଜିଲ୍ଲାୱାରୀ ଦେଖିଲେ ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼ ଓ କେନ୍ଦ୍ରାପଡ଼ାକୁ ଛାଡ଼ିଦେଲେ ବାକି ସବୁ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ସୋନପୁର, ବୌଦ୍ଧ ଓ କନ୍ଧମାଳରେ ସ୍ଥିତି ସବୁଠୁ ଉଦବେଗ ଜନକ ସହ ଅତି ନିଅଣ୍ଟିଆ (୬୦-୯୬%) କମ୍ ବର୍ଷା ରେକର୍ଡ ହୋଇଛି।

### ପୁନଃ ଉଦ୍‌ଘାଟନ...

ବିଧାୟକ ବାହାବାହା ନେବାକୁ ଚେଷ୍ଟା କରୁଛନ୍ତି। ବିଧାୟକ ଏପରି ରାଜନୀତି କେତେଦିନ କରିବେ ବୋଲି ଦୀପାଳି ଏକ ଭିଡିଓ ବାର୍ତ୍ତାରେ କ୍ଷୋଭ ପ୍ରକାଶ କରିଛନ୍ତି।

ଭିଡିଓ ବାର୍ତ୍ତା ମାଧ୍ୟମରେ ଦୀପାଳି କହିଛନ୍ତି ଯେ ଯେଉଁ ପ୍ରକଳ୍ପ ପୂର୍ବରୁ ସମ୍ପୂର୍ଣ୍ଣ ହୋଇ ସାରିଛି ଏବଂ ଗତ ୨୦୨୪ ମସିହାରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ ମଧ୍ୟ ହୋଇ ସାରିଛି, ତାକୁ ପୁଣି ଥରେ ନୂଆ ରଙ୍ଗ ଦେଇ ନିଜ ନାଁରେ ପ୍ରଚାର କରିବା ଜନସାଧାରଣଙ୍କ ସହ ପ୍ରତାରଣା। ଏହାସହ ସେ ହାର୍ଟ ହସ୍ପିଟାଲ ପ୍ରତିଷ୍ଠା ପଛର ସମସ୍ତ ସରକାରୀ ଚିଠି ଏବଂ ତଥ୍ୟକୁ ପ୍ରମାଣ ସ୍ୱରୂପ ଉପସ୍ଥାପନ କରିଛନ୍ତି। ଦୀପାଳିଙ୍କ କହିବା ଅନୁଯାୟୀ ଝାରସୁଗୁଡ଼ାରେ ଏକ ହୃଦ୍‌ରୋଗ ଚିକିତ୍ସାଳୟ ପ୍ରତିଷ୍ଠା କରିବା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଏକ ବଡ଼ ସ୍ୱପ୍ନ ଥିଲା। ଏଥିପାଇଁ ସେ ୨୦୧୩ ମସିହାରୁ ଉଦ୍ୟମ ଆରମ୍ଭ କରିବା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ସେହି ବର୍ଷ ସେପ୍ଟେମ୍ବର ୬ ତାରିଖରେ ହସ୍ପିଟାଲ ପାଇଁ ଜମି ଚିହ୍ନଟ କରିବାକୁ ତତ୍କାଳୀନ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଥିଲା। ସେହିପରି ୨୦୧୪ ମସିହା ଫେବ୍ରୁଆରୀ ୭ ତାରିଖରେ ଏମସିଏଲ ଏହି ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ଦେବାକୁ ସହମତି ପ୍ରକାଶ କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ୭୫ କୋଟିକୁ ବୃଦ୍ଧି କରାଯାଇଥିଲା। ୨୦୧୫ ମସିହା ଅକ୍ଟୋବର ୩୧ ତାରିଖରେ ପ୍ରକଳ୍ପର ପ୍ରଥମ ଭୂମିପୂଜା ମଧ୍ୟ କରାଯାଇଥିଲା। ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସରେ ଏହି ହାର୍ଟ ହସ୍ପିଟାଲର ଶୁଭ ଉଦ୍‌ଘାଟନ ହୋଇ ସାରିଛି। ସେହି ଭବ୍ୟ କାର୍ଯ୍ୟକ୍ରମରେ ବର୍ତ୍ତମାନର ମନ୍ତ୍ରୀ ସୁରେଶ ପୂଜାରୀ (ତତ୍କାଳୀନ ସାଂସଦ), ତତ୍କାଳୀନ ଝାରସୁଗୁଡା ଓ ବ୍ରଜରାଜନଗର ବିଧାୟିକା ଦୀପାଳି ଦାସ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଯେଉଁ ହସ୍ପିଟାଲ୍‌ରେ ଚିକିତ୍ସା ସେବା ଆରମ୍ଭ ହୋଇସାରିଛି, ତାକୁ ପୁଣି ଥରେ ଉଦ୍‌ଘାଟନ କରିବା ପୂର୍ବରୁ କାର୍ଯ୍ୟ କରିଥିବା ସରକାରୀ କର୍ମଚାରୀ ଏବଂ ନେତୃବୃନ୍ଦଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି।

ବିଧାୟକଙ୍କ କାର୍ଯ୍ୟଶୈଳୀରେ ସେ ଗଭୀର ଅସନ୍ତୋଷ ପ୍ରକାଶ କରି ସେ କହିଛନ୍ତି ଯେ ଗତ ଦୁଇ ବର୍ଷ ଭିତରେ ଜନସାଧାରଣଙ୍କ ପାଇଁ ନିଜସ୍ୱ କାର୍ଯ୍ୟ କ'ଣ ରହିଛି? ଝାରସୁଗୁଡ଼ାକୁ ପାଉଁଶ ପ୍ରଦୂଷଣରୁ ମୁକ୍ତି ଦେବା ପାଇଁ ବଡ଼ ବଡ଼ ଡିଣ୍ଡିମ ପିଟିଥିବା ବିଧାୟକ ନିଜେ ଏବେ ଆଶ୍ ଟ୍ରାନ୍ସପୋର୍ଟରମାନଙ୍କ ସହ ସଲାସୁତୁରା କରି ନିଜ ପକେଟ୍ ଗରମ କରିବାରେ ବ୍ୟସ୍ତ ଅଛନ୍ତି। ବେଦାନ୍ତ କମ୍ପାନୀରୁ ଟନ୍ ପିଛା ୩୦ ଟଙ୍କା ହିସାବରେ ପଇସା ଆଦାୟ କରିବା ଏବଂ ନିଜେ ଆଶ୍ ଟ୍ରାନ୍ସପୋର୍ଟରଙ୍କୁ ନିୟନ୍ତ୍ରଣ କରିବା କଣ ଆପଣଙ୍କ ଅସ୍ତିତ୍ୱ ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ହସ୍ପିଟାଲର ଉଦଘାଟନ କାର୍ଯ୍ୟକ୍ରମକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରି ନିଜ ଦଳର ନେତାଙ୍କ ଏଭଳି ଶ୍ରେୟ ରାଜନୀତି ଉପରେ ରୋକ୍ ଲଗାନ୍ତୁ, ନଚେତ୍ ଏହା ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଏନେଇ ଗଣଣାଧ୍ୟମରେ ପ୍ରତିକ୍ରିୟା ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଗତ ୧୨ ତାରିଖରେ ଏହି ହାର୍ଟ ହସ୍ପିଟାଲକୁ ଚଳଚଞ୍ଚଳ ତଥା ଆରମ୍ଭ କରାଯିବ ବୋଲି ଉଭୟେ କହିଥିଲେ। ତେବେ ଗତ ୧୨ ତାରିଖରେ ହସ୍ପିଟାଲ ଉଦଘାଟନ ହୋଇପାରିନଥିବା ବେଳେ ଖୁବଶୀଘ୍ର ଏହାକୁ ଉଦଘାଟନ କରାଯିବା ନେଇ ଶୁଣାଯାଉଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଫେବ୍ରୁଆରୀ ୨୦୨୪ରେ ହସ୍ପିଟାଲଟି ଆନୁଷ୍ଠାନିକ ଭାବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇସାରିଛି। ପୂର୍ବ ଉଦଘାଟନ ଏବଂ ପ୍ରସ୍ତାବିତ ନୂତନ ଉଦଘାଟନ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସାଧାରଣରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି।

### ଚାମେଲିଙ୍କୁ ନେଇ...

ଜେଲକୁ ପଠାଯାଇଥିବା ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡ଼ିବାରୁ ତାଙ୍କୁ ପୁଣି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଆଣାଯାଇଛି।

ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଚାମେଲି ଓଝାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପରେ ଥାନାରେ ତାଙ୍କୁ ଦୁର୍ବ୍ୟବହାର ଓ ମାଡ଼ ମାରାଯାଇଥିବା ଅଭିଯୋଗ କରି ଚାମେଲି ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲରୁ ଉଠାଇ ନେଇ ତାଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲକୁ ପଠାଯାଇଥିଲା। ତେବେ ଜେଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଖରାପ ହୋଇଯିବାରୁ ପୁଲିସ ତାଙ୍କୁ ପୁନର୍ବାର କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ପିସିସି ସଭାପତି ଭକ୍ତଚରଣ ଦାସ ଶୁକ୍ରବାର କେନ୍ଦ୍ରାପଡ଼ା ଡାକ୍ତରଖାନାରେ ପହଞ୍ଚି ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପରେ ସେ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ଚାମେଲିଙ୍କ ବିରୋଧରେ ହୋଇଥିବା ମାମଲାର ନିରପେକ୍ଷ ତଦନ୍ତ, ପୁଲିସ ଜବତ କରିଥିବା ମୋବାଇଲ ଫୋନ ଫେରସ୍ତ ଓ ତାଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ସେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କୁ ଭେଟିଥିଲେ।

ଅନ୍ୟପକ୍ଷରେ, କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ମହାକାଳପଡ଼ା ଥାନା ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, ସଂଗଠନ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ସମେତ ବହୁ କଂଗ୍ରେସ ନେତା ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଚାମେଲିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରସଙ୍ଗରେ ବିଜେପି ନେତା ଡା. ସୌଭାଗ୍ୟ ପରିଡ଼ା ମଧ୍ୟ ଶତାଧିକ ସମର୍ଥକଙ୍କ ସହ ମହାକାଳପଡ଼ା ଥାନା ଘେରଉ କରିଛନ୍ତି। ସେ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସାତଦିନ ମଧ୍ୟରେ ଚାମେଲି ଓଝାଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଥାନା ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଜଣେ ଜନପ୍ରତିନିଧି ଭାବେ ଚାମେଲି ଓଝା ବିଡିଓଙ୍କ ନିକଟରେ ଜନସ୍ୱାର୍ଥ ସମ୍ପର୍କିତ ପ୍ରଶ୍ନ ଉଠାଇଥିବା ବେଳେ ତାଙ୍କୁ ଅନ୍ୟାୟ ଭାବେ ମାମଲାରେ ଫସାଯାଇଛି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରି ସିପିଆଇ ପକ୍ଷରୁ ମଧ୍ୟ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଦଳର ଜିଲ୍ଲା ସମ୍ପାଦକ ବିକାଶ ବେଉରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରଶାସନିକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପକୁ ବିରୋଧ କରିବା ସହ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଅବନତି ହେଉଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଚାମେଲି ଓଝାଙ୍କୁ ନେଇ କଂଗ୍ରେସ, ବିଜେପି ଓ ସିପିଆଇ ମଇଦାନକୁ ଓହ୍ଲାଇଥିବା ବେଳେ ଏହି ପ୍ରସଙ୍ଗ ଆଗାମୀ ଦିନରେ ଜିଲ୍ଲା ରାଜନୀତିକୁ ଆହୁରି ସରଗରମ କରିବ ବୋଲି ଚର୍ଚ୍ଚା ହେଉଛି।

### ଅଶୋଧିତ ତୈଳ...

ହୋଇଛି। ସେହିପରି ଗତ ମାସରେ ପାକିସ୍ତାନରେ ପେଟ୍ରୋଲ ଲିଟର ପିଛା ୪୧ ଟଙ୍କା ଏବଂ ଡିଜେଲ ୩୬ ଟଙ୍କା ହ୍ରାସ ପାଇଛି। ଫେବୃଆରୀ ୨୮ରୁ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପାକିସ୍ତାନ ସରକାର ପ୍ରତି ଶୁକ୍ରବାର ରାତିରେ ପେଟ୍ରୋଲିୟମ ମୂଲ୍ୟ ସଂଶୋଧନ କରିଆସୁଛନ୍ତି ଏବଂ ଏହା କ୍ରମାଗତ ୫ମ ମୂଲ୍ୟ ହ୍ରାସ। ଅନ୍ୟପକ୍ଷରେ, ମେ' ୨୫ରୁ ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବରୁ ମେ' ମାସରେ ମାତ୍ର ୧୧ ଦିନରେ ଦେଶରେ ପେଟ୍ରୋଲ-ଡିଜେଲ ମୂଲ୍ୟ ୪ ଥର ମୂଲ୍ୟ ବୃଦ୍ଧି କରାଯାଇଥିଲା।

ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ପରେ ପାକିସ୍ତାନରେ ଯେଉଁଭଳି ଭାବେ ତେଲ ଦର ହ୍ରାସ ପାଉଛି, ସେଥିରେ ଏବେ ପ୍ରଶ୍ନ ଉଠୁଛି ଯେ, ଭାରତରେ ତୈଳ ବିପଣନକାରୀ କମ୍ପାନୀଗୁଡିକ କେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ହ୍ରାସ ଘଟାଇବେ। କାରଣ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଅହେତୁକ ବୃଦ୍ଧି ଯୋଗୁ ବର୍ତ୍ତମାନ ମୁଦ୍ରାସ୍ଫୀତି ଉପରମୁହାଁ ଫଳରେ ଖାଉଟି ବଜାର ମହଙ୍ଗା ହୋଇଛି। ଏଥିରେ ସାଧାରଣ ଲୋକଙ୍କ ଅବସ୍ଥା ବେହାଲ।

25001/383/2627
E-Mail I.D. – rw_cuttack@yahoo.co.in
Ph.No.0671-2440662

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**

**1st Corrigendum to Tender Call Notice No. Tender-Online-RWD Ctc-03/2026-27 dt.19.05.2026.**
Due to unavoidable circumstances the dates are changing as follow:-

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Superintending Engineer, Rural Works Division, Cuttack | RWD Ctc-03/2026-27 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 05.06.2026 At 11.00 am | 17.06.2026 At 11.00 am | 17.06.2026 up to 5.00 pm | 30.06.2026 up to 5.00 pm | 16.06.2026 up to 5.00 pm | 25.06.2026 up to 5.00 pm | 18.06.2026 up to 11.00 am | 01.07.2026 up to 11.00 am | Will be intimated later | Will be intimated later |

All other terms & conditions remain unchanged
OIPR-25001/25053/1/26-27/0004
Superintending Engineer
Rural Works Division, Cuttack

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-286
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅଧୀନରେ 20Kରୁ ଅଧିକ TVU ଥିବା 02ଟି ଲେଭେଲ କ୍ରସିଂ ଗେଟ୍ (RV-21 ଓ RV-169)ର ଇଣ୍ଟରଲକିଂ ସହିତ ବୈଦ୍ୟୁତିକ ସାଧାରଣ କାର୍ଯ୍ୟ ।।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 8,98,333.48, EMD : ₹ 18,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.07.2026 ରିଖ 1530 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ଖୋଲିବା ପୂର୍ବରୁ ... ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ଭାବେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ... ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।
ମଣ୍ଡଳ ରେଳ ପ୍ରବନ୍ଧକ (Elect.-G) / ସମ୍ବଲପୁର
PR-236/R/26-27

**AFFIDAVIT**
I, T SATYANARAYANA, S/O TANGUDU GOPALAMresident of At-Nodia Bada Street, PO/PS - Jeypore, DT- Koraput -764001, Odisha declare by this Affidavit No.2378, Dated - 13/06/2026, that now onwards I shall be known as **TANGUDU SATYANARAYANA** For all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 948, dated 12-06-2026, I, GUPTESWAR BHATRA, S/o - Jagat Bhatra, Permanent Resident of Village - Ghatbasuli, PO - Ukiapali, PS - Kosagumuda, Dist- Nabarangpur, Odisha, Pin - 764058, declare that I have changed the name of my Son from MANOJ BHATRA to MANOJ KUMAR BHATRA. Henceforth, he shall be known as **MANOJ KUMAR BHATRA** for all purposes.
Sd/- Gupteswar Bhatra

**AFFIDAVIT**
I, T SWAPNA, W/O TANGUDU SATYANARAYANA resident of At-Nodia Bada Street, PO/PS - Jeypore, DT- Koraput - 764001, Odisha declare by this Affidavit No.2377, Dated - 13/06/2026, that now onwards I shall be known as **TANGUDU SWAPNA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no- 943, dated 11.06.2026, I, KUNA HARIJAN, Son of- Nanda Harijan, Permanent Resident of Village - Goudadeopali, PO - Parajadeopalli, PS - Khatiguda, Dist - Nabarangpur, Odisha, Pin - 764085, declare that I have changed my name from KUNA NANDA to KUNA HARIJAN. Henceforth, I shall be known as **KUNA HARIJAN** for all purposes.
Sd/- Kuna Harijan

**AFFIDAVIT**
By virtue of an affidavit sworn before Executive Magistrate, Puri, on dated 09/06/2026, I **SAJI TARAI**, W/o Sushanta Kumar Tarai resident of At- Badadanda, Po- Siala, P.S: Krushnaprasad, Dist: Puri, Odisha, PIN: 752030, declare that I have changed my minor Daughter's name from **ARPITA TAREI (Old Name)** to **ANKITA TARAI (New Name)**. Henceforth, she shall be known as **ANKITA TARAI** for all purposes.
Sd- **SAJI TARAI**

**CERTIFICATE LOST**
I, Jogamaya Routray, W/o Annanta Kumar Patra, residing At - Gadasrirampur, PS- Balianta, Dist - Khordha , Odisha declare that the Original B.Tech Certificate, Regd No: 0901294102 have been LOST / MISPLACED on on 04.06.2026 between Ranga Bazar and Balianta Area and inspite of my best efforts I could not trace it out. An FIR Vide General Diary No. 017, Dated 05/06/2026 has been lodged before Balianta Police station. If any person find the above said original B.Tech Certificate, please contact: 9437777483. This newspaper publication is required to produced before the Concerned Authority.

**AFFIDAVIT**
I Artatrana Deheri,S/o Gariba Deheri,Vill-Luhurapali,po-Rengali,Ps-Lachhipur,Dist-Subarnapur, Odisha, Pin-767068 do hereby declare by virtue of an Affidavit No- 423 Dt.08.06.2026 sworn before in the Court of the Notary Public, Sonepur, that I have changed my name Aratatran Deheri to Artatrana Deheri.Henceforth, I shall be known as **Artatrana Deheri** for all purposes.
SD/- Artatrana Deheri

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 946, dated 11-06-2026, I, DEBA MAJHI, S/o - Mangalbodh Majhi, Permanent Resident of Village - H. Majhiguda, PO - Chatahandi, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Daughter from DHASU MAJHI to JOSADA MAJHI. Henceforth, she shall be known as **JOSADA MAJHI** for all purposes.
Sd/- Deba Majhi

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 933, dated 10.06.2026, I, KAMALI BHATRA, Wife of - Late. Balaram Das & Daughter of - Kamal Lochan Bhatra, Permanent Resident of Village - Baunsbeda, PO - Benora, PS -Umerkote, Dist - Nabarangpur, Odisha, Pin - 764073, declare that I have changed my name from HEMA DAS to KAMALI BHATRA. Henceforth, I shall be known as **KAMALI BHATRA** for all purposes.
Sd/- Kamali Bhatra

**ଦଲିଲ ହଜିଯାଇଥିବା ସୂଚନା**
ମୁଁ ବିଶ୍ୱମିତ୍ର ନାଏକ, ପିତା- ଅକ୍ଷୟ ନାଏକ, ଗ୍ରାମ- ଲୋଇସିଂହା, ଜିଲ୍ଲା- ବଲାଙ୍ଗିର, ଏହା ଦ୍ୱାରା ଜଣାଉଛି ଯେ ରେଜିଷ୍ଟ୍ରିକୃତ ବିକ୍ରୟ ଦଲିଲ ନଂ- ୨୨୬୩, ତାରିଖ- ୦୧.୧୧.୨୦୦୦, ମୌଜା- ଲୋଇସିଂହା, ବଂଶୀଧର ଜଳସାଏ ଙ୍କ ନାମରେ ଥିବା ମୂଳ ଦଲିଲଟି ହଜିଯାଇଛି। ବହୁ ଖୋଜାଖୋଜି ସତ୍ତ୍ୱେ ଏହା ମିଳିନାହିଁ। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ସମ୍ବନ୍ଧରେ ସୂଚନା ପାଆନ୍ତି, ତେବେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ନମ୍ବର ରେ ଯୋଗାଯୋଗ କରନ୍ତୁ। ଅନ୍ୟଥା ମୁଁ ସମ୍ପୃକ୍ତ କାର୍ଯ୍ୟାଳୟରୁ ପ୍ରମାଣିତ ନକଲ ପାଇଁ ଆବେଦନ କରିବି।
ଯୋଗାଯୋଗ : ବିକାଶ ଚନ୍ଦ୍ର ପ୍ରଧାନ (ଓକିଲ) ୯୪୩୭୩୬୨୩୪୩

# ଆଠଗାଁ ଜମିଦାର ମହଲର ନବକଳେବର

ବଲାଙ୍ଗିର,୧୩।୬(ସମିସ)

ନୂଆ ରୂପରେ ବଲାଙ୍ଗିର ଆଠଗାଁସ୍ଥିତ ମାନଧାତା ମହଲ। ଆଠଗାଁ ଜମିଦାର ତଥା ବଲାଙ୍ଗିର ଜିଲ୍ଲାର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନଧାତାଙ୍କ ଜମିଦାର ମହଲ ଏକଦା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଅନେକ ଦାବି ଉଠିଥିଲା। ସ୍ୱାଧୀନତା ସଂଗ୍ରାମରେ ଇଂରେଜମାନଙ୍କ ସହ ଲଢେଇ କରୁଥିବା ଚକରା ବିଶୋଇ, ରେଣ୍ଡୋ ମାଝୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଜମିଦାର ଧରମ ସିଂ ମାନଧାତା ସାହାଯ୍ୟ କରିଥିଲେ। ତାଙ୍କ ଶେଷ ସ୍ମୃତି ସାଇତି ରଖିବା ଓ ଏହାର ପୁନରୁଦ୍ଧାର କରିବା ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ଅସ୍ୱୀକାର କରି ହେବନି। ନବୀନଙ୍କ ପାଇଁ ଏହି ସ୍ମୃତି ମହଲ ନୂଆ ରୂପରେ ସଜେଇ ହୋଇଛି।

ଐତିହାସିକ ବଲାଙ୍ଗିର ଜିଲ୍ଲାରେ ଅନେକ ଇତିହାସ ରହିଛି। ଏହି ଇତିହାସର ଏକ ସମୃଦ୍ଧ ପୃଷ୍ଠା ହେଉଛି ବଲାଙ୍ଗିର ଆଠଗାଁ ଜମିଦାର ଧରମ ସିଂ ମାନଧାତାଙ୍କ ସ୍ୱାଧୀନତା ସଂଗ୍ରାମରେ ବୀରତ୍ୱର ଗାଥା। ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ୍ ଆଠଗାଁ ଜମିଦାର ଦାୟିତ୍ୱରେ ଥିବା ଧରମ ସିଂ ମାଝୀ ମାନଧାତା ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସିପାହୀ ଚକରା ବିଶୋଇ, ରେଣ୍ଡୋ ମାଝୀଙ୍କୁ ଯେତେବେଳେ ଇଂରେଜମାନେ ଗିରଫ କରିବା ପାଇଁ ରାତି ଦିନ ଏକ କରିଦେଇଥିଲେ ସେହି ସମୟରେ ଧରମ ସିଂ ମାଝୀ ମାନଧାତା ତାଙ୍କୁ ଲୁଚାଇ ରଖିଥିଲେ।





ଏପରିକି ଧରମ ସିଂ ମାଝୀ ମାନଧାତା ଘୋଡା ଓ ଖଣ୍ଡା ଚାଳନାରେ ଧୁରନ୍ଧର ଥିଲେ। ଏଥିପାଇଁ ଇଂରେଜମାନେ ମଧ୍ୟ ତାଙ୍କୁ ଭୟ କରୁଥିଲେ; କିନ୍ତୁ ସମୟାନୁକ୍ରମେ ଏହି ଇତିହାସ ଲୁଚିଯାଇଥିଲା। ଏହିଭଳି ଏକ ବୀର ଜମିଦାରଙ୍କ ମହଲର ମଧ୍ୟ ରକ୍ଷଣା ବେକ୍ଷଣ କରାଯାଇ ନ ଥିଲା। ଏହାଫଳରେ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିଲା। ଏହାର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଲୋକେ ଦାବି ହୋଇଆସୁଥିଲେ। ତେବେ ଏ ବିଷୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନଜର ପଡିବା ପରେ ଏହି ମହଲର ସଂରକ୍ଷଣ ଓ ପୁନରୁଦ୍ଧାର କରିବା ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। ଏହି ମହଲର ପୁନରୁଦ୍ଧାର ଓ ଜମିଦାର ମହଲଙ୍କୁ ସଂରକ୍ଷଣ କରି ରଖିବା, ତାଙ୍କ ବ୍ୟବହୃତ ସାମଗ୍ରୀକୁ ସଂରକ୍ଷିତ କରିବା ଓ ପର୍ଯ୍ୟଟକଙ୍କ ପାଇଁ ବୁଲିବା ପାଇଁ କରିଡର ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ପ୍ରାୟ ୩ କୋଟି ୬୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୪ ଜାନୁୟାରୀ ୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦିନେ ଅନାବନା ଘାସର ଜଙ୍ଗଲରେ ଭର୍ତ୍ତି ହୋଇ ଏହି ସ୍ଥାନ ପଡି ରହିଥଲା। ଆଜି ତାହା ପର୍ଯ୍ୟଟକ ଓ ଐତିହାସିକମାନଙ୍କ ଗବେଷଣା ପାଇଁ ଏକ ପ୍ରକୃଷ୍ଟ ସ୍ଥଳରେ ପରିଣତ ହୋଇଛି। ହଜିଯାଇଥିବା ଇତିହାସ ଓ ଜମିଦାର ଧରମ ସିଂ ମାଝି ମାନଧାତାଙ୍କ ସ୍ମୃତିକୁ ସଂରକ୍ଷଣ ରଖିବା ଦିଗରେ ପୂର୍ବ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ମହଲର ସଂରକ୍ଷଣ ସହ

**ଶେଷ ପର୍ଯ୍ୟାୟରେ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝି ମାନଧାତାଙ୍କ ସ୍ମୃତି ସଂରକ୍ଷଣ ପ୍ରକଳ୍ପ**

**ପୂର୍ବ ସରକାରଙ୍କ ସମୟରେ କାମ ଆରମ୍ଭ ହୋଇଥିଲା**

**୩ କୋଟି ୬୮ ଲକ୍ଷ ଟଙ୍କା ଅନୁଦାନରେ ନୂଆ ରୂପରେ ମାନଧାତା ମହଲ**

ପୁନରୁଦ୍ଧାର କାମ, ଆଲୋକୀକରଣ, କରିଡର ନିର୍ମାଣ କରିବା ଦିଗରେ ପୂର୍ବ ସରକାରଙ୍କ ଅବଦାନ ନିଶ୍ଚିତ ମନେ ରହିବ। କେମ ଶେଷ ହେବାକୁ ବସିଥିଲେ ବି ଆଉ କିଛି କାମ ରହିଛି। ବାକି ରହିଯାଇଥିବା କାମ ସରକାର ସମ୍ପନ୍ନ କରିବାକୁ ଜମିଦାର ଧରମ ସିଂ ମାଝୀ ମାନଧାତା ସ୍ମୃତି କମିଟି ଅଧ୍ୟକ୍ଷ କାଳିନ୍ଦ୍ରୀ ମାଝୀ ଦାବି କରିଛନ୍ତି।

## ରୋଗୀଙ୍କ ପାଇଁ ସ୍ୱେଚ୍ଛାସେବୀଙ୍କ ରକ୍ତଦାନ



କଣ୍ଠାମାଳ,୧୩।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବେହେରାପଡା ଗ୍ରାମର ଲଙ୍କା ବଣ୍ଡକିଙ୍କୁ କଣ୍ଟାମାଳ ଆମ୍ବେଦକର ଟ୍ରଷ୍ଟର ସହଯୋଗରେ ରକ୍ତ ଦିଆଯାଇଛି। କଣ୍ଟାମାଳ ଆମ୍ବେଦକର ସେବା ପରିଷଦ, ଲମ୍ବସରୀର ସାଧାରଣ ସମ୍ପାଦକ ମନିତ ଭୋଇନା ରକ୍ତ ଆବଶ୍ୟକତା ନେଇ ଖବର ପାଇବା ପରେ ଦଶରଥ ବଣ୍ଡକିଙ୍କୁ ଧରି ସୁବର୍ଣ୍ଣପୁର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଥିଲେ। ଏହାପରେ ଶ୍ରୀ ବଣ୍ଡକି ରକ୍ତ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା




କଣ୍ଟାମାଳ,୧୩।୬(ସମିସ): ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପରିବେଶ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷ ବୌଦ୍ଧ ଜିଲ୍ଲା ବନ ବିଭାଗ ପକ୍ଷରୁ "ପ୍ରକୃତି ବନ୍ଧୁ" ପୁରସ୍କାରରେ ସମ୍ମାନିତ ହୋଇଥିବା ଆମ୍ବଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟରେ ବିଭିନ୍ନ ପରିବେଶ ଭିତ୍ତିକ କାର୍ଯ୍ୟକ୍ରମ, ଚାରାରୋପଣ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶେଷରେ ଶିକ୍ଷକ ଦେବାଶିଷ ଥନାପତି ଧନ୍ୟବାଦ ଦେଇଥିଲେ।

## ବୌଦ୍ଧ ଜିଲ୍ଲାରେ ଏ-୧ ଆଶାୟୀ ଛାତ୍ରଛାତ୍ରୀ ମନୋନୀତ



କଣ୍ଟାମାଳ,୧୩।୬(ସମିସ): ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ସ୍ୱତନ୍ତ୍ର ଶିକ୍ଷା ତାଲିମ ନିମନ୍ତେ ଏ-୧ ଆଶାୟୀ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ଏଥିପାଇଁ ଆୟୋଜିତ ପରୀକ୍ଷାରେ କଣ୍ଟାମାଳ ବ୍ଲକର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଜିଲ୍ଲାର ମୋଟ ୧୦୦ ଜଣ ଆଶାୟୀଙ୍କ ସ୍ୱତନ୍ତ୍ର ଶିକ୍ଷା ପାଇଁ ହୋଇଥିବା ପରୀକ୍ଷାରେ କଣ୍ଟାମାଳ ବ୍ଲକରୁ ୨୮ ଜଣ ମନୋନୀତ ହୋଇଛନ୍ତି। ଏହି ମନୋନୟନ ତାଲିକାରେ ଆମ୍ବଗାଁ ହାଇସ୍କୁଲର ୪ ଜଣ ଛାତ୍ରଛାତ୍ରୀ ୭୦ରୁ ଅଧିକ ମାର୍କ ରଖି ସ୍ୱତନ୍ତ୍ର ଶିକ୍ଷା ତାଲିମ ପାଇଁ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବିଜ୍ଞାନ ସାହୁ, ସୁଧୀର ରଣା, ଲିପି ମିଶ୍ର ଏବଂ ସୁଭଦ୍ରା ରଣା। ମନୋନୀତ ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ କରିବା ପାଇଁ ଗ୍ରୀଷ୍ମ ଅବକାଶ ସମୟରେ ଅନଲାଇନ୍ ଶିକ୍ଷାଦାନ ଓ କାଉନସେଲିଂ କରାଯାଉଛି। ଏହାସହ ସ୍କୁଲ ସମୟ ବାହାରେ ମଧ୍ୟ ସେମାନଙ୍କୁ ନିୟମିତ ଭାବେ ଗାଇଡ୍ କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟରେ ମନୋନୀତ ପିଲାମାନଙ୍କ ମାତାପିତାଙ୍କୁ ଡାକି ଏକ ସଭା ଆୟୋଜନ କରାଯାଇଥିଲା।

## ଯୋଗାଭ୍ୟାସ ଓ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର,୧୩।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ଉପଖଣ୍ଡର କ୍ଷେମାଲୋଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଉଦେପଦର ଗ୍ରାମରେ ଏକ ଯୋଗ ଶିବିର ଓ ମ୍ୟାଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଶା କର୍ମୀ ମନ୍ଦାକିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଷେମାଲୋଏ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରିଣୀ ନିବେଦିତା ପଧାନ ଉପସ୍ଥିତ ରହି ମ୍ୟାଲେରିଆ ରୋଗର କାରଣ, ଲକ୍ଷଣ, ପ୍ରତିକାର ଓ ସଚେତନତାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସେ ଘର ଚାରିପାଖ ସଫା-ସୁତୁରା ରଖିବା, ମଶାରୀ ବ୍ୟବହାର କରିବା ଏବଂ ଜ୍ୱର ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଯୋଗଗୁରୁ ଡ. ହୃଷୀକେଶ ଦେହେରୀ ଯୋଗର ଲକ୍ଷ୍ୟ, ଉପକାରିତା ଏବଂ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପରିବେଶ ସୁରକ୍ଷା କରିବା ସମସ୍ତଙ୍କ ଗୁରୁଦାୟିତ୍ୱ। ସୁସ୍ଥ ଜୀବନଶୈଳୀ ଓ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇଁ ଯୋଗ ଏକ ସରଳ ଏବଂ ପ୍ରଭାବଶାଳୀ ମାଧ୍ୟମ। କାର୍ଯ୍ୟକ୍ରମରେ ଗ୍ରାମର ବହୁ ମହିଳା, ଛାତ୍ରଛାତ୍ରୀ, ପୁରୁଷ ଓ ଯୁବକ-ଯୁବତୀ ଯୋଗଦେଇ ଯୋଗାଭ୍ୟାସ କରିବା ସହ ମ୍ୟାଲେରିଆ ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ଗ୍ରହଣ କରିଥିଲେ। ଶେଷରେ ସମସ୍ତଙ୍କୁ ସୁସ୍ଥ ଓ ସଚେତନ ସମାଜ ଗଠନ ପାଇଁ ଏକାଠି କାମ କରିବାକୁ ଆହ୍ୱାନ କରାଯାଇଥିଲା। ଶେଷରେ ଅଙ୍ଗନବାଡ଼ି କର୍ମୀ ସୁବାଶିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟ୍ ବାଇକ୍ ଉଦ୍ଧାର; ଅଭିଯୁକ୍ତ ଗିରଫ

ତରଭା,୧୩।୬(ସମିସ): ତରଭାକୁ ୫୭ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଥିବା ନିବୃତ୍ତି ଜୋର ପୋଲ ନିକଟରେ ଶୁକ୍ରବାର ଅପରାହ୍ନରେ ଲୁଟ୍ ହୋଇଥିବା ବାଇକ୍ ଉଦ୍ଧାର ହୋଇଛି। ଏହି ଘଟଣାରେ ଲୁଟେରା ଅଞ୍ଚଳର କୁଖ୍ୟାତ ଅପରାଧୀ ଲକ୍ଷ୍ମଣ ନାଏକକୁ ମଧ୍ୟ ତରଭା ପୁଲିସ ଗିରଫ କରିଛି। ତାଠାରୁ ଲୁଟ୍ ହୋଇଥିବା ବାଇକ୍ ଓ ମୋବାଇଲ୍ ଫୋନ୍ ପୁଲିସ ଉଦ୍ଧାର କରିଛି। ଆଇଆଇସି ଡୋଳାମଣି ନାଏକଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ଶୁକ୍ରବାର ଅପରାହ୍ନ ୨ଟାରେ ତରଭା ଇଲେକ୍ଟ୍ରିକ ଅଫିସରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବିହାରର ମୁକେଶ କୁମାର ଯାଦବ(୩୬) ବିଆର ୪୬ ଏଲ ୯୪୩୨ ନମ୍ବର ବିଶିଷ୍ଟ ବାଇକ୍‌ରେ ଆସୁଥିବା ବେଳେ ନିବୃତ୍ତି ଜୋର ପୋଲ ନିକଟରେ ୩ ଜଣ ଯୁବକ ଗୋଟିଏ ପଲସରରେ ଆସି ତାଙ୍କୁ ଅଟକାଇଥିଲେ। ଯୁବକମାନେ ମୁକେଶଙ୍କୁ ଧମକ ଚମକ ଦେଇ ତାଙ୍କର ବାଇକ୍, ଗୋଟିଏ ମୋବାଇଲ ଓ ସେ ପକେଟରେ ରଖିଥିବା ୧୬୦ ଟଙ୍କା ନେଇ ଫେରାର ମାରିଥିଲେ। ମୁକେଶ ତରଭା ଥାନାକୁ ଆସି ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଲୁଟେରା ଲକ୍ଷ୍ମଣ ସେହି ଲୁଟ୍ ବାଇକରେ ତରଭା ଜେଏନଡି ରାସ୍ତାରେ ଆସୁଥିବାବେଳେ ପାଟ୍ରୋଲିଂ କରୁଥିବା ପୁଲିସ ଟିମ୍ ହାବୁଡ଼ରେ ପଡିଥିଲା। ତେବେ ଏଏସଆଇ ସୁଶୀଲ ବିଶି ଏହି ଲୁଟ୍ ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି।



## ଖବରକାଗଜ ବିତରକ ଅସହାୟ

### ଅର୍ଥ ଅଭାବରୁ ଚିକିତ୍ସାରେ ଅବହେଳା



ବୀରମହାରାଜପୁର,୧୩।୬ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଙ୍ଗୁଲା ପଞ୍ଚାୟତ ଟିଠିପାଲି ଗ୍ରାମର ଜୟକୃଷ୍ଣ କର୍ଣ୍ଣ ଦୀର୍ଘ ୨ ବର୍ଷ ହେବ ଅସହାୟ ଅବସ୍ଥାରେ ପଡ଼ିଛନ୍ତି। ତାଙ୍କ ଗୋଡ଼ ଉପରେ କାନ୍ଥ ପଡି ଯାଇଥିଲା। ସେ ବିଭିନ୍ନ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଛନ୍ତି; ହେଲେ ତାଙ୍କ ଗୋଡ଼ ଭଲ ହୋଇନି। କଟକ ବଡ଼ ଡାକ୍ତରଖାନାର ଜଣେ ଡାକ୍ତର ବହୁ ଟଙ୍କା ଖର୍ଚ୍ଚ ହେବ ବୋଲି କହିଛନ୍ତି; ହେଲେ ଶ୍ରୀ କର୍ଣ୍ଣଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଚିକିତ୍ସିତ ହୋଇପାରୁନାହାନ୍ତି।

## ଟ୍ରାନ୍ସଫର୍ମର ଚୋରି ଘଟଣାରେ ୨ ଗିରଫ

ତରଭା,୧୩।୬(ସମିସ): ତରଭା ଥାନା ଝାରତରଭା ଆଡ଼ିବନ୍ଧ ନିକଟରେ ଚାଷ କାର୍ଯ୍ୟ ପାଇଁ ଲାଗିଥିବା ଟ୍ରାନ୍ସଫର୍ମର ଚୋରି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ଝାରତରଭାର କାମଦାର ନାଏକ(୨୬) ଓ ଅଜୟ ନାଏକ(୨୦)। ଝାରତରଭା ଆଡ଼ିବନ୍ଧ ନିକଟରେ ଚାଷୀ ମିଳିତ ଭାବେ ଏକ ଟ୍ରାନ୍ସଫର୍ମର ବସାଇଛନ୍ତି। କେତେଜଣ ଦୁର୍ବୃତ୍ତ ଟ୍ରାନ୍ସଫର୍ମର ଖୋଲି ଭିତରେ ଲାଗିଥିବା ତମ୍ବାତାର ଓ ଯନ୍ତ୍ରାଂଶ ଚୋରି କରି ନେଇଥିଲେ। ଏ ନେଇ ଚାଷୀ ଦୁର୍ଗାଚରଣ ନାଏକ ତରଭା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲା। ଏଏସଆଇ ସୁଧୀର ଜେନା ତଦନ୍ତ ଦାୟିତ୍ୱ ନେଇଥିଲେ। ଶନିବାର ପୁଲିସ କାମଦାର ଓ ଅଜୟକୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୦ କେଜି ତମ୍ବା ତାର ଜବତ ହୋଇଛି।



## ଗଞ୍ଜେଇ କାରବାରରେ ଜଣେ ଗିରଫ




ତରଭା,୧୩।୬(ସମିସ): ଗଞ୍ଜେଇ କାରବାରରେ ତରଭା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ରକସା ଗ୍ରାମର ପ୍ରଶାନ୍ତ ମହାନନ୍ଦିଆ। ପୁଲିସ ତା ପାଖରୁ ୮ କେଜି ଗଞ୍ଜେଇ ଜବତ କରିଛି। ଗୋଟିଏ ସ୍କୁଟି (ଓଡ଼ି ୦୩ ଡବ୍ଲ୍ୟୁ ୧୦୬୨)ରେ ସେ ଗଞ୍ଜେଇ ଧରି ଆସୁଥିବାବେଳେ ପୁଲିସ ହାବୁଡ଼ରେ ପଡିଥିଲା।

## 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର,୧୩।୬(ସମିସ): ରାଜ୍ୟରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ହିତାଧିକାରୀ ସମ୍ମିଳନୀର ଶୁଭାରମ୍ଭ ହୋଇଛି। ପଞ୍ଚାୟତରେ ସୁଶାସନ, ଗ୍ରାମାଞ୍ଚଳରେ ପରିବର୍ତ୍ତନ ସଂକଳ୍ପକୁ ନେଇ ଜୁନ୍ ୧୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ର ସମସ୍ତ ୨୪ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶୁକ୍ରବାର କିଆପଦର, କର୍ଲାପାଟ ଓ ଗୁଣପୁର ଗ୍ରାମ ପଞ୍ଚାୟତରୁ ଏହାର ଔପଚାରିକ ଶୁଭାରମ୍ଭ ହୋଇଥିଲା। ସରକାରୀ ଜନସମ୍ପର୍କ ଓ ନାଗରିକ ସହଭାଗୀତା ଆଧାରିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ବିକାଶ ଅଧିକାରୀ ଧ୍ରୁବଚରଣ ମୁଦୁଲି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ଗ୍ରାମୀଣ ଆବାସ ଯୋଜନା ବ୍ଲକ ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ, ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ଜିଲ୍ଲା ବିଜେପି ନେତା ବିଷ୍ଣୁ ନାଏକଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏହାଛଡ଼ା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ବହୁ ସଂଖ୍ୟକ ହିତାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅସରାଏ ବର୍ଷାରେ ବେହାଲ୍ ସତ୍ୟନଗର-ଧୁତରା ରାସ୍ତା



ଝାରସୁଗୁଡା,୧୩।୬(ସମିସ): ଅସରାଏ ବର୍ଷା ପରେ ବେହାଲ୍ ହୋଇପଡ଼ିଛି ସତ୍ୟନଗର-ଧୁତୁରା ରାସ୍ତା। ଏହି ରାସ୍ତା ଦେଇ ଝାରସୁଗୁଡା ସହରରୁ ଧୁତରା, ସାରସମାଳ, ଅର୍ଡା, କିର୍ମିରା, ଲଇକେରା, ବାଗଡିହି, ନକ୍ସାପାଲି, ସୁଲାହି, ଭୀମ ଯୋର, ଅନ୍ୟ ପଟେ ୧୦ ନଂ. ରାଜ୍ୟ ରାଜପଥକୁ ସଂଯୁକ୍ତ ରହିଥିବା ବାଲିଯୋରୀ, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ସରକାରୀ ଇଞ୍ଜିନିଅରିଂ ସ୍କୁଲ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ବଢ଼େଇମୁଣ୍ଡା, ପୁରୁନା, ଶିରିଆପାଲି ଗ୍ରାମାଞ୍ଚଳକୁ ଶହ ଶହ ଲୋକେ ଓ ଗାଡ଼ିମୋଟର ଯାତାୟାତ କରିଥାଏ। ଏଥିସହ ଶାନ୍ତିନଗର ଦେଇ ଝାରସୁଗୁଡ଼ା ସହରକୁ ଯାଉଥିବା ରାସ୍ତା ଓ ପରପଟରେ ସିଧାସଳଖ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ତଥା ସହରର ସମସ୍ତ କାର୍ଯ୍ୟ ପାଇଁ ଯିବାକୁ ସତ୍ୟନଗର ମୁଖ୍ୟ ସଂଯୋଗ ରାସ୍ତାଛକ(ପୁରାତନ ନାକା ଗେଟ)ରୁ ଧୁତରା ପର୍ଯ୍ୟନ୍ତ ରାସ୍ତା ଅତି ଦୟନୀୟ ହୋଇପଡ଼ିଛି। ଆଜି ଅପରାହ୍ନ ୪ଟାରେ ବର୍ଷର ପହିଲି ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମି ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏହି ରାସ୍ତା ଦେଇ ଦୈନିକ ବିଭିନ୍ନ କମ୍ପାନୀକୁ ଶହ ଶହ ଟ୍ରକ୍ ଯାତାୟାତ କରିଥାଏ। ବର୍ତ୍ତମାନ ସମୟରେ ଧୁତରା ଝାରସୁଗୁଡାରେ ଦକ୍ଷିଣପୂର୍ବ ରେଳପଥର ୪ର୍ଥ ରେଳପଥ ନିର୍ମାଣରେ ଦୈନିକ ଶହଶହ ଚଳାଚଳ କରୁଥିବା ଭାରିଯାନ ଯୋଗୁଁ ଖରା ସମୟରୁ ରାସ୍ତାର ଖାଲଢ଼ିପ ହୋଇ ବିପଦ ସାଜିଛି। ଏଣୁ ଆସନ୍ତା ଦିନରେ ରାସ୍ତା ମରାମତି ନ ହେଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ ଚାଲାଣ ବେଳେ ୭୦ ଗୋରୁ ଉଦ୍ଧାର

ଶଗଡା,୧୩।୬ (ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଅଞ୍ଚଳରେ ଏକ ବଡ଼ଧରଣର ବେଆଇନ ଗୋ ଚାଲାଣ ଉଦ୍ୟମ ପଣ୍ଡ ହୋଇଛି। ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର ସ୍ୱେଚ୍ଛାସେବୀଙ୍କ ତତ୍ପରତା ଯୋଗୁଁ ପ୍ରାୟ ୭୦ରୁ ଅଧିକ ଗୋରୁଙ୍କୁ ମାଫିଆଙ୍କ କବଳରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବୌଦ୍ଧ ଜିଲ୍ଲା ବାଉଁଶୁଣୀ ରେଳ ଲାଇନ ନିକଟ ଟାଲୁପାଲିରୁ ଏହି ଗୋରୁଙ୍କୁ ଚାଲାଣ ହେଉଥିଲା। ବୌଦ୍ଧ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସେଚ୍ଛାସେବୀ ଖବର ପାଇ ଚଢ଼ଉ କରି ସୁରକ୍ଷିତ ଉଦ୍ଧାର କରିଛନ୍ତି। ବିଳମ୍ବିତ ରାତିରେ ଚଢ଼ଉ ବେଳେ ଭୟ ସୃଷ୍ଟି କରିବା ପାଇଁ ଗୋ ମାଫିଆମାନେ ୧ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି। ଖବର ପାଇ ବାଉଁଶୁଣୀ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଉପସ୍ଥିତିରେ ସମସ୍ତ ଗୋରୁଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଶିଶୁ ମନ୍ଦିରରେ ରଖା ଯାଇଛି। ପରେ ଗୋଶାଳାକୁ ହସ୍ତାନ୍ତର କରାଯିବ। ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ବିଜେଡିର ପରିବର୍ଦ୍ଧିତ କର୍ମୀ ସମ୍ମିଳନୀ

# ପଞ୍ଚାୟତ ନିର୍ବାଚନ ରଣନୀତି ପ୍ରସ୍ତୁତି

ଥୁଆମୂଳ ରାମପୁର,୧୩।୬(ସମିସ)

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁରସ୍ଥିତ ଖଣ୍ଡୁଆଳ ଖେଳପଡ଼ିଆରେ ବ୍ଲକ୍ ବିଜେଡି ପକ୍ଷରୁ ପରିବର୍ଦ୍ଧିତ କର୍ମୀ ସମ୍ମିଳନୀ ତଥା ଏସ୍ଆଇଆର୍ ସମ୍ବନ୍ଧୀୟ ଦିନିକିଆ ତାଲିମ କାର୍ଯ୍ୟକ୍ରମ ବ୍ଲକ ସଭାପତି କପିଳାସ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ଦିଶାରୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମେନ୍ଦ୍ର ନାଏକ, ଜିଲ୍ଲା ବିଜେଡି ଉପ-ସଭାପତି ମାଣିକ୍ୟ ଚନ୍ଦ୍ର ନାଏକ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପ୍ରଧାନୀ, ରାମଚନ୍ଦ୍ର ମାଝୀ, ବ୍ଲକ ମହିଳା ସଭାନେତ୍ରୀ ଦୂତିକା ମାଝୀ, ଯୁବ ସଭାପତି ପ୍ରଦୀପ କୁମାର ନାଏକ, କାର୍ଯ୍ୟକାରୀ ସଭାପତି କୈଳାସ ପରିଛା, ଫୋଟୋ ଭୋଇ, ଜିଲ୍ଲାପରିଷଦ ସଦସ୍ୟା ଟୁନି ଖୋସଲା, ପ୍ରମିଳା ମାଝୀ, ତ୍ରିଲୋଚନ ପାଣିଗ୍ରାହୀ, ଜୟନ୍ତୀ ମାଝୀ, ଯଶୋବନ୍ତୀ ନାଏକ ଓ ଛାତ୍ର ବିଜେଡି ସଭାପତି ଦିନେଶ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ତାଲିମ



ଶିବିରରେ ବ୍ଲକର ୭୨ଟି ବୁଥର ଏଜେଣ୍ଟଙ୍କ ସମେତ ସମସ୍ତ ପଞ୍ଚାୟତ ବିଜେଡି ସଭାପତି, ଯୁବ ନେତୃବୃନ୍ଦ, ବ୍ଲକ କର୍ମକର୍ତ୍ତା, ସରପଞ୍ଚ, ସମିତି ସଦସ୍ୟ ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ବୁଥ୍ ଏଜେଣ୍ଟମାନଙ୍କୁ ଏସ୍ଆଇଆର୍ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଏହାସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟସଂଗଠନକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା, ବୁଥ୍‌ସ୍ତରରେ ସକ୍ରିୟତା ବଢ଼ାଇବା ଏବଂ ବିଜେଡିର ସାଂଗଠନିକ କାର୍ଯ୍ୟପ୍ରଣାଳୀକୁ ଅଧିକ ପ୍ରଭାବଶାଳୀ କରିବା ନେଇ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନୀ ରଣନୀତି ଓ ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ଲକ ବିଜେଡିର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ଗାଈ ମୃତ

ରିଆମାଳ,୧୩।୬(ସମିସ): ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ପଳସମା ପଞ୍ଚାୟତ ଅନ୍ତର୍ଗତ ଛତ୍ରିପିଟା ଗ୍ରାମରେ ବଜ୍ରପାତରେ ଏକ ଗାଈର ମୃତ୍ୟୁ ଘଟିଛି। ଗ୍ରାମରେ ନୃପ ମହାନନ୍ଦଙ୍କ ଘର ସମ୍ମୁଖରେ ତାଙ୍କ ଗାଈଟି ବନ୍ଧା ହୋଇଥିବା ବେଳେ ଅପରାହ୍ନରେ ବଜ୍ରପାତ ସହ ବର୍ଷା ହୋଇଥିଲା। ଫଳରେ ଗାଈଟିର ମୃତ୍ୟୁ ହୋଇଥିଲା। ଗାଈଟି କ୍ଷୀର ଦେଉଥିବାବେଳେ ତାକୁ ବିକି ସେ ଚଳୁଥିଲେ। ଅପରି ମୃତ୍ୟୁ ପରେ ସେ ଦୁଃଖ ପ୍ରକାଶ କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଖବର ପାଇ ସରପଞ୍ଚ ସୁଶିଲ କୁମାର ପହଞ୍ଚି ଅନୁଧ୍ୟାନ କରିଥିଲେ।



# ମଙ୍ଗଳବାର କୃଷକ ସଂଗଠନର ରାସ୍ତାରୋକ

**ଅତାବିରା, ୧୩।୬(ସମିସ):** ବରଗଡ଼ ଜିଲ୍ଲାରେ ଟୋକନ ସମସ୍ୟା ଗୁରୁତର। ଟୋକନ ଆସିବାର ସମୟ ସରିଛି। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଗୋଡ଼ଭଗା ମାର୍କେଟ୍ ୟାର୍ଡରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବୈଠକ ବସିଥିଲା। ଏଥିରେ ଅତାବିରା ଓ ଭେଡେନ ବ୍ଲକ ଥୁଆପାଲି, ଖୁଣ୍ଟୁଲିପାଲି ଅଞ୍ଚ ବହୁ ଚାଷୀ ଯୋଗଁ ଦେଇଥିଲେ। ମଙ୍ଗଳବାର ରେଙ୍ଗାଲି କ୍ୟାମ୍ପରୁ ଗୋଡ଼ଭଗା ମଧ୍ୟରେ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ ଶେଷ ସୁଦ୍ଧା ରବି ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଜୁନ୍ ମାସର ପାଖାପାଖି ଅଧାମାସ ବିତି ଯାଇଥିଲେ ସୁଦ୍ଧା ବହୁ ଚାଷୀଙ୍କ ଦ୍ୱିତୀୟ, ତୃତୀୟ ଟୋକନ ଆସି ନାହିଁ। ଜମି ପରିମାଣ ଅନୁଯାୟୀ କମ୍ ଟୋକନ ଆସିଥିବା ଚାଷୀଙ୍କୁ ବାକି ଟୋକନ ମଧ୍ୟ ଆସି ନାହିଁ। ଏ ନେଇ ଅତାବିରା ବ୍ଲକ କାର୍ଯ୍ୟାଳୟରେ ଗତ ୧ ତାରିଖ ଚାଷୀଙ୍କ ସମସ୍ତ ଟୋକନ ଦେବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ପକ୍ଷରୁ ଦାବି ପତ୍ର ଦିଆଯାଇଥିଲା। ଗତ ୧୦ ତାରିଖ ସଂଗଠନର ବୈଠକ ହୋଇଥିଲା। ଶୁକ୍ରବାର ଭିତରେ ବାକି ଟୋକନ ନ ଆସିଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ଟୋକନ ନ ଆସିବାରୁ ଶନିବାର ସଂଗଠନର ସଭାପତି ଭୁବନ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକରେ ହୋଇଥିଲା। ୨ ଦିନ ରଜ ଛୁଟି ଥିବାରୁ ମଙ୍ଗଳବାର ରାସ୍ତାରୋକ କରିବାକୁ ସହମତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଚାଷୀନେତା ବୀରେନ୍ଦ୍ର କର, ବୁଦ୍ଧଦେବ ନନ୍ଦ, ମନୋରଞ୍ଜନ ସାହୁ, ଦେବେନ୍ଦ୍ର ସାହୁ, ସୁରେଶ କର୍ଣ୍ଣ, ସମୀର ପ୍ରଧାନ, ରାଜେଶ ପ୍ରଧାନ, ଗୁରୁଦେବ ଭୋଇ, ବି ପାପାରାଓ, ସଂକ୍ରାନ୍ତି ଭେଙ୍କଟେଶ୍ୱର ରାଓ, ଭି କ୍ରିଷ୍ଣ ମୂର୍ତ୍ତି, ଏମ୍ ସତ୍ୟ ପ୍ରକାଶ, ଜେ ସୂର୍ଯ୍ୟପ୍ରକାଶ, କେ ରାମ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଦିନ ଆନ୍ଦୋଳନ ପରେ ମିଳିଲା ଟୋକନ୍

## ଟୋକନ ପାଇଲେ ୬୮ ଚାଷୀ, ପ୍ରତ୍ୟାହୃତ ହେଲା ଆମରଣ ଅନଶନ

**ଝାରବନ୍ଧ, ୧୩।୬(ସମିସ)**



ଡଭା ସେବା ସମବାୟ ସମିତିରେ ପଞ୍ଜିକୃତ ହୋଇଥିବା ୫୧୪ ଜଣ ଚାଷୀଙ୍କ ମଧ୍ୟରୁ ବହୁ ସଂଖ୍ୟକ ଚାଷୀଙ୍କ ଟୋକନ ନ ଆସିବା ପ୍ରତିବାଦରେ ଆଞ୍ଚଳିକ କୃଷକ ସଂଗଠନ, ଡଭା ପକ୍ଷରୁ ଗତ ୧୩ ଦିନ ଧରି ଚାଲିଥିବା ଆମରଣ ଅନଶନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ଏଆର୍‌ସିଏସ୍ ଓ ଏସିଏସ୍‌ଓ ଅନଶନସ୍ଥଳ ରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

ଆଲୋଚନା ବେଳେ ଟୋକନ ପାଇବାରୁ ବଞ୍ଚିତ ୬୮ ଜଣ ଚାଷୀଙ୍କ ଟୋକନ ଆସିଥିବା ଏବଂ ପର୍ଯ୍ୟାୟ କ୍ରମେ ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯିବା ସହ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହା ସହ କଟ୍‌ନୀ-ଛଟନୀ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଅନଶନରୁ ଓହରିଥିଲେ। ତେବେ କୌଣସି ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଲେ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ଆଦିବାସୀ ବହୁଳ ଓ ଦାଦନ ପ୍ରବଣ ଝାରବନ୍ଧ ବ୍ଲକରେ ଜଳସେଚନ ସୁବିଧାର ଅଭାବ ରହିଥିବା ବେଳେ ଚାଷୀମାନେ ଗଭୀର ନଳକୂପ ଉପରେ ନିର୍ଭର କରି ଚାଷ କରିଥାନ୍ତି। ରବିଧାନ ବିକ୍ରି ପାଇଁ ଟୋକନ ନ ମିଳିବାରୁ ଚାଷୀମାନେ ଅନଶନରେ ବସିଥିଲେ। ଉପଜିଲ୍ଲାପାଳଙ୍କ ଆଶ୍ୱାସନା ପରେ ଚାଷୀମହଲରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଆନ୍ଦୋଳନକାରୀମାନେ ବାଇକ୍ ଶୋଭାଯାତ୍ରାରେ ଡଭା ଗ୍ରାମ ପରିକ୍ରମା କରିବା ସହ ସାପ୍ତାହିକ ହାଟ ନିକଟସ୍ଥ ବଜରଙ୍ଗବଲୀ ମନ୍ଦିରରେ ପୂଜାର୍ଚ୍ଚନା କରି ବାଣ ଫୁଟାଇଥିଲେ ଓ ପରସ୍ପରକୁ ମିଠା ଖୁଆଇ ଖୁସି ବ୍ୟକ୍ତ କରିଥିଲେ। ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ଅଜିତ ଶତପଥୀ, ରବିଶଙ୍କର ପଧାନ ଓ ପ୍ରଭାତ ସାହୁ ଏହାକୁ ଚାଷୀଙ୍କ ବିଜୟ ବୋଲି କହିଛନ୍ତି।

# ଟିଙ୍ଗିପାଲିରେ ରଥ ନିର୍ମାଣ ଆରମ୍ଭ



**ବରଗଡ଼, ୧୩।୬(ସମିସ):** ବରଗଡ଼ ଜିଲ୍ଲା ମନପଡ଼ା ପଞ୍ଚାୟତ ଅନ୍ତର୍ଗତ ଟିଙ୍ଗିପାଲି ଗ୍ରାମରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକ ଭବ୍ୟ ୬ ଚକିଆ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କାଠଡେରା ଠାରେ ଅନୁଷ୍ଠିତ ରଥ ଯାତ୍ରାରେ ପ୍ରଥମ ଥର ପାଇଁ ଏହି ରଥ ସାମିଲ ହେବ। ଏହାକୁ ନେଇ ଟିଙ୍ଗିପାଲି ସମେତ ସମଗ୍ର ଅଞ୍ଚଳରେ ବେଶ୍ ଉତ୍ସାହ। ପ୍ରତିବର୍ଷ କାଠଡେରା ଠାରେ ଛଅଟି ରଥ ଏକତ୍ରିତ ହୋଇ ପ୍ରାୟ ଦଶ ଦିନ ଧରି ଯାତ୍ରା ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଟିଙ୍ଗିପାଲି ଗ୍ରାମର ନୂତନ ଛଅ ଚକିଆ ରଥ ଏହି ଯାତ୍ରାରେ ଯୋଗଦେବାକୁ ଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଖପାଖ ଗ୍ରାମର ଲୋକମାନେ ପ୍ରତିଦିନ ଟିଙ୍ଗିପାଲିକୁ ଆସି ନିର୍ମାଣ କାର୍ଯ୍ୟ ଦେଖିଆସୁଛନ୍ତି। ରଥ ନିର୍ମାଣର ଦାୟିତ୍ୱ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗ୍ରାମର ଅଭିଜ୍ଞ କାରିଗର ସୌକିଲାଲ ସାହୁ, ତେଜରାଜ ସାହୁ, ପଞ୍ଚମ ସାହୁ ଓ ଲକ୍ଷ୍ମଣ ସାହୁ ନେଇଛନ୍ତ। ଅନ୍ୟପକ୍ଷରେ, ଚଳିତ ବର୍ଷ ଲୁରୁପାଲି, କତାବଗା, ଲଛିଦା, ହିର୍ଲିପାଲି, ଭୁର୍ଶୀପାଲିରେ ନୂତନ ଢଙ୍ଗରେ ରଥର ଡିଜାଇନ ପ୍ରସ୍ତୁତ କରାଯାଉଥିବା ସୂଚନା ମିଳିଛି।

# ଏସ୍‌ପିଙ୍କୁ ଭେଟିଲେ ଭାରତ ନିର୍ମାଣ ସମିତି କର୍ମକର୍ତ୍ତା



**ବରଗଡ଼, ୧୩।୬(ସମିସ):** ବରଗଡ଼ ଭାରତ ନିର୍ମାଣ ସମିତିର ବରିଷ୍ଠ ନାଗରିକ ଗଣ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ପୁଲିସ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛନ୍ତି। ଅଭିନନ୍ଦନ ଜଣାଇବା ସହ ବରଗଡ଼ର ଆଇନ୍ ଶୃଙ୍ଖଳା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିଶୁ ଉଦ୍ୟାନରେ ସନ୍ଧ୍ୟାରେ ପୁଅ ଓ ଝିଅ ଅସଞ୍ଜତ ଅବସ୍ଥାରେ ବସୁଥିବା, ଜର୍ଜ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ନିଶାମଣି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଓ ଦାନିକଟା ପାର୍ଶ୍ୱରେ ସନ୍ଧ୍ୟାରେ ନିଶା ସେବନ ତଥା ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଏହାର ଉଚିତ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିଲେ। ପ୍ରାତଃ ଭ୍ରମଣ ସମୟରେ ନାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପୁଲିସ ପାଟ୍ରୋଲିଂ କଡ଼ାକଡି କରିବା ପାଇଁ ଅନୁରୋଧ କରିଥିଲେ। କାଳିମନ୍ଦିର ଓ ଭଟଲି ଛକରେ ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ। ସମିତିର ସାଧାରଣ ସମ୍ପାଦକ ଉଦ୍ଧବ ଚରଣ ବେହେରାଙ୍କ ସହ ଅବସରପ୍ରାପ୍ତ ପ୍ରଧାପକ ରବୀନ୍ଦ୍ର ପ୍ରଧାନ, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସୁବଳ କିଶୋର କର, ସୁବାସ ଚନ୍ଦ୍ର ଦାଶ, ଜୟନାରାୟଣ ମିଶ୍ର ଓ ସୁଜାତା ମାଝୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଝାରବନ୍ଧରେ କ୍ୟାରିଅର କାଉନସେଲିଂ

# ରୋଜଗାର ସୁଯୋଗ ସମ୍ପର୍କରେ ଜାଣିଲେ ୧୧୯ ଛାତ୍ରଛାତ୍ରୀ

**ଝାରବନ୍ଧ, ୧୩।୬(ସମିସ):** ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ କୌଶଳଭିତ୍ତିକ ରୋଜଗାର ଦିଗରେ ପ୍ରେରିତ କରିବା ଲକ୍ଷ୍ୟରେ ଝାରବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ), ବିଜେପୁର ପକ୍ଷରୁ ଏକ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶମ, ଦ୍ୱାଦଶ ଓ ଦ୍ୱାଦଶ ଅନୁତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୧୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜେପୁର ଆଇଟିଆଇର ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଦୁଃଖନାଶନ ଓରାମଙ୍କ ସହ ଇନ୍‌ଷ୍ଟ୍ରକ୍ଟର ଅବିନାଶ ପଧାନ ଓ ଆୟୁଷ ପଧାନ ଉପସ୍ଥିତ ରହି ବିଭିନ୍ନ ଟ୍ରେଡ୍, ପାଠ୍ୟକ୍ରମ, ନାମଲେଖା ପ୍ରକ୍ରିୟା ଏବଂ ରୋଜଗାର ସମ୍ଭାବନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ସିଡିପିଓ ସୁଷମା ପଟେଲ, ଏବିଇଓ ଦୟାନିଧି କୈବର୍ତ୍ତ, ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଦୀପଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ଓ ଅଭିଭାବକ ଯୋଗ ଦେଇଥିଲେ। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଶିକ୍ଷା ସହ କୌଶଳଭିତ୍ତିକ ତାଲିମର ଗୁରୁତ୍ୱ ବୁଝାଇଥିବାବେଳେ ଆଇଟିଆଇ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ ହେବା ଓ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।



# କେବେ ମରାମତି ହେବ ପ୍ରଧାନମନ୍ତ୍ରୀ ସଡ଼କ



**ଝାରବନ୍ଧ, ୧୩।୬(ସମିସ):** ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମପାଲି ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଆଜକୁ ୧୨ ବର୍ଷ ହେବ ଥରେ ହେଲେ ମରାମତି ହୋଇନାହିଁ। ଫଳରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହେବା ସହ ବର୍ଷା ହେଲେ କାଦୁଅ ପଚ ପଚ ହୋଇ କେଉଁ ଉପାନ୍ତ ଅଞ୍ଚଳର ଜଙ୍ଗଲ ରାସ୍ତାର ଭ୍ରମ ସୃଷ୍ଟି କରୁଛି। ପଞ୍ଚାୟତର ଚାରୋଟି ଗ୍ରାମର ଲୋକେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ବେଳେ ଛତିଶଗଡ଼ ସୀମାନ୍ତ ପଞ୍ଚାୟତ ହୋଇଥିବାରୁ ବ୍ଲକର ଅନ୍ୟ ଗ୍ରାମରୁ ଶହ ଶହ ଲୋକେ ଏହି ବାଟ ଦେଇ ଛତିଶଗଡ଼କୁ ଯାଉଛନ୍ତି। ପଞ୍ଚାୟତ ଲୋକେ ରାତି ପାହିଲେ ବ୍ୟାଙ୍କ, ଡାକ୍ତର ଖାନା, କୃଷି କେନ୍ଦ୍ର, ସ୍କୁଲ, କଲେଜ ଏହି ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ଅଳ୍ପ ବର୍ଷା ହେଲେ ଯିବା ଆସିବା କଷ୍ଟ ହେଉଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଜିଲ୍ଲାପାଳଙ୍କୁ ଜଣାଇବା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗାଁ ମଝିକୁ ଛାଡ଼ି ଅନ୍ୟପଟେ ମରାମତି ହେଉଥିବା ବେଳେ ଗାଁ ଭିତରେ ଯାଇଥିବା ରାସ୍ତାକୁ କଂକ୍ରିଟ କରାଯିବ କହି ଠକି ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପାଇକମାଳରେ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

**ପାଇକମାଳ, ୧୩।୬ (ସମିସ):** ପାଇକମାଳରେ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରାଯାଇଛି। ପାଇକମାଳ ପଞ୍ଚାୟତ ସମିତି ପରିସରରେ ଯୋଗାଣ ଅଧିକାରୀ ଦେବାଶିଷ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରପଞ୍ଚ ତୁଳାବତୀ ତାଣ୍ଡି, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, କୈଳାସ ଦିଶ୍ରୀ ପ୍ରମୁଖ ଯୋଗ ଦେଇ ଅତିରିକ୍ତ ୫ କେଜି ଚାଉଳ ଏପ୍ରିଲ ମାସରୁ ହିତାଧିକରୀମାନଙ୍କୁ ପ୍ରଦାନ କରିଥିଲେ। ଏଥିସହ ଅନ୍ନପୂର୍ଣ୍ଣା କେନ୍ଦ୍ରରେ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଭାତ, ଡାଲି, ତରକାରୀ ସହ ସନ୍ତୁଳିତ ଖାଦ୍ୟ ପରିବେଷଣ କରାଯିବ। ଏହାଦ୍ୱାରା ଦିନ ମଜୁରିଆ, ରିକ୍ସା ଚାଳକ, ବୃଦ୍ଧ ଓ ଅନ୍ୟାନ୍ୟ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକମାନେ କମ ଖର୍ଚ୍ଚରେ ପୌଷ୍ଟିକ ଖାଦ୍ୟ ପାଇପାରିବେ। ସ୍ଥାନୀୟ ଅଞ୍ଚଳବାସୀ ଏହି ଯୋଜନାକୁ ସ୍ୱାଗତ କରିଥିବା ବେଳେ ଏହାର ସଫଳ ରୂପାୟନ ପାଇଁ ନିୟମିତ ତଦାରଖ ଓ ଉନ୍ନତ ମାନର ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

# ସୋମନାଥ ସ୍ୱାଭିମାନ ଯାତ୍ରା ଅଭିମୁଖେ ତୀର୍ଥଯାତ୍ରୀ

**ବରଗଡ଼, ୧୩।୬(ସମିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ସୋମନାଥ ସ୍ୱାଭିମାନ ଯାତ୍ରାରେ ଯୋଗଦେବା ପାଇଁ ବରଗଡ଼ ଜିଲ୍ଲାର ୫୭ ଜଣ ତୀର୍ଥଯାତ୍ରୀ ଯାତ୍ରା ଆରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରୀ ମାନେ ପ୍ରଥମେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା ଯାତ୍ରୀଙ୍କ ସହ ଜୁନ୍ ୧୫ରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବା ସହ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟର ସୋମନାଥ ଅଭିମୁଖେ ଯାତ୍ରା କରିବେ। ବରଗଡ଼ ଜିଲ୍ଲାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କୁ ବିଦାୟ ଜଣାଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ସଂସ୍କୃତି ବିଭାଗର କନିଷ୍ଠ ସହାୟକ ତଥା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଆଲୋକ ଗାରିଆ, ଜିଲ୍ଲା ସଂଯୋଜକ ତାରକଚାନ୍ଦ କାନ୍ତ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




# ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ୍‌ରେ ଖାଦ୍ୟ ମହୋତ୍ସବ



**ପଦ୍ମପୁର, ୧୩।୬ (ସମିସ):** ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଖାଦ୍ୟ ମହୋତ୍ସବ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରଭାତ ମହାପାତ୍ର ଯୋଗଦେଇ ସମାରୋହର ଉଦ୍‌ଘାଟନ କରିଥିଲେ। ସ୍କୁଲର ସଭାପତି ଶ୍ରୀକାନ୍ତ ମିଶ୍ର, ଅଧ୍ୟକ୍ଷା ଅପାଲି ଅପରାଜିତା ଦାଶ, ଉପାଧ୍ୟକ୍ଷା ନିବେଦିତା ଦାସ, ଖୁଣ୍ଟପାଲି ମୁଖ୍ୟ ଜେନିସ ତିୱାରୀ, ମାର୍କେଟିଂ ଏବଂ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତ ଦାଶ, ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଖାଦ୍ୟ ମହୋତ୍ସବରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ହାତପରସା ଏବଂ ସୁସ୍ୱାଦୁ ବ୍ୟଞ୍ଜନ ଖାଦ୍ୟ ମହୋତ୍ସବର ମହତ୍ତ୍ୱକୁ ଆହୁରି ବଢ଼ାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ଯୋଗ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ଏବଂ ସାମାଜିକ ଗଣ ମାଧ୍ୟମର ପ୍ରତିନିଧିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ସ୍କୁଲର ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚୋରା ଚାଲାଣ ବେଳେ ଧରାପଡ଼ିଲା ଗଞ୍ଜେଇ ଭର୍ତ୍ତି କାର୍

**ବରଗଡ଼, ୧୩।୬(ସମିସ)**

ବରଗଡ଼ ଗ୍ରାମାଞ୍ଚଳ ଥାନା ପୁଲିସ ୧୩୧ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ଏକ କଳା ରଙ୍ଗର କାରରେ ବିପୁଳ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏହା ପରେ ବରଗଡ଼ ଏସପି ରବୀନ୍ଦ୍ର ନାଥ ଶତପଥୀ ଓ ଏସ୍‌ଡିପିଓ ପଦାର ବିନ୍ଦ୍ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ଜାତୀୟ ରାଜପଥରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଓଡି-୨୩-ଏମ-୦୦୮୮ ନମ୍ବର ବିଶିଷ୍ଟ ଏକ କଳା ରଙ୍ଗର କାର୍‌କୁ ଅଟକାଇ ତଲାସି କରାଯାଇଥିଲା। ତଲାସି ବେଳେ କାର୍ ଭିତରୁ ୧୩୮ଟି ପ୍ୟାକେଟରେ ରଖାଯାଇଥିବା ୧୩୧ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇକୁ ଝାଡ଼ଖଣ୍ଡ ରାଜ୍ୟକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲା ଅଞ୍ଚଳର ମନୋଜ ଦିବାକର ଯାଦବ (୨୯) ଏବଂ ରୌଶନ କୁମାର ସିଂହ (୩୦)ଙ୍କୁ ପୁଲିସ ଗିରଫ କରିଛି। ଗଞ୍ଜେଇ ସହ ପୁଲିସ ଚୋରା ଚାଲାଣରେ ବ୍ୟବହୃତ କାର, ୩ଟି ଭିନ୍ନ ନମ୍ବରପ୍ଲେଟ, ଦୁଇଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ, ନଗଦ ଟଙ୍କା, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟପତ୍ର ଓ ଏଟିଏମ୍ କାର୍ଡ ମଧ୍ୟ ଜବତ କରିଛି। ଏହି ସଫଳ ଚଢ଼ାଉ ମାଧ୍ୟମରେ ଏକ ବଡ଼ ଗଞ୍ଜେଇ ଚୋରା ଚାଲାଣ ରାକେଟ୍‌କୁ ପୋଲିସ ଧରିବାରେ ସକ୍ଷମ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପୋଲିସ ଏହି ଚୋରା ଚାଲାଣ ଚକ୍ରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ଖୋଳତାଡ଼ କରୁଛି।





ଝାରବନ୍ଧ/ପଦ୍ମପୁର: ବରଗଡ଼ ଜିଲ୍ଲାର ଜଗଦଲପୁର ଥାନା ପୁଲିସ ଏକ ବଡ଼ ଗଞ୍ଜେଇ ଚାଲାଣ ଘଟଣାର ପର୍ଦ୍ଦାଫାସ କରି ୨୪ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଏକ କାର୍, ୩ଟି ମୋବାଇଲ ଫୋନ୍ ଓ ନଗଦ ୫ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ଏକ ଲାଲ ରଙ୍ଗର କାର୍‌ରେ ବରପାଲି ପଟରୁ ଛତିଶଗଡ଼ ଦିଗକୁ ବିକ୍ରି ଉଦ୍ଦେଶ୍ୟରେ ଗଞ୍ଜେଇ ଚାଲାଣ ହେଉଛି। ସୂଚନା ପାଇବା ପରେ ପୁଲିସ ଟିମ୍ ସ୍ଥାନୀୟ ସାକ୍ଷୀ ଏବଂ ମାଜିଷ୍ଟ୍ରେଟ ଗାଇସିଲେଟ ଅତିରିକ୍ତ ତହସିଲଦାର ଦେବାଶିଷ ମିଶ୍ରଙ୍କ ଉପସ୍ଥିତିରେ ଅଙ୍ଗ ନଦୀ ନିକଟ

## ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ଛକ ଅଞ୍ଚଳରେ ଗାଡ଼ିକୁ ଅଟକାଇ ତଲାସି କରିଥିଲେ। ତଲାସି ବେଳେ କାର୍ ଭିତରୁ ୨୪ଟି ପ୍ୟାକେଟରେ ରଖାଯାଇଥିବା ମୋଟ ୨୪ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଛତିଶଗଡ଼ ରାଜ୍ୟର ସୀତାରାମ ନିଷାଦ (୩୯), ନୀଳାଧରା ସାହୁ (୪୫) ଓ ବିନେଶ ସାହୁ (୨୫)ଙ୍କୁ ଗିରଫ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ଗଞ୍ଜେଇ ସହ ଏକ କାର୍, ୩ଟି ମୋବାଇଲ ଫୋନ ଏବଂ ନଗଦ ୫, ୦୦୦ ଟଙ୍କା ରହିଛି। ଏହି ଘଟଣାରେ ଜଗଦଲପୁର ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଅସରାଏ ବର୍ଷାରେ ଜମୁଛି ପାଣି



**ପାଇକମାଳ, ୧୩।୬(ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ବସ୍‌ଷ୍ଟାଣ୍ଡ ନିକଟରେ ଗାଁ ପଟକୁ ଯାଇଥିବା ପ୍ରମୁଖ ରାସ୍ତାରେ ଅସରାଏ ବର୍ଷା ହେଲେ ପାଣି ଜମୁଛି। ଫଳରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ମାଣ୍ଡୋସିଲ ବସଷ୍ଟାଣ୍ଡରୁ ଗାଁକୁ ସଂଯୋଗ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଯାତାୟତ କରନ୍ତି। ମାତ୍ର ଅସରାଏ ବର୍ଷା ହେଲେ ରାସ୍ତାର ନିମ୍ନାଞ୍ଚଳରେ ପାଣି ଜମି ରରହିବା ସହ ଯାତାୟାତରେ ସମସ୍ୟା ହୋଇଥାଏ। ଏପରି ପାଣି ଜମି ଦିନକୁ ଦିନ ରାସ୍ତା ଅଧିକ ଖରାପ ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଏପରି ହେଉଛି। ରଜ ପରେ ସ୍କୁଲ ଓ କଲେଜ ଖୋଲିବାକୁ ଯାଉଥିବାରୁ ବର୍ଷା ଋତୁରେ ଏହି ସମସ୍ୟା ଆହୁରି ଗୁରୁତର ହେବ। ତେଣୁ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ମରାମତି ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଏସଡିଓ ଚିନ୍ମୟ ସାହୁଙ୍କୁ ଅବଗତ କରାଯିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୧୨ ● ପାଉଣ୍ଡ ୧୨୭.୮୯
- ୟୁରୋ ୧୧୦.୩୪ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୬,୬୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୫୨୭.୦୦
- ନିଫ୍ଟି ୨୩,୬୨୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ୮ମ ବେତନ ଆୟୋଗ ସନ୍ଦର୍ଭ ସର୍ତ୍ତାବଳୀକୁ ମଞ୍ଜୁରୀ




**କମିଶନଙ୍କୁ ସୁପାରିଶ ଦାଖଲ ପାଇଁ ୧୮ ମାସ ସମୟ**

**ଉପକୃତ ହେବେ ୧୨.୪ ନିୟୁତ କର୍ମଚାରୀ, ପେନସନଭୋଗୀ**

**ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** କେନ୍ଦ୍ର ସରକାର ୨୦୨୫ ଅକ୍ଟୋବରରେ ୮ମ ବେତନ ଆୟୋଗ ପାଇଁ ସନ୍ଦର୍ଭର ସର୍ତ୍ତାବଳୀ ବା ଟର୍ମ୍ସ ଅଫ୍ ରେଫରେନ୍ସ (ଟିଓଆର)କୁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ପ୍ରାୟ ୫.୫ ନିୟୁତ କାର୍ଯ୍ୟରତ କର୍ମଚାରୀ ଏବଂ ୬.୯ ନିୟୁତ ପେନସନଭୋଗୀଙ୍କ ଦରମା, ପେନସନ ଏବଂ ଭତ୍ତାରେ ବଡ଼ ପରିବର୍ତ୍ତନ ଆଣିବା ଆଶା କରାଯାଉଛି। ଆୟୋଗଙ୍କୁ ତାଙ୍କର ସୁପାରିଶ ଦାଖଲ କରିବା ପାଇଁ ୧୮ ମାସ ସମୟ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, କେନ୍ଦ୍ରୀୟ ବେତନ ଆୟୋଗ କିଛି ସଂଗଠନର ପରାମର୍ଶ ଗ୍ରହଣ କରିଛନ୍ତି।

କେନ୍ଦ୍ରୀୟ କର୍ମଚାରୀ ସଂଗଠନଗୁଡ଼ିକ ଫିଟମେଣ୍ଟ ଫ୍ୟାକ୍ଟରରେ ବୃଦ୍ଧି ଏବଂ ସର୍ବନିମ୍ନ ବେସିକ୍ ପେ' ବଢ଼ାଇବାକୁ ଦାବି କରୁଛନ୍ତି। ଯଦି ସରକାର ବର୍ତ୍ତମାନର ଫିଟ୍‌ମେଣ୍ଟ ଫ୍ୟାକ୍ଟରକୁ ୨.୫୭ରୁ ୩.୦କୁ ବୃଦ୍ଧି କରନ୍ତି, ତେବେ କର୍ମଚାରୀଙ୍କ ମୌଳିକ ଦରମାରେ ବଡ଼ ପରିବର୍ତ୍ତନ ଆସିବ। ଏହି ସ୍ଥିତିରେ ପ୍ରାରମ୍ଭିକ ମୂଳ ଦରମା ୧୫,୦୦୦ ଟଙ୍କାରୁ ସିଧାସଳଖ ୪୫,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇଯାଇପାରେ। ୭ମ ବେତନ ଆୟୋଗ ଅଧୀନରେ ୨.୫୭ର ଏକ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରାଯାଇଥିଲା, ଯାହା ୨୦୧୬ରେ କାର୍ଯ୍ୟକାରୀ ହୋଇଥିଲା। ଏହା ଅଧୀନରେ, ଜଣେ କର୍ମଚାରୀଙ୍କ ମୂଳ ଦରମା ୧୫,୦୦୦ରୁ ୩୮,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ବର୍ତ୍ତମାନ, ୮ମ ସିପିସି ରାଜ୍ୟ ଗସ୍ତ କରୁଛନ୍ତି। କର୍ମଚାରୀ ସଂଘ ଏବଂ ୟୁନିଅନମାନଙ୍କ ସହିତ ବୈଠକ କରୁଛି ଏବଂ ସେମାନଙ୍କର ଦାବି ଏବଂ ପ୍ରସ୍ତାବଗୁଡ଼ିକର ନୋଟ୍ ଏବଂ ସ୍ମାରକପତ୍ର ପ୍ରସ୍ତୁତ କରୁଛି। ୟୁନିଅନଗୁଡ଼ିକ ଉଚ୍ଚ ଦରମା ବୃଦ୍ଧି ଏବଂ ଅବସରକାଳୀନ ଲାଭରେ ପରିବର୍ତ୍ତନ ଦାବି କରିଛନ୍ତି।

୮ମ ବେତନ ଆୟୋଗକୁ ଚଳିତବର୍ଷ ଜାନୁଆରୀ ପହିଲାରୁ ଲାଗୁ ହୋଇଥିବା ଧରାଯାଇଛି। କିନ୍ତୁ ଆୟୋଗର କାର୍ଯ୍ୟ ଶେଷ ହେବାକୁ ଆହୁରି ସମୟ ଲାଗିବ। ଆୟୋଗ ନିଜର ପ୍ରସ୍ତାବପତ୍ର ଦାଖଲ କରିବାର ଶେଷ ତାରିଖକୁ ୧୫ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଆୟୋଗର ଏକ ଟିମ୍ ବିଭିନ୍ନ ରାଜ୍ୟ ଗସ୍ତ କରି କର୍ମଚାରୀ ସଂଗଠନଗୁଡ଼ିକ ସହ ଆଲୋଚନା କରୁଛନ୍ତି। ଚୂଡ଼ାନ୍ତ ଦରମା ବୃଦ୍ଧି ମୁଖ୍ୟତଃ କମିଶନ ଦ୍ୱାରା ସୁପାରିଶ କରାଯାଇଥିବା ଏବଂ ସରକାରଙ୍କ ଦ୍ୱାରା ଅନୁମୋଦିତ ଫିଟମେଣ୍ଟ ଫ୍ୟାକ୍ଟର ଉପରେ ନିର୍ଭର କରିବ। ଉଦାହରଣ ସ୍ୱରୂପ,୧୦୦ ଟଙ୍କା ଦରମା ଥିବା ଜଣେ କର୍ମଚାରୀ ଯାହା ବର୍ତ୍ତମାନ୧୬୦ଟଙ୍କା ପାଉଛନ୍ତି ଏବଂ ୬୦% ମହଙ୍ଗା ଭତ୍ତା ଯୋଡ଼ିବା ପରେ ସେମାନଙ୍କର ଦରମା ସଂଶୋଧିତ ଫିଟମେଣ୍ଟ ଫ୍ୟାକ୍ଟର ସହିତ ଦୁଇଗୁଣ ୨୦୦ ଟଙ୍କା ହୋଇଯିବ। ଏହି କ୍ଷେତ୍ରରେ, ବର୍ତ୍ତମାନର ୧୬୦ଟଙ୍କା ତୁଳନାରେ ପ୍ରଭାବଶାଳୀ ବୃଦ୍ଧି ପ୍ରାୟ ୨୫ ପ୍ରତିଶତ ହେବ। ତେବେ ଯଦି ଆୟୋଗ ତାଙ୍କର ଚୂଡ଼ାନ୍ତ ରିପୋର୍ଟ ଦେବାରେ ବିଳମ୍ବ କରନ୍ତି, ତେବେ କର୍ମଚାରୀମାନେ ନିରାଶ ହେବାର ଆବଶ୍ୟକ ନାହିଁ। ସୁପାରିଶ ଗ୍ରହଣ ହେବା ପରେ ସରକାର କର୍ମଚାରୀମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସମୟର ସମ୍ପୂର୍ଣ୍ଣ ବକେୟା ପ୍ରଦାନ କରିବେ।

## ଗୋଟିଏ ଚୁମ୍ବନରେ ୨୮ ହଜାର କୋଟି ହରାଇଲେ ବିଲିୟନେୟାର

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଚୀନର ଜଣେ କୋଟିପତି ବ୍ୟବସାୟୀଙ୍କ କିସ୍ ଭିଡିଓ ଭାଇରାଲ୍ ହେବା ପରେ ତାଙ୍କ କମ୍ପାନୀ ବଡ଼ କ୍ଷତି ସହିଛି। ଜଣେ ମହିଳାଙ୍କୁ ଲିଫ୍ଟ ଭିତରେ ଚୁମ୍ବନ ଦେଉଥିବାର ଭିଡିଓ ଭାଇରାଲ ହେବା ପରେ ବ୍ୟବସାୟୀଙ୍କ ବଡ଼ ବ୍ୟବସାୟିକ ସାମ୍ରାଜ୍ୟକୁ ଶକ୍ତ ଧକ୍କା ଲାଗିଛି। ମାତ୍ର କେଇ ଘଣ୍ଟା ମଧ୍ୟରେ କମ୍ପାନୀର ବଜାର ମୂଲ୍ୟରୁ ପ୍ରାୟ ୨୦ ବିଲିୟନ ୟୁଆନ୍ (ପ୍ରାୟ ୨୮ ହଜାର କୋଟି ଟଙ୍କା ) ଉଡ଼ିଯାଇଛି। 'ଲିଆନ୍ହେ ଜାଓବାଓ'ର ରିପୋର୍ଟ ଅନୁଯାୟୀ, ଏହି ବିବାଦର କେନ୍ଦ୍ରବିନ୍ଦୁ ସାଜିଛନ୍ତି ବିଲିୟନେୟାର ଚେନ୍ ତାଓ। ସେ ହେଉଛନ୍ତି ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ (ପିସିବି) ପ୍ରସ୍ତୁତ କରୁଥିବା ଚୀନର ପ୍ରମୁଖ କମ୍ପାନୀ 'ଭିକ୍ଟ୍ରି ଜାଏଣ୍ଟ ଟେକ୍ନୋଲୋଜି'ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍। ଏହି କମ୍ପାନୀ ବିଶ୍ୱର ପ୍ରସିଦ୍ଧ ଏଆଇ ଚିପ୍ ନିର୍ମାତା 'ଏନଭିଡିଆ'କୁ ପିସିବି ଯୋଗାଉଥିବା ଏକ ପ୍ରମୁଖ ଯୋଗାଣକାରୀ।

ଜୁନ୍ ୬ରେ ଚୀନର ସୋସିଆଲ ମିଡିଆ ଆପ୍ 'ଡୋୟିନ୍'ର ଜଣେ ବ୍ୟବହାରକାରୀ 'ଜେନଜେନ୍ ଜେନିସ୍' କିଛି ପୋଷ୍ଟ ସେୟାର କରିଥିଲେ। ଏଥିରେ ବ୍ୟକ୍ତିଗତ ଚାଟ୍‌ର ସ୍କ୍ରିନସଟ୍ ସହିତ ଏକ ସନ୍ଦେହଜନକ ଭିଡିଓ ଥିଲା। ଯେଉଁଥିରେ ଚେନ୍ ତାଓ ଏବଂ ଜଣେ ମହିଳା ଲିଫ୍ଟ ଭିତରେ ପରସ୍ପରର ହାତ ଧରିବା ସହ ଚୁମ୍ବନ ଦେଉଥିବାର ଦେଖିବାକୁ ମିଳିଥିଲା। ୫୪ ବର୍ଷୀୟ ବିବାହିତ ବିଲେନିୟର ଚେନ୍‌ଙ୍କ ସହ ମହିଳାଙ୍କର ପ୍ରେମ ସମ୍ପର୍କ ରହିଛି ବୋଲି ପୋଷ୍ଟରେ ଦାବି ହୋଇଥିଲା। ଏହି ଆପତ୍ତିଜନକ ଭିଡିଓ ଏବଂ ସ୍କ୍ରିନସଟ୍ ଚୀନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନେଟିଜେନ୍ସ ମଧ୍ୟରେ ଏହାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଥିଲା। ଶେଙ୍ଘଙ୍ଗ ଟେକ୍ନୋଲୋଜିର ଚେୟାରମ୍ୟାନଙ୍କ ଏହି ବ୍ୟକ୍ତିଗତ ବିବାଦର ପ୍ରଭାବ ସିଧାସଳଖ କମ୍ପାନୀର ଶେୟାର ଉପରେ ଦେଖିବାକୁ ମିଳିଥିଲା। ହଂକଂ ଶେୟାର ବଜାରରେ ତାଲିକାଭୁକ୍ତ କମ୍ପାନୀର ଅଂଶଧନ ମଧ୍ୟ ଚାପରେ ରହିଥିଲା।

**କ୍ରମାଗତ ମୂଲ୍ୟ ବୃଦ୍ଧିର ପ୍ରଭାବ**

## ମୋବାଇଲ ବିକ୍ରିରେ ୩୫% ହ୍ରାସ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଦେଶରେ ମେ' ମାସରେ ମୋବାଇଲ୍ ଫୋନ୍ ବିକ୍ରି ବାର୍ଷିକ ଭିତ୍ତିରେ ରେକର୍ଡ ୩୦-୩୫ ପ୍ରତିଶତ ହ୍ରାସ ପାଇଛି। କାରଣ କମ୍ପାନୀଗୁଡ଼ିକ ୨୦୨୫ ନଭେମ୍ବରଠାରୁ ପ୍ରତି ମାସରେ ମୂଲ୍ୟ ବୃଦ୍ଧି କରି ମେମୋରୀ ଚିପ୍ ଖର୍ଚ୍ଚ ବଢ଼ାଉଛନ୍ତି। ବର୍ତ୍ତମାନ, ଅଫ୍‌ଲାଇନ୍ ବିକ୍ରି ମୋଟ ବିକ୍ରିର ୬୦ ପ୍ରତିଶତ, ଅବଶିଷ୍ଟ ଅଂଶ ଅନ୍‌ଲାଇନ୍ ବିକ୍ରିରୁ ଆସୁଛି। ସାମଗ୍ରିକ ଭାବରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଉଭୟରେ ବିକ୍ରି ଉଲ୍ଲେଖନୀୟ ଭାବେ ପାଇଛି।

କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ମେ' ମାସରେ ଆମଦାନୀରେ ୧୫-୨୦ ପ୍ରତିଶତ ହ୍ରାସ ଘଟିଛି। ଜୁନ୍‌ରେ ମଧ୍ୟ ସମାନ ହ୍ରାସ ଆଶଙ୍କା କରାଯାଉଛି। ୨୦୨୬ର ପ୍ରଥମ ତ୍ରୈମାସିକ ଅର୍ଥାତ୍ ମାର୍ଚ୍ଚରେ ମୋବାଇଲ୍ ଫୋନ୍ ରପ୍ତାନି ୩ ପ୍ରତିଶତ ହ୍ରାସ ପାଇଛି। ତଥାପି, ଦ୍ୱିତୀୟ ତ୍ରୈମାସିକରେ ଏହା ୧୫ ପ୍ରତିଶତରୁ ଅଧିକ ହ୍ରାସ ଆଶାଙ୍କା କରାଯାଉଛି। ଏହା ମୁଖ୍ୟତଃ ନିରନ୍ତର ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି। କାଉଣ୍ଟରପଏଣ୍ଟ ଅନୁଯାୟୀ, ଜାନୁଆରୀରୁ ମେ' ମାସ

**ପ୍ରତି ମାସରେ ବଢ଼ୁଛି ସ୍ମାର୍ଟଫୋନ୍ ମୂଲ୍ୟ**

**କମୁଛି ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବିକ୍ରି**

ମଧ୍ୟରେ ସ୍ମାର୍ଟଫୋନର ହାରାହାରି ମୂଲ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇଛି। ରିଟେଲ୍ ବ୍ୟବସାୟୀମାନେ କହିଛନ୍ତି ଯେ ମୂଲ୍ୟ ବୃଦ୍ଧି ପରଠାରୁ ସାମଗ୍ରିକ ପ୍ରଭାବ କିଛି କ୍ଷେତ୍ରରେ ୪୦-୪୫% ପ୍ରତିଶତ ପର୍ଯ୍ୟନ୍ତ ରହିଛି। ଅଲ୍ ଇଣ୍ଡିଆ ମୋବାଇଲ୍ ରିଟେଲର୍ସ ଆସୋସିଏସନ୍, ଯାହାର ୧,୫୦,୦୦୦ରୁ ଅଧିକ ମୋବାଇଲ୍ ରିଟେଲର୍ ସଦସ୍ୟ ଅଛନ୍ତି ତାହାର ପ୍ରତିଷ୍ଠାତା ଅଧ୍ୟକ୍ଷ କୈଳାସ ଲଖାନୀ କହିଛନ୍ତି, ଖୁଚୁରା ବ୍ୟବସାୟୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମେ' ମାସରେ ବିକ୍ରି ପରିମାଣ ୩୦-୩୫ ପ୍ରତିଶତ ହ୍ରାସ ପାଇଛି। ଏହି ଧାରା ଜୁନ୍ ମାସରେ ଜାରି ରହିଛି କାରଣ ଏହି ମାସରେ ଅନେକ କମ୍ପାନୀ ପୁଣି ମୂଲ୍ୟ ବୃଦ୍ଧି କରିଛନ୍ତି। ଏହା ଚିନ୍ତାର ବିଷୟ, ବିଶେଷକରି ଅନେକ ଫୋନ୍ କମ୍ପାନୀ ଏବେ ମୂଲ୍ୟ ବୃଦ୍ଧିର ପ୍ରଭାବକୁ ହ୍ରାସ କରିବା ପାଇଁ ଖୁଚୁରା ବ୍ୟବସାୟୀଙ୍କ ମାର୍ଜିନ୍ ୧-୨ ପ୍ରତିଶତ ହ୍ରାସ କରୁଛନ୍ତି। ମଡେଲ୍ ଏବଂ ମୂଲ୍ୟ ଉପରେ ନିର୍ଭର କରି ଖୁଚୁରା ବ୍ୟବସାୟୀମାନେ ୬-୭ ପ୍ରତିଶତ ମାର୍ଜିନ୍ ଅର୍ଜନ କରନ୍ତି। ଲଖାନି ବ୍ୟାଖ୍ୟା କରିଛନ୍ତି ଯେ, ଉଦାହରଣ ସ୍ୱରୂପ, ସାମସଙ୍ଗ ଜୁନ୍ ମାସରେ ଏହାର କିଛି ଲୋକପ୍ରିୟ ମଡେଲ୍ ଉପରେ ୩.୫ ରୁ ୫.୫ ପ୍ରତିଶତ ମୂଲ୍ୟ ବୃଦ୍ଧି କରିଥିଲା।

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

## ସଙ୍କଟରେ ବୈଦେଶିକ ମୁଦ୍ରା ଭଣ୍ଡାର



**ମୁମ୍ବଇ,୧୩।୬(ଏଜେନ୍ସି):** ମଧ୍ୟ ପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡିଛି। ଆମଦାନୀ ବିଲ୍ ବଢୁଥିବା ଯୋଗୁ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ହେବାରେ ଲାଗିଛି। ଯାହା ଫଳରେ ଚଳତ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ପୁନର୍ବାର ହ୍ରାସ ପାଇଛି। ଗତ ସପ୍ତାହରେ ଏଥିରେ ୭୧୧ ନିୟୁତ ଡଲାର ହ୍ରାସ ଘଟିଥିଲା। ହେଲେ ପୂର୍ବ ସପ୍ତାହରେ ଏହା ୯୩୮ ନିୟୁତ ଡଲାର ବୃଦ୍ଧି ପାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁନ୍ ୫ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୬୮୧.୬୧ ବିଲିୟନ ଡଲାରକୁ ଖସିଆସିଛି। ଫଳରେ ସଙ୍କଟରେ ଏବେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର।

ବର୍ତ୍ତମାନ ବୈଦେଶିକ ମୁଦ୍ରା ଭଣ୍ଡାର ୬୮୧.୬୧୦ ବିଲିୟନ ଡଲାରକୁ ହ୍ରାସ ପାଇଛି। ପୂର୍ବରୁ, ଫେବୃଆରୀ ୨୭ରେ ଏହା ସର୍ବକାଳୀନ ୭୨୮.୪୯୪ ବିଲିୟନ ଡଲାର ସ୍ତରରେ ରହିଥିଲା। ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଜୁନ୍ ୫ ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ସମ୍ପତ୍ତି (ଏଫ୍‌ସିଏ) ୨.୭୦୪ ବିଲିୟନ ଡଲାର ହ୍ରାସ ପାଇଛି। ଗୋଟିଏ ସପ୍ତାହ ପୂର୍ବରୁ ଏହା ୩.୧୧୬ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ଏହାର ଏଫ୍‌ସିଏ ଭଣ୍ଡାର ବର୍ତ୍ତମାନ ୫୪୩.୪୪୪ ବିଲିୟନ ଡଲାରକୁ ହ୍ରାସ ପାଇଛି। ଉଲ୍ଲେଖନୀୟ ଯେ ବିଦେଶୀ ମୁଦ୍ରା ସମ୍ପତ୍ତି ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଡଲାରରେ ହିସାବ କଲେ ବିଦେଶୀ ମୁଦ୍ରା ସମ୍ପତ୍ତିରେ ୟୁରୋ, ପାଉଣ୍ଡ ଏବଂ ୟେନ୍ ଭଳି ଅଣ-ଆମେରିକୀୟ ମୁଦ୍ରାରେ ହ୍ରାସର ପ୍ରଭାବ ମଧ୍ୟ ଅନ୍ତର୍ଭୁକ୍ତ।

ତେବେ ଏହି ସମୟରେ ଭାରତର ସୁନା ଭଣ୍ଡାରକୁ ନେଇ ଆଶ୍ୱସ୍ତି ଭରା ଖବର ଆସିଛି। ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୧.୯୭୫ ବିଲିୟନ ଡଲାର ବୃଦ୍ଧି ଘଟିଛି। ଗୋଟିଏ ସପ୍ତାହ ପୂର୍ବରୁ, ଏହା ୨.୧୮୬ ବିଲିୟନ ଡଲାର ହ୍ରାସ ପାଇଥିଲା। ଫଳରେ ବର୍ତ୍ତମାନ ଦେଶର ସୁନା ଭଣ୍ଡାରର ମୂଲ୍ୟ ବର୍ତ୍ତମାନ ୧୧୪.୫୭୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏଠାରେ ଉଲ୍ଲେଖନୀୟ ଯେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଆର୍‌ବିଆଇ ପାଖରେ ୮୮୦.୫୨ ଟନ୍ ସୁନା ଗଚ୍ଛିତ ଥିଲା।

## ଏଆଇ+ ସ୍ମାର୍ଟଫୋନର ଓପନ୍ ଟ୍ରାଏଲ୍



**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଏଆଇ+ ସ୍ମାର୍ଟଫୋନ ଏହାର ନୂତନ ନୋଭା୨ ନିଓ ଓ ନୋଭା୨ ପ୍ରୋ ସ୍ମାର୍ଟଫୋନକୁ ବିକ୍ରି ପୂର୍ବରୁ ଭାରତବ୍ୟାପୀ ସମୀକ୍ଷକ, କ୍ରିଏଟର, ସାମ୍ବାଦିକ ଓ ଟେକ୍ନୋଲୋଜି କମ୍ୟୁନିଟିର ସଦସ୍ୟଙ୍କ ନିକଟକୁ ପଠାଇବ। ଏଆଇ+ ସ୍ମାର୍ଟଫୋନ ପ୍ରଥମ ଥର ପାଇଁ କିଛି ଅଲଗା ଚୟନ କରିଛି, ଏକ କ୍ୟାମ୍ପେନ ପୂର୍ବରୁ ଆଲୋଚନା, ବିକ୍ରି ପୂର୍ବରୁ ମତାମତ ଓ ମାର୍କେଟିଂ ପୂର୍ବରୁ ଉପଭୋକ୍ତାଙ୍କୁ ଚୟନ କରିଛି। ସମୀକ୍ଷକମାନେ ଏଆଇ+ ସ୍ମାର୍ଟଫୋନର ଡିଭାଇସଗୁଡିକୁ ପାଇବାର ୭ ଦିନ ମଧ୍ୟରେ ଏହା ଉପରେ ନିଜର ମତ ପ୍ରକାଶ କରିବା ପାଇଁ ମୁକ୍ତ ରହିବେ। ବ୍ରାଣ୍ଡ ସ୍ୱଚ୍ଛତା ଓ ନିରନ୍ତର ସୁଧାର ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ଭାବେ ସକାରାତ୍ମକ ଓ ସମାଲୋଚନାମୂଳକ ମତାମତଗୁଡିକୁ ସ୍ୱାଗତ କରିବ। ରିଭ୍ୟୁ ବା ସମୀକ୍ଷାଗୁଡିକ ବ୍ରାଣ୍ଡର ୱେବସାଇଟରେ ରିଅଲଟାଇମରେ ଉପଲବ୍ଧ ହେବ ଯାହାକୁ ସମସ୍ତେ ଦେଖିପାରିବେ। ଏସମ୍ପର୍କରେ ଏଆଇ+ ସ୍ମାର୍ଟଫୋନର ସିଇଓ ଏବଂ ନେକ୍ସଟକ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି, ସାଧାରଣତଃ ପ୍ରଡକ୍ଟ ଲଞ୍ଚଗୁଡିକୁ ସତର୍କତାର ସହ ନିୟନ୍ତ୍ରିତ କାହାଣୀ ସହ ଜଡିତ କରାଯାଉଥିବାବେଳେ, ଏଆଇ+ କିନ୍ତୁ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି, କମ୍ପାନୀ ଲଂଚ୍-ଡେ ମାର୍କେଟିଂ ପୂର୍ବରୁ ଉପଭୋକ୍ତାଙ୍କ ଆଗ୍ରହକୁ ଗୁରୁତ୍ୱ ଦେଇଛି। କମ୍ପାନୀ ଉପଭୋକ୍ତାଙ୍କ ଲାଭ ପାଇଁ ନିରପେକ୍ଷ ମତାମତ ଚାହୁଁଛି।

**ଟାଟା ଆଇଫୋନ୍-ଯନ୍ତ୍ରାଂଶ କାରଖାନା ବିରୁଦ୍ଧରେ ପ୍ରଦୂଷଣ ଅଭିଯୋଗ**

## ପ୍ଲାଣ୍ଟ ବନ୍ଦ କରିବାକୁ ତାମିଲନାଡୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଧମକ




**ଚେନ୍ନଇ,୧୩।୬(ଏଜେନ୍ସି):** ତାମିଲନାଡୁର ଟାଟା ଆଇଫୋନ୍-ଯନ୍ତ୍ରାଂଶ କାରଖାନା ବିରୁଦ୍ଧରେ ବଡ଼ ପ୍ରଦୂଷଣ ଅଭିଯୋଗ ଆସିଛି। ତାମିଲନାଡୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଭିଯୋଗ କରିଛି ଯେ ଟାଟା ଇଲେକ୍ଟ୍ରୋନିକ୍ସର ଆଇଫୋନ୍ ଯନ୍ତ୍ରାଂଶ କାରଖାନାର ବର୍ଜ୍ୟଜଳ ନିକଟସ୍ଥ କ୍ଷେତରେ ଭୂତଳ ଜଳକୁ ଦୂଷିତ କରିଛି। ନିୟାମକ କମ୍ପାନୀକୁ ଚେତାବନୀ ଦେଇଛି ଯେ ଯଦି ଏ ନେଇ ସନ୍ତୋଷଜନକ ଉତ୍ତର ନ ମିଳେ, ତେବେ କାରଖାନାକୁ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରି ଏହାକୁ ବଳପୂର୍ବକ ବନ୍ଦ କରିଦିଆଯିବ। ତାମିଲନାଡୁର ହୋସୁରରେ ଅବସ୍ଥିତ ଏହି ଟାଟା ଇଲେକ୍ଟ୍ରୋନିକ୍ସ ପ୍ଲାଣ୍ଟ ଆଇଫୋନ୍ ବ୍ୟାକ୍ ପ୍ୟାନେଲ୍ ଏବଂ ଅନ୍ୟାନ୍ୟ ଅଂଶ ଉତ୍ପାଦନ କରେ। ପ୍ଲାଣ୍ଟ ନିକଟରେ ଥିବା କୃଷି ଜମିର ମାଲିକମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅଭିଯୋଗ କରିଥିଲେ ଯେ କାରଖାନାର ବର୍ଜ୍ୟଜଳ ସେମାନଙ୍କ କ୍ଷେତ ଏବଂ ଖୋଲା କୂଅକୁ ପ୍ରଦୂଷିତ କରୁଛି। ଏହି ଅଭିଯୋଗ ପରେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନିୟାମକଙ୍କ ନୋଟିସ୍ ଅନୁଯାୟୀ, ଚାଷୀଙ୍କ ଅଭିଯୋଗ ପରେ ଡିସେମ୍ବର ୨୦୨୫ ରୁ ମେ ୨୦୨୬ ମଧ୍ୟରେ ରାଜ୍ୟ ସ୍ତରରେ ପ୍ଲାଣ୍ଟକୁ ୫ଥର ଯାଞ୍ଚ କରାଯାଇଥିଲା। ମେ ୨୫,ରେ ଜାରି ହୋଇଥିବା ତିନି ପୃଷ୍ଠାର ନୋଟିସ୍‌ରେ ବୋର୍ଡ କହିଛି ଯେ ଟାଟା ତାର ପରିସର ମଧ୍ୟରେ ଥିବା ଏକ ବର୍ଷାଜଳ ଅମଳ ପୋଖରୀରେ ବର୍ଜ୍ୟଜଳ ଛାଡ଼ିଛି। ଏହି ପୋଖରୀଟି ଉଚ୍ଛୁଳି ପଡ଼ିଥିଲା, ଯାହା ଆଖପାଖରେ ଥିବା କୃଷି ଜମିରେ ଥିବା ଖୋଲା କୂଅରେ ଭୂତଳ ଜଳକୁ ଦୂଷିତ କରିଛି।

## ସେଣ୍ଟ୍ରାଲ ଓଡ଼ିଶାରେ ବିଦ୍ୟୁତ ସେବାର ୬ ବର୍ଷ ପୂର୍ତ୍ତି ପାଳିଲା ଟିପିସିଓଡିଏଲ୍



**ଭୁବନେଶ୍ୱର, ୧୩।୬(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ୬ଷ୍ଠ ବାର୍ଷିକୋତ୍ସବ ପାଳନ କରିଛି। ଏହା ସେଣ୍ଟ୍ରାଲ ଓଡ଼ିଶାର ବିଦ୍ୟୁତ ବିତରଣ କ୍ଷେତ୍ରରେ ୬ ବର୍ଷର ପରିବର୍ତ୍ତନଶୀଳ ଅଭିବୃଦ୍ଧି, ନୂତନତ୍ୱ ଏବଂ ଉତ୍କୃଷ୍ଟ ସେବା ପ୍ରଦାନର ଏକ ସଫଳ ଯାତ୍ରାକୁ ଦର୍ଶାଉଛି। ୨୯,୩୫୪ ବର୍ଗ କିଲୋମିଟର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ୧.୩୬ କୋଟି ଜନସଂଖ୍ୟା ଏବଂ ୩୨.୯୬ ଲକ୍ଷ ଉପଭୋକ୍ତାଙ୍କୁ ସେବା ଯୋଗାଇଦେଇ ଟିପିସିଓଡିଏଲ ଦେଶର ଏକ ଅଗ୍ରଣୀ ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଉଭା ହୋଇଛି। ଏହି ଅବସରରେ ଏକ ଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ବିତରଣ ନେଟୱର୍କ ଗଠନ କରିବା ସହିତ ନିର୍ଭରଯୋଗ୍ୟ, ଗୁଣାତ୍ମକ ଏବଂ ଗ୍ରାହକ-କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର ନେତୃତ୍ୱ ମଣ୍ଡଳୀ ଭିତ୍ତିଭୂମିକୁ ମଜବୁତ କରିବା, ଡିଜିଟାଲ୍ ପରିବର୍ତ୍ତନକୁ ଆଗକୁ ବଢ଼ାଇବା, ଉପଭୋକ୍ତା ସେବାରେ ଉନ୍ନତି ଆଣିବା ଏବଂ ସୁରକ୍ଷା ଓ ପରିଚାଳନାଗତ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଟିପିସିଓଡିଏଲ୍‌ର ଉଲ୍ଲେଖନୀୟ ପ୍ରଗତି ଘଟିଥିବା ଟିପିସିଓଡିଏଲ୍‌ରର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି।

# ଭାରତ ହେବ ଗ୍ଲୋବାଲ ଫାଇନାନ୍ସିଆଲ ଟ୍ୟାଲେଣ୍ଟ ହବ୍

**ମୁମ୍ବଇ, ଦିଲ୍ଲୀ-ଏନ୍‌ସିଆର୍, ବେଙ୍ଗାଲୁରୁ ବିଶ୍ୱର ଶ୍ରେଷ୍ଠ ୩୦ ବଜାରରେ ସାମିଲ**

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଭାରତ ବିଶ୍ୱ ଆର୍ଥିକ ସେବା ଶିଳ୍ପ ପାଇଁ ଏକ ପ୍ରମୁଖ ପ୍ରତିଭା କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି। ରିଅଲ୍ ଇଷ୍ଟେଟ୍ କନସଲଟାନ୍ସି କୋଲିୟର୍ସ ଦ୍ୱାରା 'ଗ୍ଲୋବାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ମାର୍କେଟ୍ସ: ଟପ୍ ଟ୍ୟାଲେଣ୍ଟ ଲୋକେସନ୍ସ ୨୦୨୬' ଶୀର୍ଷକ ଏକ ରିପୋର୍ଟରେ ଜଣାପଡିଛି ଯେ କମ୍ପାନୀଗୁଡ଼ିକ ପ୍ରତିଭାର ପ୍ରବେଶ, ମୂଲ୍ୟ ପ୍ରତିଯୋଗିତା ଏବଂ ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟାକୁ ସନ୍ତୁଳିତ କରିବା ସହିତ ଆର୍ଥିକ ସେବା ସ୍ଥାନ ରଣନୀତି ପରିବର୍ତ୍ତନ ହେଉଛି, ଯେତେବେଳେ କି ପ୍ରତିଷ୍ଠିତ ବିଶ୍ୱ କେନ୍ଦ୍ରଗୁଡ଼ିକ ଶିଳ୍ପର ଭୂମିକୁ ଧରି ରଖିଛନ୍ତି। ୨୦୦ ରୁ ଅଧିକ ବିଶ୍ୱ ବଜାରର ବିଶ୍ଳେଷଣ ଉପରେ ଆଧାରିତ ଏହି ଗବେଷଣା ରିପୋର୍ଟରେ ସେହି ସବୁ ଆର୍ଥିକ ବଜାରକୁ ଗୁରୁତ୍ୱ ଦେଇଛି, ବହୁ ସଂଖ୍ୟାରେ ପ୍ରତିଭା, ନିବେଶ କାର୍ଯ୍ୟକଳାପ ଏବଂ ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନା ଏକ ସଙ୍ଗେ ଏକାଠି ହୋଇଛି। ରିପୋର୍ଟ ଅନୁଯାୟୀ, ଭାରତ ଆର୍ଥିକ ସେବା ପାଇଁ ଏକ ପ୍ରମୁଖ ପ୍ରତିଭା କେନ୍ଦ୍ର ଭାବରେ ଉଭା ହୋଇଛି। ଏଥିରେ ମୁମ୍ବଇ ଦୁନିଆର ଏକ 'ଗ୍ଲୋବାଲ୍ ସେଣ୍ଟର' ଭାବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଦିଲ୍ଲୀ-ଏନ୍‌ସିଆର ଏକ ଅଗ୍ରଣୀ ରଣନୀତିକ କେନ୍ଦ୍ର ଭାବରେ ଉଭା ହେଉଥିବାବେଳେ ବେଙ୍ଗାଲୁରୁ ବିଶ୍ୱ ସ୍ତରରେ ଶୀର୍ଷ 'ଘରୋଇ ଏବଂ କାର୍ଯ୍ୟକ୍ଷମ କେନ୍ଦ୍ର' ଭାବରେ ସ୍ୱୀକୃତି ପାଇଛି।

କୋଲିୟର୍ସ ଇଣ୍ଡିଆର ଅଫିସ୍ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଅର୍ପିତ ମେହରୋତ୍ରାଙ୍କ ଅନୁଯାୟୀ, ଭାରତ ଏକ ବିଶ୍ୱସ୍ତରୀୟ ଆର୍ଥିକ ସେବା କେନ୍ଦ୍ର ଭାବରେ ଦ୍ରୁତ ଗତିରେ ନିଜର ସ୍ଥିତିକୁ ସୁଦୃଢ଼ କରୁଛି। ପ୍ରବଳ ଟ୍ୟାଲେଣ୍ଟ, ବୈଷୟିକ ବିଶେଷଜ୍ଞତା ଏବଂ କାର୍ଯ୍ୟକ୍ଷମ କ୍ଷମତା ସହିତ ଭାରତୀୟ ସହରଗୁଡ଼ିକ ରଣନୈତିକ ଏବଂ ଉଚ୍ଚ-ମୂଲ୍ୟର ବ୍ୟବସାୟିକ କାର୍ଯ୍ୟଗୁଡ଼ିକୁ ସମର୍ଥନ କରିବାକୁ ପ୍ରସ୍ତୁତ। କାରଣ କମ୍ପାନୀଗୁଡ଼ିକ ସେମାନଙ୍କର ବିଶ୍ୱସ୍ତରୀୟ ମୁଖ୍ୟାଳୟ ଏବଂ ବିତରଣ କେନ୍ଦ୍ର ବାହାରେ ସୁଯୋଗ ଖୋଜୁଛନ୍ତି। ଏହି କାରଣରୁ ମୁମ୍ବାଇ, ଦିଲ୍ଲୀ ଏନସିଆର ଏବଂ ବେଙ୍ଗାଲୁରୁ ଶୀର୍ଷ ୩୦



ବିଶ୍ୱସ୍ତରୀୟ ଆର୍ଥିକ ସେବା ପ୍ରତିଭା କେନ୍ଦ୍ର ତାଲିକାରେ ସ୍ଥାନିତ ହୋଇଛି। ରିପୋର୍ଟ ଅନୁଯାୟୀ, ଭାରତର ପ୍ରମୁଖ ଅଫିସ୍ ବଜାରଗୁଡ଼ିକ ବର୍ଦ୍ଧିତ ରିଅଲ୍ ଇଷ୍ଟେଟ୍ ଉପସ୍ଥିତି, ଦୃଢ଼ ପ୍ରତିଭା ଉପଲବ୍ଧତା ଏବଂ ଆର୍ଥିକ ସେବା ଏବଂ ବ୍ୟାଙ୍କିଙ୍ଗ, ଆର୍ଥିକ ସେବା ଏବଂ ବୀମା କମ୍ପାନୀଗୁଡ଼ିକର ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତାରୁ ଲାଭ ପାଉଛନ୍ତି। ମୁମ୍ବାଇ ଦେଶର ପ୍ରମୁଖ ଆର୍ଥିକ କେନ୍ଦ୍ର ଭାବରେ ରହିଛି, ଯେତେବେଳେ କି ଦିଲ୍ଲୀ ଏନସିଆର, ବେଙ୍ଗାଲୁରୁ, ହାଇଦ୍ରାବାଦ, ପୁଣେ ଏବଂ ଚେନ୍ନାଇ ଭଳି ସହରଗୁଡ଼ିକ ସେମାନଙ୍କର ମୂଲ୍ୟ ସୁବିଧା, ବଡ଼ ପ୍ରତିଭା ଆଧାର ଏବଂ ଦ୍ରୁତ ଗତିରେ ବିକଶିତ ହେଉଥିବା ବ୍ୟବସାୟିକ ଇକୋସିଷ୍ଟମ ଯୋଗୁଁ ଆର୍ଥିକ ସେବା କମ୍ପାନୀଗୁଡ଼ିକୁ ଆକର୍ଷିତ କରୁଛନ୍ତି। ଡିଜିଟାଲ୍ ବ୍ୟାଙ୍କିଙ୍ଗ, ବିପଦ ପରିଚାଳନା, ଡାଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧି (ଏଆଇ) ଭଳି କ୍ଷେତ୍ରରେ ବିଶେଷ ଦକ୍ଷତା ଏବଂ ବଡ଼ ଧରଣର ପ୍ରତିଭାର ଚାହିଦା ବୃଦ୍ଧି ପାଇବା ସହିତ, ଭାରତୀୟ ସହରଗୁଡ଼ିକ ଆର୍ଥିକ ସେବା ପାଇଁ ପ୍ରମୁଖ ଆଞ୍ଚଳିକ ପ୍ରତିଭା କେନ୍ଦ୍ର ହେବା ପାଇଁ ସ୍ଥିତିରେ ଅଛନ୍ତି।

ରିପୋର୍ଟ ଅନୁଯାୟୀ, ଆର୍ଥିକ ସେବା କମ୍ପାନୀଗୁଡ଼ିକ କ୍ରମଶଃ ଡାଟା-ଚାଳିତ ନିଷ୍ପତ୍ତି ଗ୍ରହଣ ଆଡକୁ ଅଗ୍ରସର ହେଉଛନ୍ତି। ପରିବର୍ତ୍ତିତ ବ୍ୟବସାୟିକ ପରିବେଶରେ, ସଂଗଠନଗୁଡ଼ିକ ସେମାନଙ୍କର କର୍ମଶକ୍ତି ଏବଂ ସ୍ଥାନ ରଣନୀତିକୁ ଉନ୍ନତ କରିବା ପାଇଁ ବଜାର ତଥ୍ୟ ଏବଂ ବିଶ୍ଳେଷଣକୁ ବୃଦ୍ଧି କରୁଛନ୍ତି। କୋଲିୟର୍ସର ଏସିଆ ପାସିଫିକ୍ ଅକ୍ୟୁପିଅର୍ ସର୍ଭିସେସ୍ର ପରିଚାଳନା ନିର୍ଦ୍ଦେଶକ ମାଇକ୍ ଡେଭିସ୍ କହିଛନ୍ତି ଯେ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ରତିଭା ଏବଂ ରିଅଲ୍ ଇଷ୍ଟେଟ୍ ରଣନୀତିକୁ ପୁନଃମୂଲ୍ୟାୟନ କରିବା ସହିତ, ବଜାର ତଥ୍ୟ ଏବଂ ଅନ୍ତର୍ଦୃଷ୍ଟିର ପ୍ରବେଶ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ତଥ୍ୟ-ଆଧାରିତ ରଣନୀତି ଗ୍ରହଣ କରୁଥିବା କମ୍ପାନୀଗୁଡ଼ିକ ପ୍ରତିଭାକୁ ଆକର୍ଷିତ କରିବା ଏବଂ ଅଭିବୃଦ୍ଧି ସୁଯୋଗ ହାସଲ କରିବା ପାଇଁ ଭଲ ସ୍ଥିତିରେ ରହିବେ। ଆମେ ବିଶ୍ୱାସ କରୁ ଯେ ଆର୍ଥିକ ସେବାର ବିଶ୍ୱବ୍ୟାପୀ ବିତରଣ ମଡେଲ୍ ଅଧିକ ବଣ୍ଟିତ ଏବଂ ନମନୀୟ ହେବ, ଭବିଷ୍ୟତର ଅଭିବୃଦ୍ଧିର କେନ୍ଦ୍ରରେ ଏସିଆ-ପାସିଫିକ୍ କ୍ଷେତ୍ର ରହିବ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ଆର୍ଥିକ ସେବା ବଜାର ନିରନ୍ତର ଅଧିକ ବିବିଧ ଏବଂ ପରିପକ୍ୱ ହେଉଛି।

# ପୀୟୂଷ ଓ କୁକୁଜ୍‌ଙ୍କ 'ଛନକି ଗୋରୀ'ର କମାଲ୍



ଆସିଯାଇଛି ରଜ । ରଜ ପାଇଁ ଏବେ ସାରା ଓଡ଼ିଶାରେ ସଜବାଜ । ଏହି ଅବସରରେ ରଜ ବଜାରକୁ ଆଉ ଟିକେ ସରଗରମ କରିବା ଲାଗି ରୋଜାଲିନ ପ୍ରଡକ୍ସନ ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ 'ଛନକି ଗୋରୀ' । ଏହି ଭିଡିଓଟିରେ ଅଭିନୟ କରିଛନ୍ତି ବହୁ ଚର୍ଚ୍ଚିତ ଅଭିନେତା ପୀୟୂଷ ତ୍ରିପାଠୀ ଓ କୁକିଜ୍ ସ୍ୱାଇଁ । ଏହାର ପ୍ରଯୋଜିକା ହେଉଛନ୍ତି ରୋଜାଲିନ୍ ପ୍ରଧାନ । ଗୀତରେ ମଣ୍ଟୁ ଛୁରିଆ ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସମ୍ବିତ୍ ମହାନ୍ତି ଓ ଗୀତ ଲେଖିଛନ୍ତି ଶାଶ୍ୱତ ଆଚାର୍ଯ୍ୟ । କୋରିଓଗ୍ରାଫି କରିଛନ୍ତି ଡି .ଦୀପକ । ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚାହିଦାରେ ଅଛି । ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ । ■




# ପହିଲି ରଜରେ 'ଗଣ୍ଡ ଭୈରବ'ର ଟିଜର୍ ରିଲିଜ

ଆଜି (ପହିଲି ରଜ) ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଟିଜର୍ ରିଲିଜ ହେବ । ବାବୁ ଭାଇ ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲରେ ସକାଳ ୧୧ଟା ୧୧ରେ ଏହାର ଟିଜର୍ ସାମ୍ନାକୁ ଆସିବ । ଟିଜର୍‌କୁ ଦର୍ଶକେ ନିହାତି ପସନ୍ଦ କରିବା ଆଶା କରାଯାଉଛି । ଆଜି ଟିଜର ରିଲିଜ୍ ହେଉଥିବା ବେଳେ ରଥଯାତ୍ରା ଅବସରରେ ଏହା ପ୍ରେକ୍ଷାଳୟକୁ ଆସିବ । ଆର୍. ଆର୍. ଇଭେଣ୍ଟ ଏବଂ ସିନେ ପ୍ରଡକ୍ସନ ନିବେଦିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନେତା ଦେବଶିଷ ଏବଂ ଶିବାନୀଙ୍କୁ ଦେଖିବାକୁ ମିଳିବ । ଅବଶ୍ୟ ଏଥିରେ ଦେବାଶିଷଙ୍କୁ ଦର୍ଶକେ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂଆ ଲୁକ୍‌ରେ ଦେଖିବାକୁ ପାଇବେ । ସିନେମାଟି ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ । ଭକ୍ତି, ସଂସ୍କୃତି, ପ୍ରେମ, ତ୍ୟାଗ, ହାସ୍ୟ, କ୍ରୋଧ, ପ୍ରତିଶୋଧ, ଆକ୍ସନ ଏବଂ ସର୍ବୋପରି ଏକ ସୁନ୍ଦର କାହାଣୀ ଏହି ସିନେମାରେ ରହିଛି । କେବଳ ସେତିକି ନୁହେଁ, ଏଥିରେ ଖୁବ୍ ସୁନ୍ଦର ଗୀତ ମଧ୍ୟ ରହିଛି । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାରେ ପୃଥ୍ୱୀରାଜ, ଅସିତ, ପୁଷ୍ପା ପଣ୍ଡା, ସୋମା ଭୌମିକ, କେକେ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ■

# 'ଚାନ୍ଦନୀ ବାର-୨'ରେ କ୍ୟାଟ୍ରିନା



ଦୀର୍ଘ ଦିନ ହେବ ବଡ଼ ପରଦାଠାରୁ ଦୂରରେ ଅଛନ୍ତି ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ । ଏବେ ତାଙ୍କର ଏକ ସିକ୍ୱେଲ୍ ସିନେମାରୁ ବଡ଼ ପରଦାକୁ ଲେଉଟାଣି ହେବା କୁହାଯାଉଛି । ସେହିପରି ଏହି ସିନେମାରେ ଅଭିନେତ୍ରୀ ତବୁ ମଧ୍ୟ ସାମିଲ ହେବା ଚର୍ଚ୍ଚା ହେଉଛି । ହେଲେ ବିଧିବଦ୍ଧ ଭାବେ ଏନେଇ କିଛି ଘୋଷଣା କରାଯାଇ ନାହିଁ । କ୍ୟାଟ୍ରିନା ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ସିନେମା 'ଚାନ୍ଦନୀ ବାର'ର ସିକ୍ୱେଲରେ ନଜର ଆସିପାରନ୍ତି । ଏହି ସିନେମାର ନିର୍ଦ୍ଦେଶନା ଅଜୟ ବହଲ କରୁଛନ୍ତି । ସେହିପରି 'ଚାନ୍ଦନୀ ବାର' ସିନେମାର ନିର୍ଦ୍ଦେଶନା ଦେଇଥିଲେ ମଧୁର ଭଣ୍ଡାରକର । ଏଥିରେ ମୁମ୍ବାଇ ଅଣ୍ଡରୱାର୍ଲ୍ଡର ଅନ୍ଧକାର ସତ୍ୟକୁ ଦେଖାଇବାକୁ ଚେଷ୍ଟା କରାଯାଇଥିଲା । ସିନେମାରେ ତବୁ ମୁମତାଜ ଚରିତ୍ରରେ ଅଭିନୟ କରିଥିଲେ । ■

## ସାକ୍ଷାତକାର

# 'ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଇଚ୍ଛା'

**ରଚନା ବେହେରା, ଅଭିନେତ୍ରୀ**

ଡାକ୍ତରାଣୀ ହୋଇ ରୋଗୀ ସେବା କରିବାକୁ ସେ ସ୍ୱପ୍ନ ଦେଖିଥିଲେ । ହେଲେ ସୌଭାଗ୍ୟବଶତଃ ସେ ପାଲଟିଗଲେ ଜଣେ ଅଭିନେତ୍ରୀ । ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମର ରଚନା ବେହେରା । ୨୦୨୫ ମସିହାରେ ରିଆଲିଟି ଶୋ' 'ସିନେ ଷ୍ଟାର କି ଖୋଜ୍'ରେ ସେ ଭାଗ ନେଇଥିଲେ । ଏହି ଶୋ'ର ସେ ଥିଲେ ଫାଇନାଲିଷ୍ଟ । ମ୍ୟୁଜିକ୍ ଭିଡିଓରେ କାମ କରିବା ପରେ ଏବେ ସେ ଧାରାବାହିକ 'ମୁଁ ନୁହେଁ ମୁଁ ତୁମ ବିନା'ରେ ଖଳନାୟିକା ଭାବେ ଅଭିନୟ କରୁଛନ୍ତି । ନିଜର ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣୁଥିବା ରଚନାଙ୍କ ଅଭିନୟ ଯାତ୍ରା ସଂପର୍କରେ ଶୁଣିବା ତାଙ୍କରି ମୁହଁରୁ ।



**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ପାଠପଢ଼ାକୁ ନେଇ ମୁଁ ସବୁବେଳେ ସିରିୟସ୍ । ଭବିଷ୍ୟତରେ ଡାକ୍ତର ହେବାକୁ ଇଚ୍ଛା ରଖି ପ୍ରସ୍ତୁତ ହେଉଥିଲି । ହଠାତ୍ ମା'ଙ୍କର ଦେହାନ୍ତ ହୋଇଗଲା । ଯେହେତୁ ମୁଁ ଜଣେ ଅଭିନେତ୍ରୀ ହୁଏ ବୋଲି ମୋର ମା' ଚାହୁଁଥିଲେ, ତେଣୁ ବଡ଼ ଭଉଣୀ ମୋତେ ରିଆଲିଟି ଶୋ' 'ସିନେଷ୍ଟାର କି ଖୋଜ୍'ରେ ଭାଗ ନେବାକୁ କହିଥିଲେ । ଏହି ପ୍ଲାଟ୍‌ଫର୍ମରେ ନିଜର ପ୍ରତିଭା ପ୍ରଦର୍ଶନ କରି ଫାଇନାଲିଷ୍ଟ ହୋଇଥିଲି । ପରେ 'ବାବା ହେଇ ବୁଲିବେ' ମ୍ୟୁଜିକ୍ ଭିଡିଓରେ ରଞ୍ଜନ ଭାଇ ଏବଂ ସିମ୍ରନଙ୍କ ସହିତ କାମ କଲି । ଏହା ପରେ ମୋତେ 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା ।

**ଖଳନାୟିକା ଚରିତ୍ର ମିଳିବା ପରେ ମନ ଉଣା ହୋଇଥିଲା କି?**

● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । 'ମୁଁ ନୁହେଁ ମୁଁ ତୁମ ବିନା'ରେ ମୋତେ ମୁଖ୍ୟ ଖଳନାୟିକା ଚରିତ୍ର ମିଳୁଛି ବୋଲି ମୁଁ ସେଟ୍‌ରେ ଯାଇ ଜାଣିଲି । ଏହା ମୋର ପ୍ରଥମ ପ୍ରାଜେକ୍ଟ । ମନ ଉଣା ନ କରି ଖୁସି ହୋଇଥିଲି । ଏହି ଚରିତ୍ରକୁ ନିଭାଇବା ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ୍ୟ ଥିଲା ।

**'ମୁଁ ନୁହେଁ ମୁଁ ତୁମବିନା' ଧାରବାହିକରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

● ଏଥିରେ ମୋର ଚରିତ୍ର ହୋଇଛି ରୀତିକା । ରୀତିକା ଜଣେ ଫ୍ୟାଶନ୍ ଡିଜାଇନର୍ । ତା' ଭଉଣୀ ଆଉ ଭିଣୋଇ ହେଉଛନ୍ତି ପଟ୍ଟନାୟକ ପରିବାରର ବଡ଼ ପୁଅ ବୋହୂ । ସେମାନେ ଚାହୁଁଛନ୍ତି ରୀତିକା ସେହି ପରିବାରକୁ ଯାଉ । ସାଇକୁ ବାହା ହୋଇ ପଟ୍ଟନାୟକ କ୍ରିଏସନ୍‌ରେ ସିନିୟର୍ ଡିଜାଇନର୍ ଭାବେ ଯୋଗ ଦେଉ । ରୀତିକାର ବି ସମାନ ଇଚ୍ଛା ଅଛି । ସେ ସାଇକୁ ଭଲ ପାଉଛି । ସାଇକୁ ବାହା ହେବା ରୀତିକାର ମୂଳ ଲକ୍ଷ୍ୟ । ତା' ଭିତରେ ଟ୍ୱିଷ୍ଟ ଅଛି ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ପ୍ରଥମ ପାରିଶ୍ରମିକ ମୁଁ ଏକ ମ୍ୟୁଜିକ୍ ଭିଡିଓ ତରଫରୁ ପାଇଥିଲି । ଏଥିରେ ଘରଲୋକଙ୍କୁ କିଛି ଉପହାର ଦେଇଥିଲି । ଶ୍ରୀମନ୍ଦିରରେ ଭୋଗ ଯାଚିଥିବାବେଳେ ଆଜି ଯାଏଁ କାଳିଆ ସାଆନ୍ତଙ୍କ ଡୋରି ଲାଗି ନାହିଁ ।

**ଅଭିନୟକୁ ଜୀବନ୍ତ କରିବାକୁ ରଚନା କ'ଣ କରନ୍ତି?**

● ଅଭିନୟ ପାଇଁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଇ ନାହିଁ । ସିନିୟର୍ କଳାକାରଙ୍କ ପାଖରୁ କାମ କରିବାର ଅନୁଭୂତି ବିଷୟରେ ଜାଣିବାକୁ ଚେଷ୍ଟା କରେ । ଦର୍ପଣ ସାମ୍ନାରେ ସଂଳାପ ଅଭ୍ୟାସ କରେ ।

**ସୁଟିଂ ସେଟ୍‌ରେ ସମୟ ମିଳିଲେ କ'ଣ କରନ୍ତି?**

● ମୁଁ ଯୁକ୍ତ ତିନି (ଉଦ୍ଭିଦ ବିଜ୍ଞାନ) ର ଛାତ୍ରୀ । ସେଟ୍‌ରେ ଫୁରସ୍‌ତ ମିଳିଲେ ପଢ଼ାପଢ଼ି କରେ ।

**ଖରାଦିନେ ଫିଟ୍ ରହିବାର ମନ୍ତ୍ର?**

● ଜଳୀୟ ଅଂଶ ସନ୍ତୁଳିତ ରଖିବାକୁ ପାଣି ପିଏ, ଫଳ ଖାଏ । ଘର ତିଆରି ସନ୍ତୁଳିତ ଖାଦ୍ୟ ଖାଏ । ଶାରୀରିକ ବ୍ୟାୟାମ କରେ ।

**ଆପଣଙ୍କ ଡ୍ରିମ୍‌ରୋଲ?**

● ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ରହିଛି । ହେଲେ ଡାକ୍ତରାଣୀ ଚରିତ୍ର ମୋର ଡ୍ରିମ୍ ରୋଲ ।

**ଅଭିନୟ ଜଗତକୁ ଆସିବାକୁ ଚାହୁଁଥିବା ପିଲାଙ୍କୁ କ'ଣ କହିବେ?**

● ଦିନ ଥିଲା ଅନେକ ପ୍ରତିଭାଶାଳୀ ପିଲା ଏହି ପ୍ଲାଟଫର୍ମକୁ ଆସିବା ପାଇଁ ସୁଯୋଗ ପାଉନଥିଲେ । ବର୍ତ୍ତମାନ ରିଆଲିଟି ଶୋ'ରେ ଭାଗ ନେଇ ଜଣେ ନିଜର ପ୍ରତିଭାକୁ ଦେଖାଇ ପାରୁଛନ୍ତି । ରିଆଲିଟି ଶୋ'ର ନିର୍ଦ୍ଦେଶକ ହୁଅନ୍ତୁ ବା କୋରିଓଗ୍ରାଫର୍ ସେମାନେ କଳାକାର ଗଢ଼ନ୍ତି । ତେଣୁ କଠିନ ପରିଶ୍ରମ ଏବଂ ଦୃଢ଼ ଇଚ୍ଛା ଶକ୍ତି ସହିତ ନିଜ ଉପରେ ଭରସା ରଖି ଏହି ଲାଇନ୍‌କୁ ଆସନ୍ତୁ । ■

**ପ୍ରଥମଥର କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ରିଆଲିଟି ଶୋ'ରେ ସକାରାତ୍ମକ ଚରିତ୍ରରେ ଅଭିନୟ କରିଥିଲି । ହେଲେ ଲାଇଟ୍, କ୍ୟାମେରା, ଆକ୍ସନ ଭିତରେ କିପରି ଅଭିନୟ କରିବି ସେ ବିଷୟରେ ଜଣା ନ ଥିଲା । ଭଗବାନଙ୍କ ଆଶୀର୍ବାଦରୁ ସୁଟିଂ ସେଟ୍‌ରେ ପ୍ରଥମ ଦିନ ଭୟ ନକରି ସଠିକ୍ ଭାବେ ମୋ କାମ କରିଥିଲି ।

# ଟେଲିଭିଜନ ପ୍ରିମିୟର୍ 'ଡେଲିଭରି ବୟ ୨'

ରଜ ଓ ଓଡ଼ିଆ ସିନେମାର ସମ୍ପର୍କ ବହୁତ ପୁରୁଣା । ଏହି ଗଣପର୍ବର ମାହୋଲକୁ ଆହୁରି ଜମେଇବା ପାଇଁ ଜୀ ସାର୍ଥକରେ ଆଜି (ଜୁନ୍ ୧୪) ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ କ୍ରାଇମ୍-ଥ୍ରୀଲର ସିକ୍ୱେଲ 'ଡେଲିଭରି ବୟ ୨' । ସତ୍ୟ ଓ ମିଥ୍ୟାର ଅସ୍ୱଷ୍ଟ ଗାର ଭିତରେ ଛନ୍ଦି ହୋଇ ପଡ଼ିଥିବା ଏକ ଜୀବନର କାହାଣୀକୁ ନେଇ ଗତିଶୀଳ ଏହି ସିନେମାଟି ଓଡ଼ିଆ ଦର୍ଶକଙ୍କୁ ଟିଭି ପରଦାରେ ବାନ୍ଧି ରଖିବାରେ ସଫଳ ହେବ ବୋଲି ଆଶା କରାଯାଉଛି । ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଏବଂ ଜେଆର୍‌ଏମ୍ ଓ ରୋଜାଲିନ ମହାନ୍ତିଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା । ସମାଜର ଏକ ସମ୍ବେଦନଶୀଳ ଦିଗ ଉପରେ ଆଧାରିତ, ମିଛ ସାମ୍ବାଦିକତା ଏବଂ ଗଣମାଧ୍ୟମର ଅଯଥା ଚାପ କିଭଳି ଜଣେ ନିରୀହ ମଣିଷର ଜୀବନକୁ ଛାରଖାର କରିଦିଏ, ତାହା ଏଥିରେ ବେଶ୍ ନିପୁଣ ଭାବେ ଦେଖାଯାଇଛି । ଅର୍ଚ୍ଚିତା ସାହୁ ଏବଂ ବୁଦ୍ଧାଦିତ୍ୟ ମହାନ୍ତିଙ୍କ ଦମ୍‌ଦାର ଅଭିନୟ ସିନେମାକୁ ଏକ ନୂଆ ଦିଗ ଦେଇଥିଲା । ମୁଖ୍ୟ କଳାକାର ଭାବରେ ଶୈଳେନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା, ଶ୍ରୀତମ ଦାସ ଓ ପୁପିନ୍ଦର ସିଂଙ୍କ ସହ ସନ୍ତୁ ନିଜେ ଓ ଶକ୍ତି ବରାଳ ଭଳି କଳାକାରଙ୍କ ଉପସ୍ଥିତି ଏହାକୁ ଆହୁରି ଆକର୍ଷଣୀୟ କରିଥିଲା । ଅନ୍ୟପଟେ ପ୍ରେକ୍ଷାଳୟରୁ ବଞ୍ଚିତ ଥିବା ଦର୍ଶକେ ଽ ରଜରେ ସିନେମାଟିକୁ ଘରେ ବସି ଟିଭିରେ ଉପଭୋଗ କରିପାରିବେ । ■




## ପରଦା ପଛର କାହାଣୀ

# ଗୀତ ସୁଟିଂ ସେଟ୍‌ରେ ଦର୍ଶକଙ୍କ ପଥର ମାଡ଼

ବଲିଉଡ୍‌ର ଏଭରଗ୍ରୀନ୍ ସୁନ୍ଦରୀ ତଥା ପ୍ରସିଦ୍ଧ ଅଭିନେତ୍ରୀ ଆଶା ପାରେଖ୍ ନିଜର ଦମ୍‌ଦାର ଅଭିନୟ ପାଇଁ ବେଶ୍ ଲୋକପ୍ରିୟ । ଅଭିନୟ ଜୀବନରେ ସେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ନିକଟରେ 'ଇଣ୍ଡିଆନ୍ ଆଇଡଲ୍' ମଞ୍ଚରେ ଯୋଗଦେଇ ଶୋ'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛନ୍ତି । ହୋଷ୍ଟ ହର୍ଷ ଲମ୍ବାଚିୟାଙ୍କ ସହ ମିଶି କ୍ଲଟ୍ କ୍ଲାସିକ୍ ଫିଲ୍ମ 'କଟୀ ପତଙ୍ଗ'ର ସୁପରହିଟ୍ ଗୀତ 'ଜିସ୍ ଗଲି ମେଁ ତେରା ଘର୍...'କୁ ରି-କ୍ରିଏଟ୍ କରିଥିଲେ । ରାଜେଶ ଖାନ୍ନା ଓ ଆଶାଙ୍କ ଏହି ରୋମାଣ୍ଟିକ୍ ଓ ମସ୍ତିଭରା ଅନ୍ଦାଜ୍ ସାମାଜିକ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ସାଉଁଟୁଛି । ଏହା ଦର୍ଶକଙ୍କୁ ପୁରୁଣା ସମୟକୁ ସ୍ମରଣ କରାଉଛି । ଏହି ଶୋ'ରେ ରାଜେଶ ଖାନ୍ନାଙ୍କ ସହ ଆଶା ଏହି ଗୀତର ସୁଟିଂ ସହ ଜଡ଼ିତ ଅଭୁଲା ସ୍ମୃତି ମନେ ପକାଇଥିଲେ । ସେହି ସମୟକୁ ମନେ ପକାଇ ସେ କହିଛନ୍ତି, ଏହି ଗୀତ ସୁଟିଂ ପାଇଁ ଆମେ ସମସ୍ତେ ନୈନିତାଲ ଯାଇଥିଲୁ । ସୁଟିଂ ଆରମ୍ଭ ଦୃଶ୍ୟରେ ରାଜେଶ ଖାନ୍ନା ହ୍ରଦ ନିକଟରେ ପହଞ୍ଚିବା ପରେ ଦୁହିଁଙ୍କୁ ସେଠାରେ ଥିବା ଏକ ଡଙ୍ଗାରେ ବସିବାର ଥିଲା । ହେଲେ ରାଜେଶ ଖାନ୍ନାକୁ ଦେଖିବା ପାଇଁ ସେଠାରେ ଏତେ ଭିଡ଼ ଜମି ଥିଲା ଯେ, ଆମେ ଚାହିଁ ମଧ୍ୟ ଡଙ୍ଗା ନିକଟରେ ପହଞ୍ଚିପାରିନଥିଲୁ । ଏପରିକି ଭିଡ଼କୁ ସାମ୍ନା କରି ଡଙ୍ଗାରେ ଚଢ଼ିବା ମଧ୍ୟ ଅସମ୍ଭବ ଥିଲା । ଭିଡ଼ ପାଇଁ ସୁଟିଂ ସେଟ୍‌ରେ ହୋହାଲ୍ଲା ହୋଇଗଲା । ଭିଡ଼ ଏତେ ଥିଲା ଯେ, ଲୋକେ ରାଜେଶ ଖାନ୍ନାଙ୍କୁ ଭେଟିବା ପାଇଁ ସୁଯୋଗ ମଧ୍ୟ ପାଇ ନ ଥିଲେ । ଫଳରେ ସେଠାରେ ଥିବା ଦର୍ଶକମାନେ କ୍ଷୁବ୍ଧ ହୋଇ ଅଚାନକ ପଥରମାଡ଼ ଆରମ୍ଭ କରିଥିଲେ । ଏତେ ମାତ୍ରାରେ ପଥର ମାଡ଼ ଦେଖି ସମସ୍ତେ ଚକିତ ହୋଇଯାଇଥିଲୁ । ତେଣୁ ସୁରକ୍ଷାକୁ ଦୃଷ୍ଟି ରଖି ସୁଟିଂ ବନ୍ଦ କରିବା ଛଡ଼ା ନିର୍ଦ୍ଦେଶକ ଶକ୍ତି ସାମନ୍ତଙ୍କ ପାଖରେ ଆଉ କୌଣସି ବାଟ ନଥିଲା । ଏହାପରେ ପୁଲିସକୁ ଖବର ଦିଆଯାଇଥିଲା । ଭିଡ଼ ନିୟନ୍ତ୍ରଣ ହେବା ପରେ ଯାଇ ହିଁ ସୁଟି ସମ୍ଭବ ହୋଇପାରିଥିଲା । 'କଟୀ ପତଙ୍ଗ' ୧୯୭୧ ମସିହାରେ ମୁକ୍ତିଲାଭ କରିଥିଲା । ଏହା ବଲିଉଡ୍‌ର ସବୁଠୁ ସୁନ୍ଦର ଏବଂ ସ୍ମରଣୀୟ ଫିଲ୍ମ ମଧ୍ୟରୁ ଗୋଟିଏ । ଏହି ଫିଲ୍ମ ରାଜେଶ ଖାନ୍ନାଙ୍କ କ୍ୟାରିୟର୍ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା । ■








ଆମେରିକାରେ ଶନିବାର ସକାଳେ ଅନୁଷ୍ଠିତ ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ କେଟି ପେରୀ

## ଫାଇନାଲ ଟିକଟର ମୂଲ୍ୟ ସର୍ବାଧିକ ୭ ଲକ୍ଷ ୨୨ ହଜାର ଟଙ୍କା

ୱାସିଂଟନ,୧୩।୬(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଟିକଟର ମୂଲ୍ୟକୁ ନେଇ ଆୟୋଜକ ଫିଫାକୁ ସବୁଆଡ଼ୁ ସମାଲୋଚନା କରାଯାଇଛି। ଏପରିକି ମେକ୍ସିକୋରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଷ୍ଟାଡିୟମ୍ ଫାଙ୍କା ପଡ଼ିବା ଘଟଣାରେ ମଧ ଫିଫାକୁ ସମାଲୋଚିତ ହେବାକୁ ପଡ଼ିଛି। ଏହା ମଧରେ ବିଶ୍ୱକପ୍‌ର ସମସ୍ତ ଟିକଟର ମୂଲ୍ୟ ଆସିଯାଇଛି। ଏହା ମଧରେ ଫାଇନାଲ ମ୍ୟାଚ୍‌ର ଟିକଟର ମୂଲ୍ୟ ସର୍ବାଧିକ ୭,୫୯୮ ଆମେରିକୀୟ ଡଲାର ରହିଛି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ହେଉଛି ୭ ଲକ୍ଷ, ୨୨ହଜାର ୬୪୯ ଟଙ୍କା। ଏଥିରୁ ଫିଫା ବିଶ୍ୱକପ୍‌ର ମୂଲ୍ୟ କେତେ ତାହା ସହଜରେ ଅନୁମାନ କରାଯାଇପାରେ। ସେହିପରି ଲିଗ୍ ପର୍ଯ୍ୟାୟରେ ଦୁଇଟି ମ୍ୟାଚ୍‌ର ମୂଲ୍ୟ ସର୍ବାଧିକ ରହିଛି। ପର୍ତ୍ତୁଗାଲ ଓ କଲମ୍ବିଆ ମଧରେ ହେବାକୁ ଥିବା ମ୍ୟାଚ୍‌ର ମୂଲ୍ୟ ୨,୬୮୧ ଡଲାର ବା ୨ଲକ୍ଷ ୫୫ ହଜାର ଟଙ୍କା ରହିଛି। ସେହିପରି ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ର ମୂଲ୍ୟ ଦ୍ୱିତୀୟ ସର୍ବାଧିକ ବା ୨,୫୬୧ ଡଲାର ବା ୨ଲକ୍ଷ ୪୩ ହଜାର ୫୭୭ ଟଙ୍କା ରହିଥିଲା। ସେହିପରି ଲିଗ୍ ପର୍ଯ୍ୟାୟରେ ସବୁଠାରୁ କମ୍ ଦାମର ଟିକଟ ରହିଛି ସାଉଦି ଆରବ ଓ କେପ ଭର୍ଡ ମଧରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ। ଏହି ମ୍ୟାଚ୍‌ର ଟିକଟ ମୂଲ୍ୟ ରହିଛି ୧୮୨ ଡଲାର ବା ୧୭,୩୧୦ ଟଙ୍କା। ଜୋର୍ଡାନ ଓ ଆଲଜେରିଆ ମଧରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଟିକଟ ମୂଲ୍ୟ ୧୯୮ ଡଲାର ବା ୧୮,୮୩୧ ଟଙ୍କା ରହିଛି।

## ଫିଫା ବିଶ୍ୱକପ୍ ଚାମ୍ପିଅନଙ୍କୁ ୪୭୫; କ୍ରିକେଟ ଚାମ୍ପିଅନଙ୍କୁ ୩୮ କୋଟି

ୱାସିଂଟନ,୧୩।୬(ଏଜେନ୍ସି): ଭାରତ, ଭାରତୀୟ ଉପମହାଦେଶରେ କ୍ରିକେଟ ଏକ ଲୋକପ୍ରିୟଖେଳ ହୋଇପାରେ, କିନ୍ତୁ ଫୁଟବଲର ଲୋକପ୍ରିୟତା ବହୁ ଅଧିକ। ସେହିପରି ଫୁଟବଲ ବା ଫିଫା ବିଶ୍ୱକପ୍‌ରେ ପୁରସ୍କାର ରାଶି ମଧ ଅଧିକ। ଚଳିତ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ମିଳିବ ୫୦ ମିଲିଅନ ଡଲାର ବା ୪୭୫ କୋଟି ୫୦ଲକ୍ଷ ଟଙ୍କା। ସେହିପରି ରନର୍ସ ଅପ୍ ଦଳକୁ ୩୧୪ କୋଟି ୪୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ। ସେହି ତୁଳନାରେ ୨୦୨୩ର କ୍ରିକେଟରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଦଳକୁ ୩୮ କୋଟି ଓ ରନର୍ସ ଅପ୍ ଦଳକୁ ୧୯ କୋଟି ଟଙ୍କା ମିଳିଥିଲା। ସେହିପରି ୨୦୨୬ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳକୁ ୨୩.୩୦ କୋଟି ଟଙ୍କାର ପୁରସ୍କାର ମିଳିଥିଲା। ଏଥିରୁ କାହାର ସ୍ଥାନ କେଉଁଠି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ।

### ଫିଫା ବିଶ୍ୱକପ୍ ଗ୍ରୁପ୍-ଡି ମୁକାବିଲା

# ବୃହତ୍ ବିଜୟରୁ ଆମେରିକାର ଅଭିଯାନ

ଲସ୍ଏଞ୍ଜେଲ୍ସ,୧୩।୬(ଏଜେନ୍ସି)



ନାଇଜେରିଆ ଜନ୍ମିତ ଫରୱାର୍ଡ ଫ୍ଲୋରିଆନ ବାଲୋଗୁନ୍‌ଙ୍କ ଡବଲ ଗୋଲ ବଳରେ ଯୁଗ୍ମ ଆୟୋଜକ ଆମେରିକା ତାହାର ପ୍ରଥମ ବିଶ୍ୱକପ୍ ମ୍ୟାଚ୍‌ରେ ପାରାଗୁଏକୁ ୪-୧ ଗୋଲରେ ପରାସ୍ତ କରିଛି। ଫଳରେ ଆମେରିକା ନିଜର ୩୨ ବର୍ଷର ଫିଫା ବିଶ୍ୱକପ୍ ଇତିହାସରେ ବୃହତ୍ ବିଜୟ ହାସଲ କରିବାର ରେକର୍ଡ କରିଛି। ଏହି ବିଜୟରୁ ଆମେରିକା ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ପୂରା ୩ ପଏଣ୍ଟ ହାସଲ କରିଛି। ଦଳ ପକ୍ଷରୁ ୨୪ ବର୍ଷୀୟ ଡେବ୍ୟୁଟାଣ୍ଟ ବାଲୋଗୁନଙ୍କ ଡବଲ ଗୋଲ ବ୍ୟତୀତ ଇଞ୍ଜୁରୀ ଟାଇମ୍‌ରେ ଜିଓ ରେନା ଗୋଟିଏ ଏବଂ ପାରାଗୁଏର ଡିମାନିଆ ବାବୋଡିଲା ୭ମ ମିନିଟ୍‌ରେ ଆଉ ଗୋଟିଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ପାରାଗୁଏର ମୌରିସିଓ ଗୋଟିଏ ଗୋଲ ଶୁଝାଇଦେଇଥିଲେ।

ସୋଫି ଷ୍ଟାଡିୟମ୍‌ରେ ୭୦, ୪୯୨ଜଣ ଦର୍ଶକ ଏବଂ କିଂବଦନ୍ତୀ ଖେଳାଳି ଡେଭିଡ୍ ବେକ୍‌ହାମଙ୍କ ଉପସ୍ଥିତି ଆମେରିକା ଖେଳାଳିଙ୍କୁ ବେଶ ଉତ୍ସାହିତ କରିଥିଲା। ଖେଳ ଆରମ୍ଭ ହେବା ମାତ୍ରେ ଆମେରିକାର ଖେଳାଳିମାନେ ଘନଘନ ଆକ୍ରମଣ କରିଥିଲେ। ଏହାର ଫଳ ମିଳିଥିଲା ୭ମ ମିନିଟ୍‌ରେ। ବାମପଟୁ ଖ୍ରୀଷ୍ଟିଆନ୍ ପୁଲିସିଚ୍‌ଙ୍କ ଆକ୍ରମଣର ମୁକାବିଲା କରି ନ ପାରି ପାରାଗୁଏ ଆତ୍ମଘାତୀ ଗୋଲ କରିଥିଲା। ଏହାର କିଛି ସମୟ ପରେ ବାଲୋଗୁନ୍ ଗୋଲ ଦେବାରେ ସଫଳ ହୋଇଥିଲେ। ତାହା କିନ୍ତୁ ଅଫ୍‌ସାଇଡ୍ ହୋଇଯାଇଥିଲା। ୩୧ତମ ମିନିଟ୍‌ରେ ପୁଲିସିଚ୍‌ଙ୍କଠାରୁ ପାସ୍ ପାଇ ବାଲୋଗାନ୍ ଗୋଲ ଦେବାରେ କୌଣସି ତ୍ରୁଟି କରି ନଥିଲେ। ଷ୍ଟପେଜ୍ ଟାଇମ୍ ବା ୪୬ତମ ମିନିଟ୍‌ରେ ସେ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୩-୦ ଗୋଲରେ ଆଗୁଆ ରଖିଥିଲେ। ଏହି ଗୋଲ ବଳରେ ବାଲୋଗୁନ୍ ୧୯୩୦ ପରେ ଆମେରିକା ପକ୍ଷରୁ ପ୍ରଥମ ଖେଳାଳି ଭାବେ ଗୋଟିଏ ମ୍ୟାଚ୍‌ରେ ଏକାଧିକ ଗୋଲ ସ୍କୋର କରିଥିଲେ। ଶେଷଥର ୧୯୩୦ ବିଶ୍ୱକପ୍‌ରେ ବର୍ଟ ପାଟେନାଇଡ୍ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ପାରାଗୁଏର ମୌରିସିଓ ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ। ଖେଳର ଶେଷଭାଗ ଇଞ୍ଜୁରୀ ଟାଇମ୍‌ରେ ଜିଓ ରେନା ଆଉ ଏକ ଗୋଲ ଦେଇ ଆମେରିକାକୁ ୪-୧ରେ ବିଜୟୀ କରାଇଥିଲେ। ୨୦୨୨ ବିଶ୍ୱକପ୍‌ରେ ଆମେରିକା ମୋଟ ୩ଟି ଗୋଲ ଦେଇଥିଲା। ଏହି ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଦଳ ୪ଟି ଗୋଲ ଦେଇଛି।

### ଫ୍ଲୋରିଆନ ବାଲୋଗୁନ୍: ବ୍ରୁକ୍‌ଲିନ୍‌ରୁ ଲଣ୍ଡନ ଭାୟା ନାଇଜେରିଆ

ଆମେରିକା ଦଳରେ ସାମିଲ ହୋଇଥିବା ବାଲୋଗୁନ୍ ନିଜ କ୍ୟାରିୟରରେ ଏକାଧିକ କଷ୍ଟସାଦ୍ଧ ରାସ୍ତା ଅତିକ୍ରମ କରିଛନ୍ତି। ବ୍ରୁକ୍‌ଲିନ୍‌ରେ ଏକ ନାଇଜେରୀୟ ଦମ୍ପତିଙ୍କଠାରୁ ଜନ୍ମ ହେବାର ମାସକ ପରେ ବାଲୋଗୁନ୍ ମାତାପିତାଙ୍କ ସହ ଇଂଲଣ୍ଡ ଚାଲିଯାଇଥିଲେ। ସେଠାରେ ୮ ବର୍ଷ ବୟସରେ ଆର୍ସେନଲ ଏକାଡେମୀରେ ଯୋଗଦେଇ ଇଂଲଣ୍ଡ ପକ୍ଷରୁ ବିଭିନ୍ନ ଏଜ୍‌ଗ୍ରୁପ୍ ମ୍ୟାଚ୍ ଖେଳିଥିଲେ। ଆମେରିକା ପକ୍ଷରୁ ମଧ ୧୮ ବର୍ଷରୁ କମ୍ ଟିମ୍‌ରେ ଖେଳିଥିଲେ। ଏହା ଫଳରେ ସେ ୩ଟି ଦେଶ ନାଇଜେରିଆ, ଆମେରିକା ଓ ଇଂଲଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ ଫୁଟବଲ ଖେଳିବାକୁ ଯୋଗ୍ୟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଖେଳିବାର ଇଛା ଥିଲା। ସେଠାରେ ଏତେ ପ୍ରତିଭାସମ୍ପନ୍ନ ଖେଳାଳି ଥିବାରୁ ତାଙ୍କୁ ଦଳରେ ସ୍ଥାନ ପାଇବା କଷ୍ଟକର ହୋଇଥିଲା। ଫଳରେ ୩ ବର୍ଷ ପୂର୍ବେ ବାଲୋଗୁନ୍ ଆମେରିକା ପକ୍ଷରୁ ଖେଳିବାକୁ ନିଷ୍ପତି ନେଇଥିଲେ।



### ଫିଫା ବିଶ୍ୱକପ୍ ମୁକାବିଲା

| | |
|---|---|
| **ଜୁନ୍-୧୪, ରବିବାର ରାତି** | |
| ଜର୍ମାନୀ- କୁରାସାଓ | ହଷ୍ଟନ, ରାତି ୧୦ଟା ୩୦ |
| ନେଦରଲ୍ୟାଣ୍ଡସ- ଜାପାନ | ଆର୍ଲିଙ୍ଗଟନ, ରାତି- ୧ଟା ୩୦ |
| ଆଇଭରି କୋଷ୍ଟ- ଇକ୍ୱେଡର | ଫିଲାଡେଲଫିଆ- ରାତି ୪ଟା ୩୦ (୧୫ ତାରିଖ ଭୋର) |
| **ଜୁନ୍-୧୫ ସୋମବାର** | |
| ସ୍ୱିଡେନ- ଟ୍ୟୁନିସିଆ | ଗୌଦାଲାଜରା, ସକାଳ ୭ଟା୩୦ |

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

### ସାଇଲ ଲାରିନ୍‌ଙ୍କ ଚମତ୍କାର ଗୋଲ୍

# କାନାଡା-ବୋସ୍‌ନିଆ ମ୍ୟାଚ୍ ଡ୍ର'

ଟରଣ୍ଟୋ,୧୩।୬(ଏଜେନ୍ସି): ବଦଳ ଖେଳାଳି ସାଇଲ ଲାରିନ୍‌ଙ୍କ ଚମତ୍କାର ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା କାନାଡା ବନାମ ବୋସନିଆ ହର୍ଜଗୋଭିନା ମଧରେ ଖେଳାଯାଇଥିବା ଗ୍ରୁପ୍-ଡି ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ଆୟୋଜକ ଦଳ ଭାବେ କାନାଡା ପରାଜୟରୁ ବର୍ତ୍ତିଯାଇଥିଲାବେଳେ ବିଶ୍ୱକପ୍‌ରେ ପ୍ରଥମ ପଏଣ୍ଟହାସଲ କରିଛି। କତାରରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟରେ କାନାଡା ତାହାର ୩ଟି ଯାକ ଗ୍ରୁପ୍ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା କାନାଡାର ପ୍ରଦର୍ଶନ ପ୍ରତିଦ୍ୱନ୍ଦ୍ୱୀଙ୍କ ଅପେକ୍ଷା ଉନ୍ନତ ଥିଲା। ପ୍ରଥମାର୍ଦ୍ଧ ଖେଳର ୨୧ତମ ମିନିଟ୍‌ରେ ଜୋଭୋ ଲୁଭିଚ୍‌ଙ୍କ ହେଡର ଜରିଆରେ ଗୋଲ ସବୁକିଛି ବଦଳାଇଦେଇଥିଲା। ବୋସନିଆର ଆକ୍ରମଣ ଓ ରକ୍ଷଣାତ୍ମକ ଖେଳ ଆଗରେ କାନାଡା ଏକ ପ୍ରକାର ନିରାଶ ହୋଇଯାଇଥିଲା। ଦଳ ପକ୍ଷରୁ ୩ଟି ଗୋଲ ଦେବାର ସହଜ ସୁଯୋଗକୁ ମଧ ବୋସନିଆ ଖେଳାଳିମାନେ ବ୍ୟର୍ଥ କରିଦେଇଥିଲେ। ଉପାୟ ନ ପାଇ କାନାଡା କୋଚ୍ ଜେସେ ମାର୍ଶ ବଦଳ ଖେଳାଳି ଭାବେ ସାଇଲ ଲାରିନ୍‌ଙ୍କୁ ଖେଳିବା ସୁଯୋଗ ଦେଇଥିଲେ। ସେ ପଡ଼ିଆରେ ୧୨୧ ସେକେଣ୍ଡ ଖେଳିବା ପରେ ଗୋଲ ସ୍କୋର କରି କାନାଡାକୁ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। କିନ୍ତୁ ମ୍ୟାଚ୍ ସାରା କାନାଡା ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ ଗୋଲ ଦେଇ ନ ପାରିବା ଦଳ ଲାଗି ଚିନ୍ତାର କାରଣ ସାଜିଛି।



## ଏସୀୟ କ୍ରୀଡ଼ା ଲାଗି ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ

ଚେନ୍ନାଇ,୧୩।୬(ଏଜେନ୍ସି): ଜାପାନରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ଏସୀୟ କ୍ରୀଡ଼ା (ଏସିଆନ୍ ଗେମ୍ସ) ପାଇଁ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ସଂଘ ଏକ ଶକ୍ତିଶାଳୀ ଦଳ ଘୋଷଣା କରିଛି। ପିଭି ସିନ୍ଧୁ ଏବଂ ସାତ୍ୱିକସାଇରାଜ୍ ର୍ୟାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀଙ୍କ ଯୋଡ଼ି ଭାରତୀୟ ଦଳର ମୁଖ୍ୟ ଆକର୍ଷଣ ସାଜିବେ।

**ଘୋଷିତ ଭାରତୀୟ ଦଳ**

**ପୁରୁଷ ସିଙ୍ଗଲ୍ସ:** ଲକ୍ଷ୍ୟ ସେନ୍, ଆୟୁଷ ଶେଟ୍ଟୀ, **ମହିଳା ସିଙ୍ଗଲ୍ସ:** ପି. ଭି. ସିନ୍ଧୁ, ଉନ୍ନତି ହୁଡ୍ଡା, **ପୁରୁଷ ଡବଲ୍ସ:** ସାତ୍ୱିକସାଇରାଜ୍ ର୍ୟାଙ୍କିରେଡ୍ଡୀ / ଚିରାଗ ଶେଟ୍ଟୀ; ହରିହରନ୍ ଅମସାକାରୁନନ୍ / ଏମ୍. ଆର୍. ଅର୍ଜୁନ, **ମହିଳା ଡବଲ୍ସ:** ତ୍ରିସା ଜଲି / ଗାୟତ୍ରୀ ଗୋପୀଚନ୍ଦ; କାଭିପ୍ରିୟା ସେଲଭମ୍ / ସିମରନ୍ ସିଂଘୀ, **ମିଶ୍ରିତ ଡବଲ୍ସ:** ଧ୍ରୁବ କପିଲା / ତନିଷା କ୍ରାଷ୍ଟୋ।

# ଭାରତ ନିକଟରୁ ହାରିଲା ଆଫଗାନିସ୍ତାନ

ଧର୍ମଶାଳା,୧୩।୬(ଏଜେନ୍ସି): ଭାରତୀୟ ଖେଳାଳିମାନେ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଏଠାରେ ଶନିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୨୫ ଓଭର ବିଶିଷ୍ଟ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କରିଛନ୍ତି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ବିଜୟୀ ଦଳ ପକ୍ଷରୁ ଅପରାଜିତ ୮୪ ରନ୍ କରିଥିବା ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଲକ୍ଷ୍ନୌରେ ବୁଧବାର ଖେଳାଯିବ। ୩୯ ବର୍ଷ ୪୪ ଦିନରେ ଏହି ମ୍ୟାଚ ଖେଳି ରୋହିତ ଶର୍ମା ଭାରତର ବୟୋଜ୍ୟେଷ୍ଠ ଦିନିକିଆ ଖେଳାଳି ହୋଇଛନ୍ତି। ୩୯ ବର୍ଷ ୩୬ ଦିନରେ ଖେଳି ମହିନ୍ଦର ଅମରନାଥ ଏହି ରେକର୍ଡର ଅଧିକାରୀ ଥିଲେ।



ରହମନୁଲା ଗୁର୍‌ବାଜ ୫୧ବଲ୍‌ରେ ୧୦୨ ଏବଂ ଚତୁର୍ଥ ୱିକେଟରେ ଅଧିନାୟକ ସାହିଦି (୨୭)ଙ୍କ ସହ ୬୬ବଲ୍‌ରୁ ୧୧୬ ରନ୍ ଉଠାଇବା ଫଳରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୨୪.୫ ଓଭରରେ ୧୯୪ ରନ୍ କରିଥିଲା। ଭାରତ ପକ୍ଷରୁ ଦୁଇ ଡେବ୍ୟୁଟାଣ୍ଟ ବୋଲର ଯଥା ୬ଫୁଟ ୫ଇଞ୍ଚ ଉଚ୍ଚତା ବିଶିଷ୍ଟ ପେସ୍‌ର ଗୁରନୁର ବ୍ରାର ଓ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଅର୍ଶଦୀପ ସିଂହ ଓ ନୀତୀଶ କୁମାର ରେଡ୍ଡୀଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଭାରତ ୧୩ଟି ବଲ ଓ ୭ଟି ୱିକେଟ ବାକିଥାଇ ମ୍ୟାଚ୍‌କୁ ଜିତିନେଇଥିଲା। ଶୁବମନ ଗିଲ୍ ୬୬ଟିବଲ୍‌ରୁ ୧୧ଚୌକା ଓ ୨ଛକା ସହ ୮୪ ଏବଂ ଲୋକେଶ ରାହୁଲ ୧୯ବଲ୍‌ରୁ ୪ଚୌକା ଓ ୩ଛକା ସହ ୩୯ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ରୋହିତ ଶର୍ମା ୧୬ (ରନ୍‌ଆଉଟ), ଇଶାନ କିଷାନ ୨୨ବଲ୍‌ରେ ୩୪ ଓ ଶ୍ରେୟସ ଆୟର ୧୨ରନ୍ କରିଥିଲେ।

### ମହିଳା ଟି-୨୦ ବିଶ୍ୱକପ୍

# ଭାରତ-ପାକ୍ ମୁକାବିଲା ଆଜି

ବିର୍ମିଂହାମ,୧୩।୬(ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ରବିବାର ପରସ୍ପରକୁ ଭେଟିବେ। ବିର୍ମିଂହାମର ଏଜ୍‌ବାଷ୍ଟନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ୍-୧ର ଏହି ହାଇ-ଭୋଲ୍‌ଟେଜ୍ ମ୍ୟାଚ୍ ଜରିଆରେ ଉଭୟ ଦଳ ବିଶ୍ୱକପ୍‌ରେ ନିଜର ଅଭିଯାନ ଆରମ୍ଭ କରିବେ। ନିକଟରେ ଦିନିକିଆ ବିଶ୍ୱକପ୍ ଜିତିଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଭାରତର ବ୍ୟାଟିଂ ବିଭାଗ ଅତ୍ୟନ୍ତ ମଜବୁତ, ଏଥିଠାରେ ସ୍ମୃତି ମନ୍ଧନା, ଶେଫାଳି ବର୍ମା ଏବଂ ଜେମିମା ରୋଡ୍ରିଗ୍ୱେଜ୍‌ଙ୍କ ଭଳି ବିସ୍ଫୋରକ ବ୍ୟାଟର ଅଛନ୍ତି। ବୋଲିଂରେ ରେଣୁକା ସିଂହ ଏବଂ ଦୀପ୍ତି ଶର୍ମା ଇଂଲଣ୍ଡର ପରିବେଶରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ଅପରପକ୍ଷରେ, ଫାତିମା ସାନାଙ୍କ ଅଧିନାୟିକତ୍ୱରେ ପାକିସ୍ତାନ ଦଳ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବା ଆଶାରେ ପଡ଼ିଆକୁ ଓହ୍ଲାଇବ। ନିଦା ଦାର୍‌ଙ୍କ ଭଳି ଅଭିଜ୍ଞ ସ୍ପିନରଙ୍କ ଉପରେ ପାକିସ୍ତାନର ବୋଲିଂ ନିର୍ଭର କରିବ। ଏହି ମ୍ୟାଚ୍‌ରେ ଭାରତୀୟ ଟପ୍-ଅର୍ଡର ବ୍ୟାଟ୍ସମ୍ୟାନ୍ ଏବଂ ପାକିସ୍ତାନର ସ୍ପିନରଙ୍କ ମଧରେ କଡ଼ା ମୁକାବିଲା ଦେଖିବାକୁ ମିଳିବ।



**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
ସ୍ଥାନ: ଏଜ୍‌ବାଷ୍ଟନ୍, ବର୍ମିଂହାମ
ସିଧାପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ ଓ ଜିଓହଟ୍‌ଷ୍ଟାର୍

# ଇଂଲଣ୍ଡ-୨୧୯/୧ : ମହିଳା ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ସ୍କୋର



ଡାନି ଓ୍ବାଟ୍-ହଜ୍

ଏଜ୍‌ବାଷ୍ଟନ୍,୧୩।୬(ଏଜେନ୍ସି)

ମହିଳା ଟି-୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ମହିଳା ଦଳ ସର୍ବାଧିକ ଦଳଗତ ସ୍କୋର ସହ ଏକ ଚମତ୍କାର ବିଜୟ ହାସଲ କରିଛି। ଓପନର୍ ଡାନି ୱାଟ୍-ହଜ୍ ୬୨ ବଲ୍‌ରେ ଅପରାଜିତ ୧୦୫ ରନ୍ କରି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲାବେଳେ ଇଂଲଣ୍ଡକୁ ୮୭ ରନ୍‌ରେ ପରାସ୍ତ କରିଛି। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧ ୱିକେଟରେ ୨୧୯ ରନ୍ କରିଥିଲା। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବୋଚ୍ଚ ସ୍କୋର ଅଟେ। ଜବାବରେ ୨୨୦ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ମହିଳା ଦଳ ୧୯.୫ ଓଭରରେ ମାତ୍ର ୧୩୨ ରନ୍ କରି ସମସ୍ତ ଉଇକେଟ୍ ହରାଇଥିଲା। ଇଂଲଣ୍ଡର ୨୧ ବର୍ଷୀୟା ବାମହାତୀ ବୋଲର ଫରେୟା କେମ୍ପ ମାତ୍ର ୨୧ ରନ୍ ଦେଇ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ୍ ନେଇଥିଲେ।

### ସ୍କଟଲ୍ୟାଣ୍ଡର ଐତିହାସିକ ବିଜୟ

ମାଞ୍ଚେଷ୍ଟର,୧୩।୬(ଏଜେନ୍ସି): ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-୨ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ ଏକ ଚମତ୍କାର ପ୍ରଦର୍ଶନ କରି ଆୟରଲ୍ୟାଣ୍ଡକୁ ୪୦ ରନ୍‌ରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ନିଜର ପଞ୍ଚମ ପ୍ରୟାସରେ ସ୍କଟଲ୍ୟାଣ୍ଡ ପ୍ରଥମ ଥର ପାଇଁ ବିଜୟ ସ୍ୱାଦ ଚାଖିଥିବାବେଳେ ଆୟର୍ଲାଣ୍ଡର କ୍ରମାଗତ ୧୮ତମ ପରାଜୟର କ୍ରମ ଜାରି ରହିଛି। ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୫ ୱିକେଟରେ ୧୬୧ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ଦଳ ୧୯.୧ ଓଭରରେ ମାତ୍ର ୧୨୧ ରନ୍ କରି ଅଲଆଉଟ ହୋଇଥିଲା। ସ୍କଟଲ୍ୟାଣ୍ଡ ପକ୍ଷରୁ ଅଧିନାୟିକା କ୍ୟାଥରିନ୍ ବ୍ରାଇସ୍ (୬୦ ରନ୍, ୩୯ ବଲ୍) ଏବଂ ସାରା ବ୍ରାଇସ୍ ୪୯ ରନ୍‌ର ଇନିଂସ ଖେଳିଥିଲେ। ସ୍ପିନର କିର୍‌ଷ୍ଟି ଗୋର୍ଡନ ଓ କ୍ୟାଥରିନ୍ ଫ୍ରେଜର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ୬୫ ରନ୍‌ରେ ଜିତିଲା ଅଷ୍ଟ୍ରେଲିଆ

ମାଞ୍ଚେଷ୍ଟର: ଫୋଏବି ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ଓ ସ୍ପିନରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ତାହାର ପ୍ରଥମ ଗ୍ରୁପ୍-ଏ' ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬୫ ରନ୍‌ରେ ହରାଇ ବିଜୟଅଭିଯାନ ଆରମ୍ଭ କରିଛି। ଲିଚ୍‌ଫିଲ୍ଡ ୨୪ ବଲ୍‌ରେ ୫୦, ଏଲିସେ ପେରୀ ୩୬, ଜର୍ଜିଆ ୱେୟାରହାମ୍ ୩୨ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟରେ ୧୭୨ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୪ ଓଭରରେ ୧୦୭ ରନ୍ କରିଅଲଆଉଟ ହୋଇଥିଲା। କେବଳ ଅଧିନାୟିକା ଲୌରା ୱଲଭାର୍ଟ ୪୪ ରନ୍ କରିଥିଲେ। ଅଷ୍ଟ୍ରେଲିଆର ସ୍ପିନରମାନେ ୮ଟି ୱିକେଟ ପାଇଥିଲେ। ଜର୍ଜିଆ ସର୍ବାଧିକ ୩ଟି, ଆଲାନ କିଙ୍ଗ ଓ ସୋଫି ମୋଲିନେକ୍ସଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
MARKETING EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS